# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଜୁଲାଇ ୯/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Rayagada, Saturday, July 9/2022 | Page 14 | ₹ 7.00 | ★

୧୨ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ପ୍ରଣୟ୍ ସେମିଫାଇନାଲରେ**

ଏଚ୍.ଏସ୍. ପ୍ରଣୟ୍ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୨



୧୦

**ପିମ୍ପୁଡ଼ି ଖାଇଲେ ରଣବୀର**

ଅଭିନେତା ରଣବୀର ସିଂ ଦୁଃସାହସିକ ପରିଭ୍ରମଣକାରୀ ବିୟର ଗିଲ୍ସଙ୍କ ସହ ଜଙ୍ଗଲରେ ପିମ୍ପୁଡ଼ି ଖାଇବାର ଅନୁଭୂତି ବଖାଣିଛନ୍ତି।




# ଶିଞ୍ଜୋ ଆବେଙ୍କୁ ଗୁଳିକରି ହତ୍ୟା

## ନିର୍ବାଚନୀ ଭାଷଣ ବେଳେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣ

- **ଅଭିଯୁକ୍ତ ନୌସେନାର ପୂର୍ବତନ କର୍ମଚାରୀ ଗିରଫ**
- **ହତ୍ୟା ପରେ ଚାଇନାରେ ଉତ୍ସବ**
- **ଭାରତରେ ଆଜି ରାଷ୍ଟ୍ରୀୟ ଶୋକ**

**ଟୋକିଓ/ନୂଆଦିଲ୍ଲୀ,୮।୭**

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସବୁଠୁ ପ୍ରଭାବଶାଳୀ ନେତା ଶିଞ୍ଜୋ ଆବେଙ୍କୁ ଶୁକ୍ରବାର ଜଣେ ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ନାରା ସହରରେ ନିର୍ବାଚନୀ ପ୍ରଚାର ପାଇଁ ଭାଷଣ ଦେଉଥିବାବେଳେ ଜଣେ ବନ୍ଧୁକଧାରୀ ପଛପଟୁ ତାଙ୍କୁ ଦୁଇ ରାଉଣ୍ଡ ଗୁଳି କରିଥିଲେ। ଛାତି ଓ ବେକରେ ଗୁଳି ବାଜିବା ପରେ ଚାହୁଁ ଚାହୁଁ ଆବେ ଚେତାଶୂନ୍ୟ ହୋଇ ହୃଦ୍‌ଘାତରେ ଟଳିପଡ଼ିଥିଲେ। ତାଙ୍କୁ ମେଡିକାଲ୍ ଆମ୍ବୁଲାନ୍ସରେ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା। ଆବେଙ୍କୁ ବଞ୍ଚାଇବା ପାଇଁ ଡାକ୍ତରୀ ଟିମ୍ ଯଥାସାଧ୍ୟ ଉଦ୍ୟମ କରିଥିଲେ। କିନ୍ତୁ ଶରୀରରୁ ପ୍ରବଳ ରକ୍ତସ୍ରାବ ହୋଇଥିବାରୁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଆବେଙ୍କ ହତ୍ୟାକାଣ୍ଡ କେବଳ ଜାପାନ ନୁହେଁ, ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱର ଅନେକ ନେତା ଏହାକୁ ନିନ୍ଦା କରିବା ସହ ଆବେଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି। ଭାରତ-ଜାପାନ ସମ୍ପର୍କକୁ ମଜଭୁତ କରି ଏକ ନୂଆ ସ୍ତରକୁ ନେଇଥିବା ଏହି ରାଷ୍ଟ୍ରନୀତିଜ୍ଞଙ୍କ ସମ୍ମାନରେ ଶନିବାର ଭାରତରେ ଦିନିକିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ। ଏହି ଅବସରରେ ଦେଶର ସବୁ ସ୍ଥାନରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଆବେଙ୍କୁ ଗୁଳି କରିଥିବା ବ୍ୟକ୍ତିଙ୍କୁ ତତ୍କାଳ ଗିରଫ କରାଯାଇଛି। ୟାମାଗାମି ତେତ୍‌ସୁୟା ନାମକ ୪୧ ବର୍ଷୀୟ ହତ୍ୟାକାରୀ ଜାପାନ ନୌସେନାର ଜଣେ ପୂର୍ବତନ କର୍ମଚାରୀ ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡ ପଛର କାରଣ ଖୋଜିବା ପାଇଁ ସ୍ଥାନୀୟ ପୋଲିସ, ଆଇନ ପ୍ରବର୍ତ୍ତନକାରୀ ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତନାଘନା ଆରମ୍ଭ କରିଛନ୍ତି।

ଲିବରାଲ ଡେମୋକ୍ରାଟିକ୍ ପାର୍ଟି (ଡିଏଲ୍‌ପି)ର ୬୭ ବର୍ଷୀୟ ସିଞ୍ଜୋ ଆବେ ପ୍ରଥମେ ୨୦୦୬ରୁ ୨୦୦୭ ପର୍ଯ୍ୟନ୍ତ ଜାପାନ ପ୍ରଧାନମନ୍ତ୍ରୀ ଥିଲେ। ସେ ୨୦୧୨ରୁ ୨୦୨୦ ଯାଏ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବା ପରେ ସ୍ୱାସ୍ଥ୍ୟଗତ କାରଣରୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜାପାନ ଇତିହାସରେ ଆବେ ଥିଲେ ସର୍ବାଧିକ ସମୟ ଶାସନ କରିଥିବା ପ୍ରଧାନମନ୍ତ୍ରୀ। ଦେଶରେ ରବିବାର ହେବାକୁ ଥିବା ଉଚ୍ଚ ସଦନର ନିର୍ବାଚନ ଲାଗି ଆବେ ଗୁରୁବାର ପଶ୍ଚିମ ଜାପାନର ନାରା ସହରରେ ପୂର୍ବାହ୍ନରେ ଶାସକ ଡିଏଲ୍‌ପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ସେ ସ୍ଥାନୀୟ ସମୟ ୧୧ଟା ୩୦ (ଭାରତୀୟ ସମୟ ସକାଳ ପ୍ରାୟ ୮ଟାରେ) ଏକ ରେଳ ଷ୍ଟେଶନ ବାହାରେ ପଥପ୍ରାନ୍ତରେ ନିର୍ବାଚନୀ ସଭାକୁ ସମ୍ବୋଧନ କରୁଥିଲେ। ଏତିକି ବେଳେ ହଠାତ୍ ଗୁଳି ଫୁଟିବାର ଶବ୍ଦ ଶୁଭିଥିଲା। ବନ୍ଧୁକଧାରୀ ଆବେଙ୍କୁ ପଛପଟୁ ଗୁଳି କରିଥିଲେ। ଆବେ ପଛକୁ ଅନାଇ ଦେଖିବା ପରେ ତାଙ୍କ ଛାତି ଓ ବେକରେ ଦୁଇଟି ଗୁଳି ବାଜିଥିଲା। ଆବେଙ୍କ ସୁରକ୍ଷା କର୍ମୀମାନେ ଧୂସର ଶାର୍ଟ ପରିହିତ ଆକ୍ରମଣକାରୀଙ୍କୁ ତତ୍କାଳ କାବୁ କରିଥିଲେ। ତାଙ୍କଠାରୁ ଏକ ଡବଲ ବ୍ୟାରେଲ ଦେଶୀ ବନ୍ଧୁକ ଜବତ କରାଯାଇଛି। ଅଧିକ ପ୍ରମାଣ ସଂଗ୍ରହ ପାଇଁ ବିସ୍ଫୋରକ ନିରୋଧୀ ଟିମ୍ ମେରିଟାଇମ୍ ସେଲ୍ଫ ଡିଫେନ୍ସ ଫୋର୍ସର ଏହି ପୂର୍ବତନ ସଦସ୍ୟ ୟାମାଗାମି ତେତ୍‌ସୁୟାଙ୍କ ଘରେ ଚଢ଼ାଉ କରିଛି। ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ୟାମାଗାଟାରେ ନିଜ ନିର୍ବାଚନୀ ସଭା ବାତିଲ କରି ସଙ୍ଗେ ସଙ୍ଗେ ରାଜଧାନୀ ଟୋକିଓକୁ ଫେରିଥିଲେ। ଅନ୍ୟ ମନ୍ତ୍ରୀମାନଙ୍କୁ ମଧ୍ୟ ଟୋକିଓ ଫେରିଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଟୋକିଓରେ କିଶିଦା ଆବେଗପୂର୍ଣ୍ଣ ଭାଷଣ ☞ପୃଷ୍ଠା-୪



ଶିଞ୍ଜୋ ଆବେ

# ଆଜି ଶ୍ରୀମନ୍ଦିରକୁ ବାହୁଡ଼ିବେ ଦାରୁଦିଅଁ

**ପୁରୀ ଅଫିସ,୮।୭**

ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଶେଷ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସରିବା ପରେ ଶନିବାର ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ବାହୁଡ଼ିବେ ଚତୁର୍ଦ୍ଧା ବିଗ୍ରହ। ଏଥିପାଇଁ ରଥ-ପଥ ସବୁ ପ୍ରସ୍ତୁତ। ତିନିରଥ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ। ଗୋଟିଏ ପଟେ ବୈଷୟିକ ଟିମ୍ ରଥ ଯାଞ୍ଚ କାର୍ଯ୍ୟ ଶେଷ କରିଥିବା ☞ପୃଷ୍ଠା-୪

# ଅମରନାଥରେ ବାଦଲଫଟା ବର୍ଷା: ୧୫ମୃତ

**ଶ୍ରୀନଗର,୮।୭**

ଜମ୍ମୁ-କଶ୍ମୀର ଅମରନାଥରେ ବାଦଲଫଟା ବର୍ଷା ଯୋଗୁ ଶୁକ୍ରବାର ୧୫ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ତୀର୍ଥସ୍ଥଳରେ ତିଆରି ହୋଇଥିବା ଟେଣ୍ଟ୍ ହାଉସ୍ ଓ ଅସ୍ଥାୟୀ ରୋଷଶାଳ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଘଟଣାସ୍ଥଳରେ ବର୍ଷା ଲାଗିରହିଛି। ଆହତମାନଙ୍କୁ ଏୟାର ଲିଫ୍ଟ ଜରିଆରେ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସମାଧାନର ବାଟ**




ନବୀନ ନିବାସରେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

# ଦ୍ରୌପଦୀଙ୍କ ଭୋଟ ନିବେଦନ

**ଭୁବନେଶ୍ୱର,୮।୭(ବ୍ୟୁରୋ)**

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନିଜ ସପକ୍ଷରେ ଭୋଟ ମାଗିବା ପାଇଁ ଦିନିକିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ଏମ୍‌ପି ଓ ବିଧାୟକମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ବିଜେଡି ବିଧାୟକ ଓ ଏମ୍‌ପିଙ୍କ ସହ ଆଲୋଚନା କଲାବେଳେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଇ ସମ୍ବୋଧନ କରିବା ସହ ରାଖୀର ପାଉଣା ମାଗିବା ପୂର୍ବରୁ ସେ ଦେଇଦେଲେ ବୋଲି କହିଛନ୍ତି। ବିଧାନସଭାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ଓ ବିଜେଡି ବିଧାୟକମାନେ ମୁର୍ମୁଙ୍କୁ ☞ପୃଷ୍ଠା-୪


ଚିକିତ୍ସା ପାଇଁ ପତଞ୍ଜଳି ୱେଲ୍‌ନେସ୍ ସହିତ ଯୋଗାଯୋଗ କରନ୍ତୁ

8954666111, 8954666222, 8954666333, 8954666444

PATANJALI® wellness
Yoga, Ayurveda & Naturopathy

**ଔଷଧ ଉଦ୍ୟୋଗ ଦ୍ୱାରା ଏକ ବଡ଼ ମିଛ ବ୍ୟାପ୍ତ କରାଯାଇଛି ଯେ, ଆପଣ ରକ୍ତଚାପ, ଶର୍କରା, ଥାଇରଏଡ୍, ଆଜ୍‌ମା, ପାଚନ ବିକାର, ଚର୍ମ ଓ ଆଖି ସମ୍ବନ୍ଧୀୟ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ କିନ୍ତୁ ତାହାକୁ ମୂଳରୁ ନାଶ କରାଯାଇପାରିବ ନାହିଁ।**

ଆମେ ପତଞ୍ଜଳି ୱେଲ୍‌ନେସ୍‌ରେ ଯୋଗ, ଆୟୁର୍ବେଦ, ନାଚୁରୋପାଥି, ପଞ୍ଚ କର୍ମ, ଷଟ୍‌କର୍ମ, ଜଳନେତୀ, ସୂତ୍ରନେତୀ, ରକ୍ତ ମୋକ୍ଷଣ, ଶିରୋଧାରା, ଅକ୍ଷିତର୍ପଣ, ମେଡିକେଟେଡ୍ ଏନେମା, ମେଡିକେଟେଡ୍ ମସାଜ୍, କାଇରୋପ୍ରାକ୍ଟିକ୍, ଆକ୍ୟୁପ୍ରେଶର, ଆକ୍ୟୁପଙ୍କଚର୍, ଯଜ୍ଞ ଥେରାପି, ମେଡିକେଟେଡ୍ ୱାଟର୍ ଓ ମେଡିକେଟେଡ୍ ଫାଷ୍ଟିଂ ସହିତ ଉପକାରର 500ରୁ ଅଧିକ ବୈଜ୍ଞାନିକ ଥେରାପି ତଥା ଆହାର ଚିକିତ୍ସା ଦ୍ୱାରା ଯେଉଁ କାରଣରୁ ଏହି ଲାଇଫ୍‌ଷ୍ଟାଇଲ୍ ରୋଗ ହେଉଛି, ସେହି କାରଣଗୁଡ଼ିକର ନିବାରଣ କରି ଏହି ରୋଗରେ ପୀଡ଼ିତ କୋଟି କୋଟି ଲୋକଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିଛୁ। ଯଦି ଆପଣଙ୍କ ପରିବାରରେ କୌଣସି ବ୍ୟକ୍ତି ଏହି ରୋଗରେ ପୀଡ଼ିତ ଅଛନ୍ତି, ତେବେ ଆପଣ ପତଞ୍ଜଳି ୱେଲ୍‌ନେସ୍, ପତଞ୍ଜଳି ଯୋଗପୀଠରେ ତାଙ୍କୁ ସପ୍ତାହେ ପାଇଁ ପଠାଇ ଏହିସବୁ ରୋଗରୁ ମୁକ୍ତି ଦେଇପାରନ୍ତି।




ବି.ପି. ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ସୁଗାର୍ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ଥାଇରଏଡ୍ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ଆର୍ଥରାଇଟିସ୍ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ଲିଭର୍ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ

ମସ୍ତିଷ୍କ ରୋଗ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ହୃଦୟ ଓ କୋଲେଷ୍ଟରଲ୍ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ଇନ୍‌ଫର୍ଟିଲିଟି ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ଆଖି ଏବଂ କାନ ରୋଗଗୁଡ଼ିକ ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ | ଶ୍ୱସନତନ୍ତ୍ର ସମ୍ବନ୍ଧୀୟ ସମସ୍ୟା ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ

Divya® SCIENTIFIC AYURVED

ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (PRI) ଦ୍ୱାରା କ୍ଲିନିକାଲ କଣ୍ଟ୍ରୋଲ ଟ୍ରାଏଲ୍ ପରେ ପ୍ରସ୍ତୁତ ଗବେଷଣା ଏବଂ ପ୍ରମାଣ ଆଧାରିତ ଔଷଧଗୁଡ଼ିକ ବିଷୟରେ ଜାଣିବା ଓ ବୁଝିବା ତଥା 500 ରୁ ଅଧିକ ଗବେଷଣା ବିଷୟ ଏବଂ ଅନ୍ତର୍ଜାତୀୟ ପ୍ରକାଶନ ତଥା ପୁସ୍ତକକୁ ପଢ଼ିବା ପାଇଁ, ଦୟାକରି ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.patanjali.res.in


ଯୋଗ, ଆୟୁର୍ବେଦ ଏବଂ ନାଚୁରୋପାଥି ସହିତ ନିଜର ସବୁ ରୋଗର ସମାଧାନ ପାଇବା ପାଇଁ ଯୋଗ ଋଷି ସ୍ୱାମୀ ରାମଦେବଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ ନିଶ୍ଚୟ କରନ୍ତୁ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ବିଷୟରେ ପ୍ରାମାଣିକ ଜ୍ଞାନ ପ୍ରାପ୍ତ କରନ୍ତୁ ତଥା ଅସାଧ୍ୟ ରୋଗରୁ ମୁକ୍ତିର ପ୍ରମାଣ ପ୍ରତିଦିନ ଆସ୍ଥା ଲାଇଭ୍‌ରେ ଦେଖନ୍ତୁ।

आस्था LIVE — ଦୈନିକ ସକାଳ 5.00ରୁ 7.30 ଓ ରାତି 8.00 ଘଟିକାରେ | INDIA TV — ଦୈନିକ ସକାଳ 7.56 ଘଟିକା

ଦିବ୍ୟ ଓ ପତଞ୍ଜଳିର ସମସ୍ତ ଉତ୍ପାଦ ଓ ଔଷଧ ପତଞ୍ଜଳି ଷ୍ଟୋର୍ସ, ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଓ ବଡ଼ ଷ୍ଟୋର୍ସରେ ଉପଲବ୍ଧ | Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

**ହେମନ୍ତ ସୋରେନଙ୍କ ସହଯୋଗୀଙ୍କ ଘରେ ଇଡି ଚଢ଼ାଉ**

ମନି ଲଣ୍ଡରିଂ ମାମଲାରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହଯୋଗୀ ପଙ୍କଜ ମିଶ୍ରାଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଝାଡ଼ଖଣ୍ଡର ସାହିବଗଞ୍ଜ ଜିଲା ଏବଂ ବରହେଟ, ରାଜମହଲ ସହରର ପାଖାପାଖି ୧୮ଟି ସ୍ଥାନରେ ଏହି ଚଢ଼ାଉ ହୋଇଛି।



ପଶ୍ଚିମ ଜାପାନର ନାରା ସହରରେ ଶିଞ୍ଜୋ ଆବେଙ୍କୁ ଗୁଳି କରାଯାଇଥିବା ସ୍ଥାନର ଆକାଶମାର୍ଗରୁ ଉତ୍ତୋଳିତ ଫଟୋ।



ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ।

# ଜାପାନ ମର୍ମାହତ, ବିଶ୍ୱ ସ୍ତବ୍ଧ

ଟୋକିଓ,୮।୭

ବିଶ୍ୱର ସର୍ବାଧିକ ସୁରକ୍ଷିତ ଦେଶ ଜାପାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ହତ୍ୟା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଜାପାନବାସୀ ନିଜ ପ୍ରିୟ ନେତାଙ୍କୁ ହରାଇ ମର୍ମାହତ ହୋଇଯାଇଛନ୍ତି। ଏହାକୁ ବିଶ୍ୱ ସମୁଦାୟ କଡ଼ା ନିନ୍ଦା କରିଛି। ହତ୍ୟା ବେଳର ଦୃଶ୍ୟ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ବହୁଳ ପ୍ରସାରିତ ହୋଇଥିବାବେଳେ ଫେସ୍‌ବୁକ୍ ଓ ଟୁଇଟର ଏହାକୁ ହଟାଇଦେଇଛନ୍ତି। ଇନ୍‌ଷ୍ଟାଗ୍ରାମରୁ ମଧ୍ୟ ବିଚଳିତ କରିଦେବା ଭଳି ଏହି ଦୃଶ୍ୟକୁ ବାଦ୍ ଦିଆଯାଇଥିବା

## ହତ୍ୟାବେଳର ଦୃଶ୍ୟ ହଟାଇଲେ ଫେସ୍‌ବୁକ୍, ଟୁଇଟର

ମେଟା ପକ୍ଷରୁ କୁହାଯାଇଛି।

ଇରାନ ଏହି ଆକ୍ରମଣକୁ ଆତଙ୍କବାଦୀଙ୍କ କାର୍ଯ୍ୟ ଭାବେ ଅଭିହିତ କରିଥିବାବେଳେ ସ୍ପେନ୍ ଏକ ଭୀରୁ ପଦକ୍ଷେପ ବୋଲି କହିଛି। ତୁର୍କୀରୁ ନେଇ ସିଙ୍ଗାପୁର ପର୍ଯ୍ୟନ୍ତ ନେତାମାନେ ଏହି ଗୁଳିକାଣ୍ଡକୁ ନିନ୍ଦା କରିଛନ୍ତି। ବ୍ରିଟେନର କାମଚଳା ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କହିଛନ୍ତି, ଶିଞ୍ଜୋ ଆବେ ଜଣେ ବିଶ୍ୱ ନେତା ଥିଲେ। ତାଙ୍କ ନେତୃତ୍ୱକୁ ସମସ୍ତେ ମନେରଖିବେ। ଏହି ଅନ୍ଧକାର ସମୟରେ ଆବେଙ୍କ ପରିବାର ଓ ଜାପାନବାସୀଙ୍କ ସହ ବ୍ରିଟେନ ଛିଡ଼ା ହୋଇଛି।

ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଜାପାନ ଆତଙ୍କବାଦର ଶିକାର ହୋଇ ଏହାର ମହାନ ନେତାଙ୍କୁ ହରାଇଛି। ଆମେରିକା ଆବେଙ୍କ ମୃତ୍ୟୁ ଖବରରେ ସ୍ତବ୍ଧ ହୋଇଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡନ ଗଭୀର ଶୋକବ୍ୟକ୍ତ କରିଛନ୍ତି।



୨୦୧୯ ଜୁନ୍ ୨୮ରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତତ୍କାଳୀନ ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।



ଜାପାନର ନାରାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କୁ ଗୁଳି ଚଳାଇଥିବା ତେତ୍‌ସୁୟା ୟାମାଗାମିଙ୍କୁ ସୁରକ୍ଷା କର୍ମୀମାନେ କାବୁ କରିଛନ୍ତି।

## ଆବେଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ହତ୍ୟାକାରୀ

ଟୋକିଓ,୮।୭

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କୁ ନାରା ସହରରେ ଗୁଳି କରି ହତ୍ୟା କରିଥିବା ନୌସେନାର ପୂର୍ବତନ ସଦସ୍ୟ ୟାମାଗାମି ତେତ୍‌ସୁୟା ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ଏଥିପାଇଁ ସେ ତାଙ୍କୁ ହତ୍ୟା କରିଥିବା ଜାପାନ ପୋଲିସ ଜାଣିବାକୁ ପାଇଛି।

## ଜାପାନରେ ବିଶିଷ୍ଟ ବ୍ୟକ୍ତିଙ୍କୁ ଗୁଳି

**ଜାପାନରେ ବନ୍ଧୁକ ହିଂସା ବିରଳ। ଦେଶରେ ବନ୍ଧୁକ ନିୟନ୍ତ୍ରଣ ପାଇଁ କଡ଼ା ଆଇନ ଥିବାରୁ ଲାଇସେନ୍ସ ସହଜରେ ମିଳି ନ ଥାଏ। ତେଣୁ ଅନେକ ସମୟରେ ଆତତାୟୀମାନେ ଆକ୍ରମଣ ପାଇଁ ଦେଶୀ ବନ୍ଧୁକ ବ୍ୟବହାର କରିଥାଆନ୍ତି।**

**୧୯୯୦:** ତତ୍କାଳୀନ ନାଗାସାକି ମେୟର ମୋଟୋଶିମା ହିତୋଶିଙ୍କୁ ଜଣେ ଦକ୍ଷିଣପନ୍ଥୀ ଗୁଳି କରିଥିଲେ।

**୧୯୯୨:** ଲିବରାଲ ଡେମୋକ୍ରାଟିକ୍ ପାର୍ଟିର ତତ୍କାଳୀନ ଉପାଧ୍ୟକ୍ଷ କାନେମାରୁ ଶିନ୍ ଟୋଚିଗିରେ ଭାଷଣ ଦେଉଥିବାବେଳେ ଗୁଳିମାଡ଼ରେ ଆହତ ହୋଇଥିଲେ।

**୧୯୯୪:** ପୂର୍ବତନ ପ୍ରଧାନମନ୍ତ୍ରୀ ହୋସୋକାୱା ମୋରିହିରୋଙ୍କୁ ଟୋକିଓର ଏକ ହୋଟେଲରେ ଗୁଳିମାଡ଼ ହୋଇଥିଲା। କିନ୍ତୁ ସେ ବର୍ତ୍ତିଯାଇଥିଲେ।

**୧୯୯୫:** ନ୍ୟାଶନାଲ ପୋଲିସ ଏଜେନ୍ସି କମିଶନର ଜେନେରାଲ କୁନିମାତ୍‌ସୁଙ୍କୁ ତାଙ୍କ ଟୋକିଓସ୍ଥିତ ବାସଭବନ ସମ୍ମୁଖରେ ଗୁଳିମାଡ଼ ହୋଇଥିଲା।

**୨୦୦୭:** ନାଗାସାକି ମେୟର ଇଟୋ ଇଟ୍‌ଚୋଙ୍କୁ ଏକ ଆପରାଧିକ ଗୋଷ୍ଠୀ ସଦସ୍ୟ ଗୁଳି କରିଥିଲେ।

## ଆବେଙ୍କ କ୍ୟାରିୟର

**୧୯୫୪ ସେପ୍ଟେମ୍ବର ୨୧:** ଜାପାନର ଏକ ପ୍ରତିଷ୍ଠିତ ରାଜନୈତିକ ପରିବାରରେ ଶିଞ୍ଜୋ ଆବେଙ୍କ ଜନ୍ମ। ବାପା ଶିନ୍‌ତାରୋ ଆବେ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ ଜେଜେବାପା ନୋବୁସୁକେ କିଶି ପ୍ରଧାନମନ୍ତ୍ରୀ ହୋଇଥିଲେ।

**୧୯୭୭:** ଟୋକିଓର ସେଇକେଇ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ ପରେ ଆମେରିକା ଯାଇ ସାଉଥ୍ କାରୋଲିନା ୟୁନିଭର୍ସିଟିରେ ପବ୍ଲିକ୍ ପଲିସି ଉପରେ ଅଧ୍ୟୟନ କରିଥିଲେ।

**୧୯୭୯:** କୋବେ ଷ୍ଟିଲ୍ ବିଦେଶରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ଏହି କମ୍ପାନୀରେ ସିଞ୍ଜୋ ଆବେ କାର୍ଯ୍ୟ କରିଥିଲେ।

**୧୯୮୨:** ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଶାସକ ଲିବରାଲ ଡେମୋକ୍ରାଟିକ୍ ପାର୍ଟିରେ ନୂଆ ଭୂମିକା ପାଇଁ କମ୍ପାନୀ ଚାକିରି ଛାଡ଼ିଥିଲେ।

**୧୯୯୩:** ୟାମାଗୁଚିରୁ ପ୍ରଥମ ଥର ପାଇଁ ଜାପାନ ସଂସଦକୁ ନିର୍ବାଚିତ ହୋଇଥିଲେ। ଶାସକ ଦଳରେ ପ୍ରଭାବ ବଢ଼ିଚାଲିଲା। ବାପା ଶିନ୍‌ତାରୋ ଆବେ ୧୯୯୧ରେ ମୃତ୍ୟୁ ପୂର୍ବରୁ ନେତୃତ୍ୱ ନେଇଥିବା ସେଇୱାକାଇ ଗୋଷ୍ଠୀର ମଙ୍ଗ ଧରିଥିଲେ ଆବେ।

**୨୦୦୫:** ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ଅଧୀନରେ ଆବେ କ୍ୟାବିନେଟ ସେକ୍ରେଟାରି ନିଯୁକ୍ତ ହୋଇ ଉତ୍ତର କୋରିଆରୁ ଜାପାନ ନାଗରିକଙ୍କୁ ପ୍ରତ୍ୟର୍ପିତ କରି ଆଣିବାରେ ମୁଖ୍ୟ ଭୂମିକା ନେଇଥିଲେ। ସେହିବର୍ଷ ଏଲ୍‌ଡିପିର ନେତା ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ହୋଇଥିଲେ।

**୨୦୦୬ ସେପ୍ଟେମ୍ବର ୨୬:** ଆବେ ପ୍ରଥମ ଥର ପାଇଁ ଜାପାନର ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିଲେ। ଏହି ସମୟରେ ଦେଶରେ ଅନେକ ଆର୍ଥିକ ସଂସ୍କାର ଆଣି ଉଚ୍ଚ ପ୍ରଶଂସିତ ହୋଇଥିଲେ।

**୨୦୦୭:** ସାଧାରଣ ନିର୍ବାଚନରେ ଏଲ୍‌ଡିପିର ପରାଜୟ ଯୋଗୁ ଦୀର୍ଘ ୫୨ ବର୍ଷ ପରେ ଏହି ଦଳ ହାତରୁ ଶାସନ କ୍ଷମତା ଯାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ଆବେ ଇସ୍ତଫା ଦେଇଥିଲେ।

**୨୦୧୨:** ପୁନର୍ବାର ଏଲ୍‌ଡିପି ନେତା ନିର୍ବାଚିତ ହୋଇ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ।

**୨୦୧୩:** ଅଭିବୃଦ୍ଧିକୁ ଗତି ଦେବାକୁ ଯାଇ ଆବେ ନିଜ 'ଆବେନୋମିକ୍ସ' ନୀତି ଆରମ୍ଭ କରିଥିଲେ। ଏହାଦ୍ୱାରା ଅନେକ ଢାଞ୍ଚାଗତ ସଂସ୍କାର ଅଣାଯାଇପାରିଥିଲା। ଚାଇନା ସହ ଜାପାନର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିବାବେଳେ ଆବେଙ୍କ ଅମଳରେ ଏଥିରେ ସୁଧାର ଦେଖିବାକୁ ମିଳିଥିଲା। ବେଜିଂରେ ଆୟୋଜିତ ଏପିଇସି ସମିଟ୍‌ରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ଆବେ ଉଦ୍ୟମ କରିଥିଲେ।

**୨୦୧୪-୨୦୨୦:** ଏଲ୍‌ଡିପିର ନେତା ଭାବେ ପୁନଃ ନିର୍ବାଚିତ ହୋଇ ଅତିରିକ୍ତ ଦୁଇଟି ପାଳି ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହି ସମୟରେ ସେ ଆମେରିକାର ନିକଟତର ହୋଇ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକାଧିକ ସମ୍ମିଳନୀରେ ସାମିଲ ହୋଇଥିଲେ।

**୨୦୨୦ ଅଗଷ୍ଟ ୨୮:** ଅଲ୍‌ସେରେଟିଭ୍ ରୋଗରେ ଆକ୍ରାନ୍ତ ଆବେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। ସେତେବେଳେ ସେ ଜାପାନକୁ ସର୍ବାଧିକ ସମୟ ଶାସନ କରିଥିବା ପ୍ରଧାନମନ୍ତ୍ରୀ ମାନ୍ୟତା ପାଇସାରିଥିଲେ।

**୨୦୨୧:** ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ସତ୍ତ୍ୱେ ତାଇୱାନ୍ ପ୍ରସଙ୍ଗରେ ମନ୍ତବ୍ୟ ଦେଇ ଚାଇନାକୁ ଅଡୁଆରେ ପକାଇଥିଲେ। ସ୍ୱୟଂଶାସିତ ଦ୍ୱୀପ ତାଇୱାନକୁ ଚାଇନା ନିଜ ଭୂଖଣ୍ଡ ବୋଲି ଦାବିକରି ଆକ୍ରମଣ ଧମକ ଦେଉଥିବାବେଳେ ଆବେ ଚେତାଇଦେଇଥିଲେ, ବେଜିଂର ସାମରିକ ଦୁଃସାହସ ଆର୍ଥିକ ଆତ୍ମହତ୍ୟାର କାରଣ ସାଜିବ।



୨୦୧୮ ଅକ୍ଟୋବର ୨୮ରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି। ଦୁଇନେତା ଏକ୍ସପ୍ରେସ୍ ଟ୍ରେନ୍ କାଇଜିରେ ୟାମାନାଶିରୁ ଟୋକିଓ ଯାତ୍ରା କରୁଛନ୍ତି।

## ଆତଙ୍କବାଦୀ ନିହତ, ଯବାନ ଶହୀଦ

ଶ୍ରୀନଗର,୮।୭

ଜମ୍ମୁ-କଶ୍ମୀର କୁପୱାରା ଜିଲାର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଅନୁପ୍ରବେଶବେଳେ ସେନା ଯବାନ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ଘଟଣାରେ ଜଣେ ଆତଙ୍କବାଦୀ ପ୍ରାଣ ହରାଇଥିବାବେଳେ ଜଣେ ସେନା ଯବାନ ଶହିଦ ହୋଇଛନ୍ତି। କେତେଜଣ ଆତଙ୍କବାଦୀ କଶ୍ମୀର ଜିଲା ଗୁରାନ ନାଲ୍ଲାହ ଆମରୋହି ଏଲ୍‌ଓସି ନିକଟରେ ଅନୁପ୍ରବେଶ ଉଦ୍ୟମ କରୁଥିବା ସ୍ଥାନୀୟ ପୋଲିସ କହିଛି। ତେବେ ମୃତ ଆତଙ୍କବାଦୀ ନିକଟରୁ ଏକେ ରାଇଫଲ, ୩ଟି ଏକେ ମାଗାଜିନ୍, ୨୦୦ ଏକେ ରାଉଣ୍ଡ ଗୁଳି , ୪ ପିସ୍ତଲ ସାଙ୍ଗକୁ ୪ଟି ହ୍ୟାଣ୍ଡ ଗ୍ରେନେଡ ପୋଲିସର ହସ୍ତଗତ ହୋଇଛି। ଘଟଣାସ୍ଥଳରେ ସେନା ଓ ପୋଲିସର ମିଳିତ ଉଦ୍ୟମରେ ସର୍ଚ୍ଚ ଅପରେଶନ୍ ଜାରି ରହିଛି।

## ଚୌବିନଙ୍କୁ ୨୧ ବର୍ଷ ଜେଲ୍

ୱାଶିଂଟନ,୮।୭

ଜର୍ଜ ଫ୍ଲଏଡଙ୍କ ହତ୍ୟା ଅଭିଯୋଗରେ ଆମେରିକା ସଂଘୀୟ ଅଦାଲତ ପୂର୍ବତନ ମିନିଆପଲିସି ପୋଲିସ ଅଫିସର ଡେରେକ ଚୌବିନଙ୍କୁ ଶୁକ୍ରବାର ୨୧ ବର୍ଷ ଜେଲ୍ ଦଣ୍ଡାଦେଶ କୋର୍ଟ ଶୁଣାଇଛନ୍ତି। ଫ୍ଲଏଡ୍‌ଙ୍କ ନାଗରିକତ୍ୱ ଅଧିକାର ଉଲଂଘନ ହୋଇଥିବା ସଂଘୀୟ ବିଚାରପତି କହିଛନ୍ତି। ୨୦୨୦ ମେ ୨୫ରେ ଦୋକାନରୁ ୨୦ ଡଲାର ଚୋରି ଅଭିଯୋଗରେ ମିନିଆପଲିସିର ଜଣେ ଷ୍ଟୋର ମ୍ୟାନେଜର ଫ୍ଲଏଡଙ୍କ ନାଁରେ ଅଭୀଯୋଗ ଆଣିଥିଲେ। ଏ ନେଇ କିଛି ପୋଲିସ ଅଧିକାରୀ ଦୋକାନରେ ପହଞ୍ଚି ଫ୍ଲଏଡଙ୍କୁ ଜୋର୍ ଜବରଦସ୍ତ ଧରି ନେଇଥିଲେ। ସେ ସମୟରେ ଚୌବିନ ତାଙ୍କ ଆଣ୍ଠୁରେ ତାଙ୍କ ଗଳାକୁ ଜୋର୍‌ରେ ଚାପି ଦେଇଥିଲେ ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଯାଇଥିଲା।



## ଆକାର ପଟେଲଙ୍କୁ ଇଡିର ୧୦ କୋଟି ଜରିମାନା

**ନୂଆଦିଲ୍ଲୀ,୮।୭:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ମନି ଲଣ୍ଡରିଂ ମାମଲାରେ ଶୁକ୍ରବାର ଆମ୍‌ନେଷ୍ଟି ଇଣ୍ଡିଆ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିଃ (ଏଆଇଆଇପିଏଲ୍) କୁ ୫୧.୭୨ କୋଟି ଏବଂ ଏହାର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆକାର ପଟେଲଙ୍କୁ ୧୦ କୋଟି ଟଙ୍କା ଜରିମାନା କରିଛି। ୨୦୧୯ରେ ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ବ୍ରିଟେନରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଏଆଇଆଇପିଏଲ୍ ଜରିଆରେ ବିପୁଳ ପରିମାଣର ବିଦେଶୀ ପାଣ୍ଠି ଗ୍ରହଣ କରିଥିବା ନେଇ ସୂଚନା ପାଇବା ପରେ ଇଡି ପକ୍ଷରୁ ତଦନ୍ତ କରାଯାଇଥିଲା। ଏଆଇଆଇପିଏଲ୍ ଫରେନ୍ କନ୍‌ଟ୍ରିବ୍ୟୁଶନ (ରେଗୁଲେଶନ୍) ଆକ୍ଟ (ଏଫ୍‌ସିଆର୍‌ଏ)ରେ ପଞ୍ଜୀକୃତ ନ ହୋଇ ବିଦେଶରେ ଏହି ଆର୍ଥିକ କାରବାର କରିଥିବା ଇଡି ଦର୍ଶାଇଛି।

## ଶିନ୍ଦେଙ୍କ ମୁଖ୍ୟମନ୍ତ୍ରିତ୍ୱକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୮।୭(ପି.ଟି.)

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ତାଙ୍କୁ ଭାଜପା ଏବଂ ଶିବସେନା ଓ ଅନ୍ୟ କେତେଜଣ ବିଧାୟକଙ୍କୁ ମିଶାଇ ୧୬୪ଜଣଙ୍କ ସମର୍ଥନ ମିଳିଛି। ତେବେ ତାଙ୍କ ମୁଖ୍ୟମନ୍ତ୍ରିତ୍ୱକୁ ଚ୍ୟାଲେଞ୍ଜ କରି ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ପକ୍ଷରୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରି ଆସନ୍ତା ୧୧ରେ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଅବକାଶକାଳୀନ ଖଣ୍ଡପୀଠ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ଜେ.କେ. ମାହେଶ୍ୱରୀ କହିଛନ୍ତି ଯେ, ୧୧ ତାରିଖ ପୂର୍ବରୁ ଉକ୍ତ ଆବେଦନକୁ ତାଲିକାଭୁକ୍ତ କରାଯିବ।

ଭାଜପା ସମର୍ଥନରେ ମେଣ୍ଟ ସରକାର ଗଢ଼ିବାକୁ ଶିନ୍ଦେଙ୍କୁ ରାଜ୍ୟପାଳ ନିମନ୍ତ୍ରଣ କରିବା ନିଷ୍ପତ୍ତିକୁ ଶିବସେନା ନେତା ସୁଭାଷ ଦେଶାଇଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ

### ୧୧ରେ ସୁପ୍ରିମକୋର୍ଟରେ ହେବ ଶୁଣାଣି

ଦେବଦତ୍ତ କାମାତ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆସନ୍ତା ୧୧ରେ ସୁପ୍ରିମ୍‌କୋର୍ଟରେ ହେବାକୁ ଥିବା ୧୬ ଶିବସେନା ବିଧାୟକଙ୍କ ସଭ୍ୟପଦ ରଦ୍ଦ ସଂକ୍ରାନ୍ତ ମାମଲାର ଶୁଣାଣି ସହିତ ଏହି ନୂଆ ଆବେଦନକୁ ତାଲିକାଭୁକ୍ତ କରିବା ନିମନ୍ତେ କୋର୍ଟରେ ନିବେଦନ କରାଯାଇଥିଲା ବୋଲି କାମାତ୍ କହିଛନ୍ତି। ଏହାସହ ଠାକ୍‌ରେ ଗୋଷ୍ଠୀ ପକ୍ଷରୁ ଗତ ୩ ଓ ୪ ତାରିଖ ବିଧାନସଭା ପ୍ରୋସିଡିଂକୁ ମଧ୍ୟ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସେହି ଦୁଇଦିନରେ ବାଚସ୍ପତି ନିର୍ବାଚନ ଏବଂ ଆସ୍ଥା ଭୋଟ ହୋଇଥିଲା। ଶିନ୍ଦେଙ୍କ ନେତୃତ୍ୱରେ ଶିବସେନାରେ ବିଦ୍ରୋହ ଯୋଗୁ ମହାରାଷ୍ଟ୍ରରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟିଥିଲା।

# ଜୁବୈରଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୮।୭

ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରିବା ଅଭିଯୋଗରେ ଗିରଫ ହୋଇଥିବା ଅଲ୍ଟ ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ ଖବରଦାତା ମହମ୍ମଦ ଜୁବୈରଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ସୁପ୍ରିମକୋର୍ଟ ଜୁବୈରଙ୍କୁ ୫ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ଇନ୍ଦ୍ରାଣୀ ବାନାର୍ଜୀ ଏବଂ ଜେ.କେ. ମାହେଶ୍ୱରୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ଜୁବୈର ସୋସିଆଲ ମିଡିଆ ଟୁଇଟରରେ କୌଣସି ପ୍ରକାର ପୋଷ୍ଟ କରିବାକୁ ବାରଣ କରାଯାଇଥିବାବେଳେ ପ୍ରମାଣ ନଷ୍ଟ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୁବୈରଙ୍କ ବିରୋଧରେ ସୀତାପୁରରେ ଦାଏର ଅଭିଯୋଗ ଉପରେ ଏହି ୫ ଦିନିଆ ଜାମିନ ପ୍ରଦାନ କରାଯାଇଛି।



ଜୁବୈରଙ୍କ ଆବେଦନ ନେଇ ଖଣ୍ଡପୀଠ ଉତ୍ତର ପ୍ରଦେଶ ସରକାରଙ୍କ ନିକଟକୁ ନୋଟିସ ଜାରି କରିଥିବାବେଳେ ମାମଲା ସଂକ୍ରାନ୍ତରେ ଆଗାମୀ ଶୁଣାଣି ଜୁଲାଇ ୧୨ରେ କରାଯିବ। ଧର୍ମୀୟ ଭାବନାକୁ ଆଘାତ ଦେବା ଅଭିଯୋଗରେ ହିନ୍ଦୁ ଶେର୍ ସେନା ଜିଲା ଅଧ୍ୟକ୍ଷ ଗଭୱାନ ଶରନଙ୍କ ପକ୍ଷରୁ ତାଙ୍କ ବିରୋଧରେ ଜୁନ୍ ୧ରେ ଉତ୍ତର ପ୍ରଦେଶ ସୀତାପୁର ଜିଲାରେ ଏଫ୍‌ଆଇଆର୍ ଦାଏର ହୋଇଥିଲା। ଏହାପରେ ଜୁବୈର ଟୁଇଟ୍‌କୁ କେନ୍ଦ୍ର କରି ଜୁନ୍ ୨୭ରେ ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଦିଲ୍ଲୀରେ ଜୁବୈରଙ୍କ ନାଁରେ ଏକାଧିକ ମାମଲା ଥିବାବେଳେ ବର୍ତ୍ତମାନ ସେ ନ୍ୟାୟିକ ହେପାଜତରେ ଅଛନ୍ତି। ଜାମିନ ପାଇଁ ଜୁବୈର ଆଲ୍ଲାହାବାଦ ହାଇକୋର୍ଟ ଏବଂ ସୀତାପୁର କୋର୍ଟରେ ଆବେଦନ କରିଥିଲେ ହେଁ ତାଙ୍କ ଜାମିନ ଖାରଜ କରାଯାଇଥିଲା।

## ରୋହିତଙ୍କ ବିରୋଧରେ ହେବନି କଡ଼ା କାର୍ଯ୍ୟାନୁଷ୍ଠାନ

ଘରୋଇ ଟିଭି ଚ୍ୟାନେଲ ଆଙ୍କର ରୋହିତ ରଞ୍ଜନଙ୍କ ବିରୋଧରେ କୌଣସି ରାଜ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନ ନେବାକୁ ଶୁକ୍ରବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ଜଷ୍ଟିସ୍ ଇନ୍ଦ୍ରାଣୀ ବାନାର୍ଜୀ, ଜେ.କେ ମାହେଶ୍ୱରୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ଜୁଲାଇ ୧ରେ କଂଗ୍ରେସ ଦଳ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ନେଇ ଚ୍ୟାନେଲରେ ପ୍ରସାରିତ ଭିଡିଓ ସଂକ୍ରାନ୍ତରେ କୌଣସି ରାଜ୍ୟ ପ୍ରଶାସନ ରୋହିତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ



ନେବା ସହ ଏ ସଂକ୍ରାନ୍ତରେ ତାଙ୍କୁ ଗିରଫ ନ କରାଯିବା ପାଇଁ ଖଣ୍ଡପୀଠ ଶୁଣାଣିବେଳେ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ମିଛ ଭିଡିଓ ପ୍ରଘଟ କରିବା ନେଇ ରୋହିତଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ମାମଲା ନେଇ ରୋହିତ କ୍ଷମା ମାଗିବା ସହ ପ୍ରସାରିତ ଭିଡିଓକୁ ଡିଲିଟ୍ କରିଦିଆଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୮୯,୯୫,୭୦୧ | ୬୩,୬୯,୭୦୧ | ୫୩,୨୩,୯୩,୨୦୭ |
| ଭାରତ | ୪,୩୫,୮୭,୩୦୨ | ୫,୨୫,୩୪୩ | ୪,୨୯,୩୭,୮୭୬ |
| ଓଡ଼ିଶା | ୧୨,୯୨,୪୧୬ | ୯୧୨୬(+୫୩) | ୧୨,୮୦,୯୫୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସନ୍ଧ୍ୟା ଦର୍ଶନରୁ ସହସ୍ରାଧିକ ଶ୍ରଦ୍ଧାଳୁ ବଞ୍ଚିତ

## ଅଧିକ ୨ ଘଣ୍ଟା ବଢ଼ିଲା ଦର୍ଶନ ସମୟ, ତଥାପି ନିରାଶ



**ପୁରୀ ଅଫିସ,୮।୭**

ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନରୁ ଶୁକ୍ରବାର ସହସ୍ରାଧିକ ଶ୍ରଦ୍ଧାଳୁ ବଞ୍ଚିତ ହୋଇଛନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପ୍ରଶାସନକୁ ଭକ୍ତମାନେ ସମାଲୋଚନା କରିଛନ୍ତି। ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆଳରେ ଦର୍ଶନ ବ୍ୟବସ୍ଥାକୁ ବନ୍ଦ କରିଦିଆଯିବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି ଅନେକ ଭକ୍ତ ମତ ଦେଇଛନ୍ତି।

ସୂଚନା ଅନୁଯାୟୀ, ଭୋର ୫ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରଥମେ ସନ୍ଧ୍ୟା ଦର୍ଶନ ଲାଗି ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏହି ଅନୁଯାୟୀ ଦର୍ଶନ ଚାଲିଥିଲା। ଟାଣ ଖରାକୁ ଖାତିର ନ କରି ଭକ୍ତମାନେ ବଡ଼ଶଙ୍ଖ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଧୈର୍ଯ୍ୟ ସହକାରେ ଠିଆ ହୋଇ ରହିଥିଲେ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପରେ ଅଧିକ ଦୁଇଘଣ୍ଟା ସମୟ ବୃଦ୍ଧି କରାଯାଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନ ଚାଲିଲା। ବ୍ୟାରିକେଡ୍‌ରେ ଥିବା ଭକ୍ତମାନେ ଆଡ଼ପମଣ୍ଡପରେ ଦାରୁଦିଅଁଙ୍କ ଦର୍ଶନ ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ। ୨ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଧାଡ଼ି ଦର୍ଶନର ସୁବିଧା ପାଇଥିଲେ। ଏହାପରେ ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ଶ୍ରୀଗୁଣ୍ଡିଚା ସିଂହଦ୍ୱାରକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ବ୍ୟାରିକେଡ୍ ବାହାରେ ଅପେକ୍ଷା କରିଥିବା ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବାକୁ ପଡ଼ିଛି।

ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ନିରାଶରେ ଫେରିଛନ୍ତି। ବଲାଙ୍ଗୀରରୁ ଆସିଥିବା ଭକ୍ତଚରଣ ପ୍ରଧାନ କହିଛନ୍ତି, ବ୍ୟାରିକେଡ୍ ବାହାରେ ରହିବାରୁ ମହାପ୍ରଭୁଙ୍କ ଦର୍ଶନ କରିପାରିଲୁ ନାହିଁ। ସନ୍ଧ୍ୟା ଦର୍ଶନର ଇଚ୍ଛା ଅଧୁରା ରହିଲା। ସନ୍ଧ୍ୟା ଦର୍ଶନ ଅତ୍ୟନ୍ତ ପକ୍ଷେ ରାତି ୯ଟା ପର୍ଯ୍ୟନ୍ତ ହେବା କଥା। ମାତ୍ର ସନ୍ଧ୍ୟା ହେବା ପୂର୍ବରୁ ପ୍ରଶାସନ ସର୍ବସାଧାରଣ ଦର୍ଶନ ବନ୍ଦ କରିଦେଲା। ଏହା ଠିକ୍ ନୁହେଁ। ଏବେ ବାହୁଡ଼ା ଯାତ୍ରାକୁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନ ପାଇଁ ଭକ୍ତମାନେ ଦୀର୍ଘ ଦୁଇବର୍ଷ ଧରି ବ୍ୟାକୁଳ ହୋଇ ରହିଥିଲେ। ତେବେ ବାହୁଡ଼ା ଯାତ୍ରା ଲାଗି ଶୃଙ୍ଖଳିତ ନୀତିକାନ୍ତିର ବାହାନା କରି ଦର୍ଶନ ବନ୍ଦ କରିଦିଆଯିବା ଭକ୍ତଙ୍କ ଆବେଗ ପ୍ରତି କୁଠାରାଘାତ ବୋଲି ଜଗନ୍ନାଥପ୍ରେମୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସନ୍ଧ୍ୟା ଦର୍ଶନ ଶୃଙ୍ଖଳିତ ଭାବେ ଶେଷ ହୋଇଥିବା ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି, ସନ୍ଧ୍ୟା ଦର୍ଶନ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏହାପରେ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଚନ୍ଦନଲାଗି ଓ ବଡ଼ସିଂହାର ଭୋଗ ପରେ ପହୁଡ଼ ଆଳତି ସରିଛି। ପରେ ପରେ ଶ୍ରୀମୁଖ ଖଣ୍ଡୁଆ, ବାହୁଟ କଣ୍ଟ, ଚାରବନ୍ଧା ଓ କୁସୁମିଲାଗି ଭଳି ଗୁପ୍ତନୀତି ସମ୍ପାଦିତ ହେବ। ଶୁକ୍ରବାର ବିଳମ୍ବିତ ରାତ୍ରରେ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗୁପ୍ତନୀତି ସମ୍ପାଦନ କରାଯିବ। ପ୍ରଶାସନିକ ସ୍ତରରେ ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାକୁ ମଧ୍ୟ ସଅଳ ସାରିବା ପାଇଁ ନିଷ୍ପତ୍ତି ହୋଇଛି। ନିର୍ଦ୍ଧାରିତ ସମୟଠାରୁ ଶୀଘ୍ର ନୀତିକାନ୍ତି ହୋଇପାରିଲେ, ବାହୁଡ଼ା ଯାତ୍ରା ଓ ସୁନାବେଶ ନୀତି ଶୃଙ୍ଖଳିତ ହୋଇପାରିବ। ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ରାଜାଧିରାଜ ବେଶ ଦର୍ଶନ କରିବେ। ଏଥିପାଇଁ ବାହୁଡ଼ା ଯାତ୍ରା ସଅଳ ସାରିବାକୁ ନିର୍ଦ୍ଦେଶ ରହିଛି ବୋଲି ଦାସମହାପାତ୍ର କହିଛନ୍ତି।

# ଦୈନିକ ସଂକ୍ରମଣ ୫ ଶହମୁହାଁ: କେବଳ ଭୁବନେଶ୍ୱରରୁ ୨୧୦

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଗତ ୧୧ଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନିଅଙ୍କରୁ ତଳକୁ ଖସୁ ନାହିଁ। ସଂକ୍ରମଣ ଲଗାତର ଭାବେ ବଢ଼ିଚାଲିଥିବାବେଳେ ଦୈନିକ ଆକ୍ରାନ୍ତ ସଂଖ୍ୟା ଏବେ ୫ ଶହମୁହାଁ ହୋଇଛି। ଗୁରୁବାର ୪୨୮ଜଣ ସଂକ୍ରମିତ ବାହାରିଥିଲେ। ମାତ୍ର ଗତ ୨୪ ଘଣ୍ଟାରେ ରାଜ୍ୟର ୧୯ ଜିଲାରୁ ମୋଟ ୪୭୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୭୬ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୧୯୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିମଧ୍ୟରେ ୪୯ଜଣ ୧୮ ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ସେପଟେ ଖୋର୍ଦ୍ଧା ସ୍ଥିତି ବିଗିଡିବାରେ ଲାଗିଛି। ଏହି ଜିଲାରେ ଦୈନିକ ସଂକ୍ରମଣ ୨ଶହ ଟପିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୨୧ଜଣ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୨୧୦ ରହିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି। ସେହିପରି କଟକରୁ ଦ୍ୱିତୀୟ ସର୍ବାଧିକ ୯୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏହା ତଳକୁ ସୁନ୍ଦରଗଡ଼ ୨୪, ପୁରୀ ୧୭, ବାଲେଶ୍ୱର ଓ ସମ୍ବଲପୁରରୁ ୯ ଲେଖାଏ, ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ୭ ଲେଖାଏ, ନୂଆପଡ଼ା ୫, କେନ୍ଦୁଝର ୩, ରାୟଗଡ଼ା, ଗଞ୍ଜାମ, ଯାଜପୁର, ନୟାଗଡ଼ ଓ ସୋନପୁରରୁ ୪ଜଣ ଲେଖାଏ, କେନ୍ଦ୍ରାପଡ଼ା ୨, ଝାରସୁଗୁଡ଼ା, ଭଦ୍ରକ ଓ ଗଜପତିରୁ ଜଣେ ଲେଖାଏ ଏବଂ ଷ୍ଟେଟ୍‌ପୁଲରୁ ୫୨ଜଣ ନୂଆ ସଂକ୍ରମିତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୨,୪୧୬ରେ ପହଞ୍ଚିଛି।

# ଘୂର୍ଣ୍ଣିବଳୟ ସକ୍ରିୟ, ଆଉ ୫ ଦିନ ବର୍ଷିବ

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

ଦକ୍ଷିଣ ଓଡ଼ିଶାରୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏଥିସହ ମୌସୁମୀ ଟ୍ରଫ୍ ଲାଇନ ବର୍ତ୍ତମାନ ଉକ୍ତ ଘୂର୍ଣ୍ଣିବଳୟ ଦେଇ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ଶନିବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେଥିପାଇଁ ଏହି ୪ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଆଦି ୬ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏତଦ୍‌ବ୍ୟତୀତ ରାଜ୍ୟର ଅନ୍ୟ ଜିଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ଆଶଙ୍କା ରହିଛି। ଏଥିପାଇଁ ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଦକ୍ଷିଣ ଓଡ଼ିଶାର ଜିଲା ଏବଂ ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଭୁବନେଶ୍ୱର ଓ କଟକ ଆଖପାଖ ଅଞ୍ଚଳର ଆକାଶ ମେଘୁଆ ରହିବା ସହ ଅପରାହ୍ନ କିମ୍ବା ସନ୍ଧ୍ୟାରେ ସହରର କିଛି ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତ ଏବଂ କଟକର କିଛି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇଛି। କୋରାପୁଟରେ ସର୍ବାଧିକ ୭୨ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଯାଜପୁର ୪୩, ମାଲକାନଗିରି ୩୪.୮, ଢେଙ୍କାନାଳ ୨୧.୪, ଫୁଲବାଣୀ ୨୪, ଟିଟିଲାଗଡ଼ ୨୦, ଭୁବନେଶ୍ୱର ୧୨.୪, ନବରଙ୍ଗପୁର ୧୩.୨, ବରଗଡ଼ ୧୧ ଓ ଦାରିଙ୍ଗବାଡ଼ିରେ ୭ମି.ମି. ବର୍ଷା ହୋଇଛି।

# ନାଳରେ ବୁଡ଼ି ଶିଶୁ ମୃତ

**ଫୁଲବାଣୀ ଅଫିସ, ୮।୭**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମାଝୀପଡ଼ା ଗାଁ ନିକଟରେ ଥିବା ସୁରକା ପଟାଙ୍ଗୀ ନାଳରେ ବୁଡ଼ିଯାଇ ଶୁକ୍ରବାର ଜଣେ ୨ ବର୍ଷୀୟ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ବିକାଶ କହଁରଙ୍କ ପୁଅ ଆୟୁଷ। ଶିଶୁଟି ତାଙ୍କ ମା'ଙ୍କ ସହ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ପୁଅକୁ ଛାଡ଼ି ମା ଶୌଚ ହେବା ପାଇଁ ଗଲା ବେଳେ ପୁଅ ନାଳପାଣିରେ ବୁଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଶିଶୁଙ୍କୁ ପାଣିରୁ ଉଦ୍ଧାର କାରି ଫିରିଙ୍ଗିଆ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଯୁବକଙ୍କୁ ପିଟି ହତ୍ୟା, ଗାଁରେ ଉତ୍ତେଜନା



ଗ୍ରାମରେ ଟାୟାର୍ ଜାଳି ଉତ୍ତେଜନା।

**ବାଲେଶ୍ୱର ଅଫିସ, ୮।୭**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଇଞ୍ଚୁଡ଼ି ଗାଁରେ ଜଣେ ଯୁବକଙ୍କୁ ଚୋରି ଅଭିଯୋଗରେ ପିଟି ପିଟି ହତ୍ୟା କରାଯାଇଛି। ଏନେଇ ମୃତକଙ୍କ ସ୍ତ୍ରୀ ଖନ୍ତାପଡ଼ା ଥାନାରେ ଉକ୍ତ ପଞ୍ଚାୟତର ସରପଞ୍ଚଙ୍କ ସମେତ ୯ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ସଦର ଥାନାର ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଡିଏସ୍‌ପି ପଦାରବିନ୍ଦ ତ୍ରିପାଠୀ, ଖନ୍ତାପଡ଼ା ଆଇଆଇସି ବିମଳ ନାୟକ, ସଦର ଥାନା ଆଇଆଇସି ଅଶୋକ ନାୟକ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସରପଞ୍ଚଙ୍କ ଭାଇଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

### ସରପଞ୍ଚଙ୍କ ସମେତ ୯ଜଣଙ୍କ ନାମରେ ଅଭିଯୋଗ

ଗୁରୁବାର ସନ୍ଧ୍ୟାରେ ଇଞ୍ଚୁଡ଼ି ଗାଁର ସଞ୍ଜୟ ଦଳେଇ (୩୩) ଗାଁ ପାଖ ସମୁଦ୍ର କଡ଼ରେ ହୋଇଥିବା ଚିଙ୍ଗୁଡ଼ି ଚାଷ ପୋଖରୀ ହିଡ଼ରୁ ଲୁହାଛଡ଼ (ଏରିଓଟର ପାଇପ୍) ଚୋରି କରିନେଉଥିବା ବେଳେ ଧରାପଡ଼ିଥିଲେ। ପୋଖରୀ ମାଲିକ ଇଞ୍ଚୁଡ଼ି ସରପଞ୍ଚ ରମଣୀରଞ୍ଜନ ମହାଲିକଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ଇଞ୍ଚୁଡ଼ି ଗ୍ରାମର ଶ୍ରୀଧର ମହାକୁଡ଼, ଚେମା ରାଉତ, ଶରତ ବାରିକ, ଜୁଳିଆ ପ୍ରଧାନ, ବାପି ମହାଲିକ, ଟୁକୁ ବାରିକ, ଭଗିଆ ବାରିକ, ଟୁକୁ ମହାକୁଡ଼ଙ୍କ ସମେତ ଅନ୍ୟ ୪ରୁ ୫ଜଣ ପହଞ୍ଚି ସଞ୍ଜୟଙ୍କୁ ଏକ ଦଉଡ଼ିରେ ତାଙ୍କ ଦୁଇ ହାତକୁ ପଛପଟେ ବାନ୍ଧି ମାଡ଼ ମାରି ମାରି ସରପଞ୍ଚଙ୍କ ଘର ପାଖକୁ ନେଇଥିଲେ। ସେଠାରେ ମଧ୍ୟ ସରପଞ୍ଚଙ୍କ ଉପସ୍ଥିତିରେ ତାଙ୍କୁ ଉକ୍ତ ଯୁବକମାନେ ଚୋରି ଅଭିଯୋଗରେ ମାଡ଼ ମାରିଥିଲେ। କିଛି ସମୟ ପରେ ନିକଟସ୍ଥ ମନ୍ଦିର ଛକକୁ ନେଇଯାଇଥିଲେ। ମନ୍ଦିର ଛକରେ ଥିବା ହାଇମାଷ୍ଟ ଲାଇଟ୍‌କୁ ବନ୍ଦ କରିଦେଇ ସେଠାରେ ମଧ୍ୟ ଉକ୍ତ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ। ଏହାପରେ ସଞ୍ଜୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ। କିଛି ସମୟ ପରେ ମାଡ ମାରିଥିବା ଯୁବକମାନେ ଏକ ଅଟୋରେ ସଞ୍ଜୟଙ୍କୁ ଖନ୍ତାପଡ଼ା ଥାନାକୁ ନେଇ ଚୋରି କରୁଥିବା ବେଳେ ଧରାପଡ଼ିଥିବା ଅଭିଯୋଗରେ ପୋଲିସ ଜିମା ଦେଇଥିଲେ। ଖନ୍ତାପଡ଼ା ପୋଲିସ ସଞ୍ଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ସେମାନଙ୍କୁ ପ୍ରଥମେ ଖନ୍ତାପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଉକ୍ତ ଯୁବକମାନେ ଜିଲା ମୁଖ୍ୟ ଚିକିତ୍ସାଳୟ କାଜୁଆଲିଟିରେ ସଞ୍ଜୟଙ୍କୁ ଭର୍ତ୍ତି କରିଦେଇ ପଳାଇଯାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଉକ୍ତ ଗାଁର ୨/୩ ସାହିର ଲୋକମାନେ ଉତ୍ତ୍ୟକ୍ତ ହୋଇ ମନ୍ଦିର ଛକରେ ଟାୟାର୍ ଜାଳି ରାସ୍ତା ବନ୍ଦ କରିବା ସହ ସରପଞ୍ଚଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗାଁରେ ଖନ୍ତାପଡ଼ା ଥାନା ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ସମ୍ପର୍କରେ ସଞ୍ଜୟଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଦଳେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଗାଁ ଲୋକଙ୍କ ସହ ଆଲୋଚନା କରି ଶବ ଦାହ କରିବା ସହ ଉତ୍ତେଜନାକୁ ନିୟନ୍ତ୍ରଣ କରିଛି।






**ଜାତୀୟ ସେବା ଯୋଜନା ପକ୍ଷରୁ ବନ ମହୋତ୍ସବ**

କାଳିମେଳା,(ଡି.ଏନ.ଏ.)- ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସ୍ଥାନୀୟ ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ମହାବିଦ୍ୟାଳୟ ପରିସରରେ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧାପକ ଡ ପଦ୍ମଲୋଚନ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଶାନ୍ତ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାଳିମେଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରାରୋପଣ ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦେଢ଼ ଶହରୁ ଊର୍ଦ୍ଧ୍ୱ କୃଷ୍ଣଚୂଡ଼ା, ଛତିୟାନା , ଆମ୍ବ, ପଣସ, ଶାଗୁଆନ ଆଦି ଚାରା ରୋପଣ ହୋଇଥିଲା। ୟୁଥ୍ ରେଡକ୍ରସ ଅଧିକାରୀ ଅଧାପକ ସୁଶାନ୍ତ ବାରିକ, ଅଧାପକ ଖଗେଶ୍ୱର ବେହେରା, ଅଧାପକ ପ୍ରସନ୍ନଜିତ ସ୍ୱର୍ଣ୍ଣକର, ଅଧାପକ ରବି ଶଙ୍କରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ରୁଦ୍ର
ପରିବାରବର୍ଗ


ଭୂମିକ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଜିର ମନ୍ତବ୍ୟ**

“ଭାରତରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଥିବାବେଳେ ରବର ଷ୍ଟାମ୍ପ୍ ରାଷ୍ଟ୍ରପତି ସମ୍ବିଧାନକୁ ସୁରକ୍ଷା ଦେଇପାରିବେ ନାହିଁ।

-ଯଶୱନ୍ତ ସିହ୍ନା, ବିରୋଧୀଙ୍କ ରାଷ୍ଟ୍ରପତି ପ୍ରାର୍ଥୀ

# ପାଚିଲାପଣସ ଖାଇ ୩୫ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

ରାୟଗଡ଼ା ଅଫିସ/ବିଷମକଟକ, ୮ ।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅଧୀନ ଡୁମୁରିନେଲି ସଦର ପଞ୍ଚାୟତର ଦଣ୍ଡାପୋଡ଼ା ପ୍ରାଇମେରି ସ୍କୁଲ ହଷ୍ଟେଲର ୩୫ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ୨ଟି ଆମ୍ବୁଲାନ୍ସ ଯୋଗେ ବିଷମକଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ପଣସ ଖାଇ ପିଲାମାନେ ପାଣି ପିଇଥିବାରୁ ପେଟ କାଟି ଝାଡ଼ା ହୋଇଛି ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ କହିଛନ୍ତି।

ସୂଚନାନୁଯାୟୀ, ଦଣ୍ଡାପୋଡ଼ା ପ୍ରାଥମିକ ବିଦ୍ୟାଳୟରେ ମୋଟ ୪୦ ଜଣ ଛାତ୍ର ପଢ଼ିବା ସହ କେବିକି ହଷ୍ଟେଲରେ ରହୁଥିଲେ। ଗୁରୁବାର ସନ୍ଧ୍ୟାରେ ସ୍କୁଲ ପରିସରରେ ଥିବା ଗଛରୁ ପଣସ ଆଣି ସେମାନେ ଖାଇଥିଲେ। ଏହାପରେ ସେମାନେ ଖାଇ ପିଇ ଶୋଇଥିଲେ। ତେବେ ଶୁକ୍ରବାର ସକାଳୁ ୩୫ଜଣ ପିଲା ଝାଡ଼ାବାନ୍ତିର ଶିକାର ହୋଇଛନ୍ତି। ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷ ଏହା ଜାଣିପାରି ଆମ୍ବୁଲାନ୍ସ ଯୋଗେ ଆକ୍ରାନ୍ତଙ୍କୁ ବିଷମକଟକ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସେଠାରେ ସମସ୍ତ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାନ୍ଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ନୀଚାଭିମୁଖୀ ହେତୁ ପାରିବାରିକ କ୍ଷେତ୍ର କଳହଯୁକ୍ତ ରହିବ। ସମସ୍ୟା ସମାଧାନ କରିବା ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମକାର୍ଯ୍ୟରେ ମନ ଦେବେ।

**ବୃଷ**
ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରି ସଫଳତା ପାଇପାରିବେ। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମକ୍ଷେତ୍ରରେ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇ ପାରନ୍ତି। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ନୂତନ ଯାନବାହନ କ୍ରୟ କରିବା କିମ୍ବା ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପାରିବାରିକ ସ୍ଥିତି ପୂର୍ବବତ୍ ରହିବ କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟିରେ ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ସମସ୍ୟା ସମାଧାନ କରିବାକୁ ଯାଇ ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରିବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଦୀର୍ଘ ଦିନରୁ ସନ୍ଧାନ ପାଉ ନ ଥିବା ତଥା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**ତୁଳା**
ଉପର ଅଧିକାରୀଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ସହକର୍ମୀମାନଙ୍କ କୃତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଯାତ୍ରା, ପ୍ରଶାସନ, କଳା ,ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା**
ସମସ୍ୟା ଲାଗି ରହିଥିଲେ ମଧ୍ୟ ଆପଣ ଧୀରପାଣି ପଥର କାଟେ ନୀତିରେ କାମ କରି ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଚାକିରିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି।

**ଧନୁ**
ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦପ୍ରମୋଦର ମଉକା ଜୁଟିବ। ପାଖ ପଡ଼ୋଶୀଙ୍କ ସାହାଯ୍ୟ ହେତୁ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର**
ବୟସ୍କବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ସମସ୍ୟାର ସରଳ ସମାଧାନ ହେବ। କୌଣସି ମୂଲ୍ୟବାନ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଇଚ୍ଛା ନ ଥିଲେ ମଧ୍ୟ ଘରର ବରାଦ ଅନୁଶାରେ ଗୃହୋପକରଣ କ୍ରୟ କରିପାରନ୍ତି।

**କୁମ୍ଭ**
ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି କେତେକ ଅସୁବିଧାଜନକ ସ୍ଥିତି ସୃଷ୍ଟି କରିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ରିସ୍କ ପଦକ୍ଷେପ ଗ୍ରହଣ କରିବେ। ଭୁଲ ବୁଝାମଣା ହେତୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ**
ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ କରିପାରନ୍ତି। ଆଜି ସାରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ପ୍ରଶାସନିକ ସ୍ତରରେ ସହକର୍ମୀଙ୍କ ସହ ଆଲୋଚନାରେ ସମୟ କଟାଇବେ ।


# classifieds Everyday
0674-2580101, 2549302

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**PLOT FOR SALE AT BADAMBA GARH Residential / Gharbari plot near SBI on SH 65 at Badamba Garh is ready for Sale. Ideal for Location for Petrol Pump or Market Complex. Plot Size: 1.04 Acres, Interested Persons may contact through Whatsapp / SMS : 9437035884.** D-924

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73929

Triplex 18000sqft. Pandra- 6.5cr/4BHK Duplex Balianta-85,00,000. Land Patia-3000, Tankapani-2650, Hanspal-2200, Patrapada-1800, Pahala-1800. 8984071303. D-934

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30’ road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523.** D-73272

**ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377.** D-73270

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30’ ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742.** D-73267

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388.** D-73268

ପୁରୀ ମାଳତିପାଟପୁର Defence Road ପାଖ Medical College opposite ରେ Simplex Plot ମିଳୁଛି – 9692213354. D-73932

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

to-let

1 Room house with attached kitchen, bathroom & large balcony near Khandagiri, Bhubaneswar. Contact-9437051142. D-937

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

healthcare

Refreshing your mind and body with the best therapy, 7873794731. D-872

Ayurvedic full body massage ladies, gents with best therapy. 9040900385. D-73933

All types hair cutting, body massage by smart lady room services available. Contact: 9938582450. D-71346

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

Trupti Spa, 9861550765. Our genuinety is our strength. Stay safe. D-925

Newly open Spa @899/- full body massage expert Therapist - 8093577103. D-73838

business

Pay Day Investments. Investment starting from Rs. 10K. Monthly guaranteed income/ return 3%. Return paid on Weekly Basis.Bank to Bank Transfer. - 9078020885. D-73330

## LOST

I Rajat Kumar Pradhan, S/o-Prafulla Pradhan, At/Po.- Panchagaon, PS-Tigiria, Dist- Cuttack, I lost sale deed No.- 10481800440 and 10481800266 from my custody somewhere else on my way from Nuapatana to Panchagan by bus. If anybody found the documents please contact. 7735519562. D-941

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

By virtue of an affidavit before the Judicial Magistrate Bidhan Nagar, North-24 parganas my actual name is Akash Mishra, but my name has been recorded as Akash in my Educational Certificates and Passport. Henceforth Akash Mishra and Akash both are same and one person. D-533

By virtue of an affidavit before Executive Magistrate, Dharmasala, my actual name is Tapan Kumar Mohanty. But in my HSC and upper educational certificate has been recorded as Tapan Kumar only. Henceforth Tapan Kumar and Tapan Kumar Mohanty both are same and one person. D-74002

By virtue of a Notarised affidavit I Manjushree Prusty (bearing DL.No.-OR-02N-2006-11137), D/o- Manmohan Prusty has changed my name to Ankita Anchal Prusty after my marriage to Sri Subhankar Raha, S/o- Mrinal Kanti Raha (as per marriage certificate No-879/2013) resident of At-Plot No.-EB79, Stage-1, Laxmisagar, Bhubaneswar, I have changed my surname from Ankita Anchal Prusty @Manjushree Prusty to Ankita Anchal Raha. Henceforth I shall be known, called and identified as Ankita Anchal Raha for all Official and legal purposes as I am the same person. D-939

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋରଡ଼ ଆଖି;**
**ସଜ ହେଉଥାଏ ଯାତରା ଦେଖି!**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ଅହେତୁକ ଦୁର୍ବଳତା ଭାବ ରହିଥାଏ। ବୟସ ଯେତେ ବଢି ବଢି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଯାତ୍ରା ଦେଖିବା ପାଇଁ ମନ ବଳାଇଥିବା ବୃଦ୍ଧା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ବ୍ୟଗ୍ରତାକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କରତର ଘା’ ସହେ ଯେ,**
**ଖଣ୍ଡ ଖଣ୍ଡ ମୁଣ୍ଡା ଖାଏ ସେ।**

ସିଦ୍ଧି ପାଇଁ ସାଧନା ଲୋଡ଼ା। ପରିଶ୍ରମର ଫଳ ସର୍ବଦା ମିଳିଥାଏ। କଷ୍ଟ ଅର୍ଜିତ ଧନ ଓ ପରିଶ୍ରମ କରି ପାଇଥିବା ସଫଳତା ଚିରଦିନ ପାଇଁ ମୁହଁରେ ହସ ଫୁଟାଇଥାଏ। ଯିଏ କଷ୍ଟ କରେ ସେ ତା’ ଫଳ ଅବଶ୍ୟ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ପ୍ରଥମ ପୃଷ୍ଠାରୁ...


## ଶିଞ୍ଜୋ ଆବେଙ୍କୁ ...

ଦେଇ କହିଥିଲେ, ଦେଶରେ ଗଣତନ୍ତ୍ର ଭିତ୍ତିଭୂମି କୁହାଯାଉଥିବା ନିର୍ବାଚନ ଚାଲିଛି। ଏଭଳି ସମୟରେ ଏହି ଘଟଣା ଘଟିଛି। ଏଭଳି ବର୍ବର ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ସେପଟେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆବେଙ୍କୁ ଏୟାର ଲିଫ୍ଟ କରି କ୍ୱୋଟୋସ୍ଥିତ ଏକ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ଡାକ୍ତରମାନେ ତାଙ୍କୁ ବଞ୍ଚାଇବାକୁ ସବୁ ପ୍ରକାର ଉଦ୍ୟମ କରିଥିଲେ ହେଁ ସେମାନଙ୍କ ପରିଶ୍ରମ ବୃଥା ହୋଇଥିଲା। ବର୍ଷୀୟାନ ରାଜନେତା ଆବେ ଆଭ୍ୟନ୍ତରୀଣ ରାଜନୀତିର ଶିକାର ହେଲେ ନା ଏହା ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ତାହା ସ୍ପଷ୍ଟ କରିବା ପାଇଁ ଦେଶର ତଦନ୍ତକାରୀ ସଂସ୍ଥାଗୁଡ଼ିକ ତନାଘନା ଚଳାଇଛନ୍ତି। ଆବେଙ୍କ ମୃତ୍ୟୁ ପରେ ଚାଇନାର କେତେକ ସ୍ଥାନରେ ଆକ୍ରମଣକାରୀଙ୍କୁ ‘ହିରୋ’ ଦର୍ଶାଇ ଉତ୍ସବ ପାଳନ କରାଯାଇଥିବାରୁ ବେଜିଂର ଭୂମିକାକୁ ନେଇ ମଧ୍ୟ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଆବେ ହେଉଛନ୍ତି ଭାରତ, ଜାପାନ, ଆମେରିକା ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ ଚତୁଃରାଷ୍ଟ୍ରୀୟ ସୁରକ୍ଷା ମଞ୍ଚର ସ୍ଥପତି ଥିଲେ। ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍) ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବେଜିଂର କ୍ରମବର୍ଦ୍ଧିଷ୍ଣୁ ସାମରିକ ପତିଆରାକୁ ନିଷ୍ପ୍ରଭ କରିବା ପାଇଁ କ୍ୱାଡ୍‌ର ଚାରିଦେଶ ରଣନୀତି ପ୍ରସ୍ତୁତ କରୁଥିବାରୁ ଚାଇନା ଏଥିରେ କ୍ରୋଧିତ ହୋଇ ଆବେଙ୍କୁ ହତ୍ୟା କରାଇଥାଇପାରେ ବୋଲି ମଧ୍ୟ ପ୍ରତିରକ୍ଷା ବିଶେଷଜ୍ଞ ଓ କୂଟନୀତିଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ଦ୍ରୌପଦୀଙ୍କ ଭୋଟ ...

ଭବ୍ୟ ସ୍ୱାଗତ କରି ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ସମ୍ମିଳନୀ କକ୍ଷରେ ବିଜେଡି ଏମ୍‌ପି ଓ ବିଧାୟକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦ୍ରୌପଦୀ କହିଥିଲେ, ‘ମୁ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାଖୀ ବାନ୍ଧିଥିଲି। ବିଦେଶରେ ଥାଇ ମୋ ସହ ମୁଖ୍ୟମନ୍ତ୍ରୀ କଥା ହୋଇଥିଲେ। ମୁଁ ଗାଁର ଝିଅ, ମନ୍ତ୍ରୀ ଥିବାବେଳେ ବହୁ କାମ କରିଛି। ଆହୁରି କାମ ବାକି ଅଛି, ଆପଣଙ୍କ ସହଯୋଗ ଦରକାର। ଆମ ଗାଁର ଅବସ୍ଥା ସୁଧୁରିବ ଓ ଓଡ଼ିଶା ସୁନ୍ଦର ଭାବରେ ବଢ଼ିବ।’ ଏହି ଅବସରରେ ସେ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ବିଧାୟକ ଓ ଏମ୍‌ପିଙ୍କୁ ନିବେଦନ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ମୁର୍ମୁ ସ୍ୱତନ୍ତ୍ର ବିମାନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପାରମ୍ପରିକ ନାଚଗୀତରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ନିମନ୍ତେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ, ବିଧାୟକ ଦେବୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଭାଜପାର ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ଭାଜପା ଓ ବିଜେଡିର ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ। ସେଠାରୁ ମୁର୍ମୁଙ୍କୁ ରାଜ୍ୟ ଅତିଥି ଭବନକୁ ପାଛୋଟି ନିଆଯାଇଥିଲା। ସେଠାରେ ସେ କିଛି ସମୟ ବିଶ୍ରାମ କରିବା ପରେ ବିଧାନସଭାର ସମ୍ମିଳନୀ କକ୍ଷକୁ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଧାନସଭାରୁ ଫେରିବା ପରେ ସେ ରାଜ୍ୟ ଅତିଥି ଭବନରେ ଭାଜପା ବିଧାୟକ ଓ ଏମ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ମଧ୍ୟାହ୍ନରେ ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରାୟ ୩୦ ମିନିଟ ଆଲୋଚନା କରିଛନ୍ତି। ଫେରିଯିବା ପୂର୍ବରୁ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ ମଧ୍ୟାହ୍ନଭୋଜନରେ ଭାତ, ଡାଲି, ଆଳୁଚକଟା, ବଡ଼ିଚୂରା, ବାଇଗଣ ଭଜା ଆଦି ଓଡ଼ିଆ ଖାଦ୍ୟରେ ଆପ୍ୟାୟିତ କରିଛନ୍ତି। ମଧ୍ୟାହ୍ନଭୋଜନରେ ଶୁଦ୍ଧ ଶାକାହାର ଓ ସମ୍ପୂର୍ଣ୍ଣ ଓଡ଼ିଆ ଖାଦ୍ୟ ଥିଲା ବୋଲି ଜଣାପଡ଼ିଛି। ଦ୍ରୌପଦୀଙ୍କ ସହ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଗଜେନ୍ଦ୍ର ସିଂ ଶେଖାୱତ ମଧ୍ୟ ନବୀନ ନିବାସ ଯାଇଥିଲେ। ବିଜେଡି ସୁପ୍ରିମୋଙ୍କ ସହ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ମୁର୍ମୁ ଓ କେନ୍ଦ୍ରମନ୍ତ୍ରୀ ଶେଖାୱତଙ୍କ ସମେତ ପୁରୀ ବିଜେଡି ଏମ୍‌ପି ପିନାକୀ ମିଶ୍ର ମଧ୍ୟ ମଧ୍ୟାହ୍ନଭୋଜନ କରିଥିଲେ। ମୁର୍ମୁ ନବୀନ ନିବାସରୁ ସିଧାସଳଖ ବିମାନବନ୍ଦର ଯାଇଥିଲେ ଓ ସ୍ୱତନ୍ତ୍ର ବିମାନରେ ଲକ୍ଷ୍ନୌ ଅଭିମୁଖେ ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ମୁର୍ମୁଙ୍କୁ ବିଜେଡି ନିଜର ସମର୍ଥନ ଦେବାକୁ ଘୋଷଣା କରିଥିବା ବେଳେ ଏକମାତ୍ର ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ମଧ୍ୟ ସମର୍ଥନ ଦେବେ ବୋଲି କହିଛନ୍ତି। ବିଧାନସଭାରେ ମୋଟ ୧୪୭ ଜଣ ବିଧାୟକ ଥିବାବେଳେ ଏଥିରେ ବିଜେଡିର ୧୧୨ଜଣ, ଭାଜପାର ୨୨ଜଣ ଓ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ଭୋଟ୍ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯିବ। ଏହାଛଡ଼ା ବିଜେଡିରୁ ନିଲମ୍ବିତ ଦୁଇ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦ୍ଦେବଙ୍କ ମଧ୍ୟରୁ ପାଣିଗ୍ରାହୀ ମଧ୍ୟ ନିଜର ସମର୍ଥନ ମୁର୍ମୁଙ୍କୁ ଦେବେ ବୋଲି ଘୋଷଣା କରିସାରିଛନ୍ତି। କେବଳ କଂଗ୍ରେସର ୯ ବିଧାୟକ ଓ ସିପିଏମ୍‌ର ଜଣେ ବିଧାୟକଙ୍କ ଭୋଟ କାହା ସପକ୍ଷରେ ଯିବ ତାହା ଏବେ ବି ଅସ୍ପଷ୍ଟ ରହିଛି। ଓଡ଼ିଶାରେ ବିଜେଡି ଓ ଭାଜପାର ଲୋକ ସଭା ସଦସ୍ୟଙ୍କ ସଂଖ୍ୟା ୨୦ ଏବଂ ରାଜ୍ୟ ସଭାର ୧୦ଜଣ ସଦସ୍ୟ ଅଛନ୍ତି। ସମସ୍ତଙ୍କ ଭୋଟ ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁଙ୍କ ସପକ୍ଷରେ ଯିବ ବୋଲି ଜଣାପଡ଼ିଛି। କେବଳ କଂଗ୍ରେସର ଜଣେ ଏମ୍‌ପି ସପ୍ତଗିରି ଉଲାକାଙ୍କ ଭୋଟ ୟୁପିଏ ପ୍ରାର୍ଥୀଙ୍କୁ ମିଳିବା ସମ୍ଭାବନା ରହିଛି।

## ଆଜି ଶ୍ରୀମନ୍ଦିରକୁ ...

ବେଳେ ଅନ୍ୟପଟେ ଦଇତାପତି ସେବାୟତମାନେ ନୀତିକାନ୍ତି ସଅଳ ସାରିବା ପ୍ରୟାସରେ ଲାଗିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବା ନେଇ କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହାକୁ ଆଗୁଆ ଆରମ୍ଭ କରିବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ବାହୁଡ଼ା ପହଣ୍ଡି, ଛେରାପହଁରା, ଚାରମାଳ ଫିଟା, ଘୋଡ଼ା ଲାଗି ପ୍ରଭୃତି ନୀତିକାନ୍ତି ପରେ ରଥଟଣା ଆରମ୍ଭ ହେବ ବୋଲି ବରିଷ୍ଠ ଦଇତାପତି ଜଗନ୍ନାଥ ଦାସ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ୧୮୦ ପ୍ଲାଟୁନ୍ ଫୋର୍ସ, ୧୮ ଜଣ ଏସ୍‌ପି ର୍ୟାଙ୍କର ଅଧିକାରୀ, ୩୩ ଅତିରିକ୍ତ ଏସ୍‌ପି, ୭୪ ଡିଏସ୍‌ପି, ୧୩୬ ଇନ୍ସପେକ୍ଟର, ୭୨୧ ଏସ୍‌ଆଇ ଏବଂ ଏଏସ୍‌ଆଇ, ୧୦୭ ହାବିଲଦାର, ୬୭୩ କନଷ୍ଟେବଳ, ୨୦୦୮ ଜଣ ହୋମଗାର୍ଡ ନିଯୁକ୍ତ ହୋଇଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ଦୃଷ୍ଟିରୁ ପୁରୀ ସହରକୁ ୧୦ଟି ଜୋନ୍ ଓ ୨୯ ସେକ୍ଟରରେ ବିଭକ୍ତ କରାଯାଇଛି ବୋଲି ଏଡିଜି ଆର୍.କେ.ଶର୍ମା ସୂଚନା ଦେଇଛନ୍ତି। ଆରପିଏଫ୍ ଏବଂ ରେଲୱେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିସିଟିଭି କ୍ୟାମେରା ଉପରେ କଣ୍ଟ୍ରୋଲ ରୁମ୍ ନଜର ରଖିବ। ବାହୁଡ଼ା ଯାତ୍ରାରେ କର୍ଡନ ପାସ୍‌କୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ବିଭିନ୍ନ ବିଭାଗର କର୍ମଚାରୀ ପ୍ରସ୍ତୁତ ରହିଥିବାବେଳେ ଭକ୍ତଙ୍କ ସୁରକ୍ଷିତ ଓ ସୁବିଧା ଦର୍ଶନକୁ ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

## ଅମରନାଥରେ ବାଦଲଫଟା ...

ଜାତୀୟ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରହିଛନ୍ତି। କରୋନା କାରଣରୁ ଦୁଇବର୍ଷ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ବନ୍ଦ ଥିବାବେଳେ ଚଳିତ ବର୍ଷ ଜୁନ ୩୦ରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଅନୁମତି ଦିଆଯାଇଥିଲା।

# ୭ ପୂର୍ବତନ ମାଓବାଦୀଙ୍କୁ ସିଲେଇ ମେଶିନ ପ୍ରଦାନ

ମାଲକାନଗିରି,୮।୭ (ଡି.ଏନ.ଏ.)

ଓଡିଶା ଜୀବିକା ମିଶନ ପକ୍ଷରୁ ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପୂର୍ବରୁ ଆତ୍ମ ସମର୍ପଣ କରିଥିବା ୭ଜଣ ମାଓବାଦୀଙ୍କୁ ଶୁକ୍ରବାର ସିଲେଇ ମେଶିନ୍ ବଣ୍ଟନ କରାଯାଇଛି। ଜିଲାପାଳ ବିଶାଳ ସିଂ, ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧ୍ୱାନି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ, ଓଏଲ୍ଏମର ଜିଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରାହା ପ୍ରମୁଖ ଯୋଗ ଦେଇଥିଲେ। ମାଓବାଦୀ କାର୍ଯ୍ୟକଳାପ ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ



ସିଲେଇ ମେଶିନ ପାଇଥିବା ପୂର୍ବତନ ମାଓବାଦୀମାନେ।

ସାମିଲ୍ ହୋଇଥିବା ବ୍ୟକ୍ତିମାନେ ଏହି ସିଲେଇ ମେଶିନ୍ ଦ୍ୱାରା ଆତ୍ମ ନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିବେ ବୋଲି ଆଶା ପ୍ରକାଶ କରିଥିଲେ। ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ଯୋଜନାରେ ସେମାନଙ୍କୁ ଏହି ସିଲେଇ ମେଶିନ ପ୍ରଦାନ କରାଯାଇଛି। ସିଲେଇ ମେଶିନ ପାଇସେମାନେ ଖୁସି ପ୍ରକାଶ କରି ଏହା ଆଗାମୀ ଦିନରେ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି କହିଛନ୍ତି।

# ଗୁଣ୍ଡିଚା ମନ୍ଦିରରେ ଭଜନ ସନ୍ଧ୍ୟା

କୋରାପୁଟ,୮।୭(ସ୍ୱ.ପ୍ର.)

ଶ୍ରୀଗୁଣ୍ଡିଚା ମନ୍ଦିରରେ ଶୁକ୍ରବାର କୋରାପୁଟର ଯୁବକଳାକାରଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହିଅବସରରେ ଶ୍ରୀ ଜଗନ୍ନାଥ ଓ ବଳଭଦ୍ରଙ୍କ କଳ୍କୀ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ସନ୍ଧ୍ୟାଦର୍ଶନ ଓ ଆଳତି ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ହରିବୋଲ ହୁଳହୁଳି ସାଙ୍ଗକୁ ଘଣ୍ଟ ଓ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା। ଜନସମାଗମକୁ ଦୃଷ୍ଟିରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।



କୋରାପୁଟ ଶବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ କଳ୍କୀ ଅବତାର ଓ ସୁନାବେଡାରେ ରାମ ଅବତାରରେ ଦର୍ଶନ ଦେଉଛନ୍ତି ମହାବାହୁ ।

# ୨୬ ଅଙ୍ଗନୱାଡ଼ି କେନ୍ଦ୍ର ନିୟମିତ ଚାଲିବା ନେଇ ଗୁରୁତ୍ୱ

ପଟ୍ଟାଙ୍ଗୀ,୮।୭(ଡି.ଏନ.ଏ.)

କୋରାପୁଟ ଜିଲାକୁ ଦିନିକିଆ ଗସ୍ତରେ ଆସିଥିବା ଦକ୍ଷିଣାଞ୍ଚଳ ରାଜସ୍ୱ ସଚିବ ଟି.ଆପାଙ୍ଗ ଆଓ ଶୁକ୍ରବାର କୋଟିଆ ପଞ୍ଚାୟତ ଗସ୍ତକରି ଫେରିଯାଇଛନ୍ତି। ଏହି ଅବସରରେ ସେ ଜିଲା ସଦର ମହକୁମାସ୍ଥିତ ସର୍କିଟ ହାଉସ୍‌ରେ ଜିଲାପାଳ ଏବଂ ଜିଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଓ କୋଟିଆରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଉପସ୍ଥିତ ଜିଲା ଅଧିକାରୀ ଏଡିଏମ୍ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, ଏଡିଏମ୍ ରାଜସ୍ୱ, ଉପଜିଲାପାଳ ଲଳିତ କଅଁର , ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ନୀଳମଣି ଦୀପ, ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ବିଡିଓଙ୍କ ସହ କୋଟିଆ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। କୋଟିଆ ପଞ୍ଚାୟତରେ ଥିବା ୨୬ଟି ଅଙ୍ଗନୱାଡ଼ି କେନ୍ଦ୍ର ଯେପରି ନିୟମିତ ଚାଲିବ ଏହା ଉପରେ ଦକ୍ଷିଣାଞ୍ଚଳ ରାଜସ୍ୱ



ଦକ୍ଷିଣାଞ୍ଚଳ ରାଜସ୍ୱ ସଚିବ ଟି.ଆପାଙ୍ଗ ଆଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକରି ଏଡିଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

**ଦକ୍ଷିଣାଞ୍ଚଳ ରାଜସ୍ୱ ସଚିବଙ୍କ କୋଟିଆ ଗସ୍ତ**
- ମନ୍ଥର ଗତିରେ ଚାଲୁଥିବା କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ
- ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ ଦୂରେଇ ରଖିଲେ
- ସରପଞ୍ଚଙ୍କୁ କଲେ ଅଣଦେଖା

ସଚିବ ଗୁରୁତ୍ୱ ଦେଇଥିଲେ। ମନ୍ଥର ଗତିରେ ଚାଲୁଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜସ୍ୱ ସଚିବ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଯୋଜନା ସମୀକ୍ଷା କରିଥିଲେ ମଧ୍ୟ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରପଞ୍ଚ ଲିଚ୍ଛୁ ଗେମେଲ ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଦୀର୍ଘ ସମୟ ଧରି ଅପେକ୍ଷା କରି ଶେଷରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ବାହାରିଯାଇଥିଲେ। ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଦୂରେଇ ରଖିବା ପାଇଁ ରାଜସ୍ୱ ସଚିବ ଜିଲା ଏବଂ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପଞ୍ଚାୟତବାସୀ ରାଜସ୍ୱ ସଚିବଙ୍କୁ ସାକ୍ଷାତକରି ନିଜ ପଞ୍ଚାୟତ ସମସ୍ୟା ସମ୍ପର୍କରେ ଜଣାଇବାକୁ ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ଏହି ସୁଯୋଗ ମିଳି ନ ଥିଲା। ରାଜସ୍ୱ ସଚିବ ବୈଠକ ସାରି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଉପର ସେମ୍ଳି, ଧୁଳିପଦର ଏବଂ ନେରିଡିବାଲସା ହୋଇ ବ୍ରହ୍ମପୁର ଫେରିଯାଇଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ସଚିବଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା ଏବଂ କୋଟିଆ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସମୀକ୍ଷା ବୈଠକରେ ବ୍ଲକ ଏପିଓ ସୈମେନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ଅଜୟ ରାମ ତରାଇ, ସୁପ୍ରଭାଇଜର ଗୋଲକ ପରିଡ଼ା, ଡାକ୍ତର ଜଗଦୀଶ ଶତପଥୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଞ୍ଚାୟତର ତଳକାଣ୍ଟିର ସୁଲିଆମାରି, ତଳସେମ୍ଳି, ଝାଙ୍ଗରବାଲସାର ଆରୁଣ୍ଡୁବାଲସା ଏବଂ କନାଦୋରାର ସଲପଗୁଡା ଗ୍ରାମରେ ନୂତନ କରି ମିନି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ନେଇ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା କୋଟିଆ ସେକ୍ଟର ସୁପ୍ରଭାଇଜର ସୁନାରୀ ମାଣ୍ଡାଙ୍ଗି ସୂଚନା ଦେଇଥିଲେ।

# ହାଟ ଦିନ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଦାବି

ଦଶମନ୍ତପୁର,୮।୭( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଶୁକ୍ରବାର ହୋଇଥାଏ ସାପ୍ତାହିକ ହାଟ। ଏହି ଦିନ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ୪୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ହାଇସ୍କୁଲ ମୁଖ୍ୟ ଫାଟକ ସମ୍ମୁଖଠାରୁ ଆରମ୍ଭକରି ବାଣୁଆଗୁଡ଼ା ଛକ ପର୍ଯ୍ୟନ୍ତ ବିଭିନ୍ନ ଗାଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ରଖାଯାଉଥିବାରୁ ଏପରି ଟ୍ରାଫିକ ସମସ୍ୟା ସାପ୍ତାହିକ ହାଟରେ ଦେଖିବାକୁ ମିଳୁଛି। ଏପରିକି ଜରୁରୀ ସେବା ଯୋଗାଉଥିବା ୧୦୮ ଏବଂ ୧୦୨ ଆମ୍ବୁଲାନ୍ସକୁ ମଧ୍ୟ ଶୁକ୍ରବାର ନାକେଦମ ହେବାକୁ ପଡୁଛି। ଏହି ସାପ୍ତାହିକ ହାଟ ଉପରେ ବ୍ଲକର ୮ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି । କୋରାପୁଟ, ଟିକିରି, ସେମିଳିଗୁଡ଼ା ଏବଂ ଲକ୍ଷ୍ମୀପୁର ଅଞ୍ଚଳରୁ ବ୍ୟବସାୟୀମାନେ ଆସିଥାନ୍ତି। ଲୋକଙ୍କ ସୁବିଧା ଦୃଷ୍ଟିରୁ ହାଟ ଦିନ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ପଚାରିବାରୁ ସେ ଟ୍ରାଫିକ ନିୟନ୍ତ୍ରଣ ନେଇ କିଛି ବ୍ୟବସ୍ଥା କରିବେ ବୋଲି କହିଥିଲେ।

# ୧୦ ଶ୍ରେଣୀ, ୨୨୦ ପିଲାଙ୍କୁ ୨ ଶିକ୍ଷକ

ମାଲକାନଗିରି, ୮।୭(ଡି.ଏନ୍.ଏ.)

**ସ୍ୱାଭିମାନ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଦୁର୍ଗମ ପାପରମେଟଲା ଉନ୍ନୀତ ବିଦ୍ୟାଳୟକୁ ସରକାର ଉଚ୍ଚ ବିଦ୍ୟାଳୟ ଘୋଷଣା କରିଥିଲେ ମଧ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ୧୦ଟି ଶ୍ରେଣୀରେ ୨୨୦ ଛାତ୍ରୀଛାତ୍ର ପଢୁଥିବା ଏହି ବିଦ୍ୟାଳୟରେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପଢ଼ାଇବା ପାଇଁ କୌଣସି ବିଜ୍ଞାନ ଶିକ୍ଷକ ନାହାନ୍ତି। ୧୯୯୨ରେ ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ରୂପେ ଏହା ସ୍ଥାପିତ ହୋଇଥିଲା। ପରେ ଏହା ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଛି। ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ଅଞ୍ଚଳବାସୀ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ବିଭାଗ ଓ ବ୍ଲକକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଶିକ୍ଷକ ପଦବୀ ପୂରଣ ନ ହେଲେ ଅଭିଭାବକମାନେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇବାକୁ ବାଧ ହେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ କିଛିବର୍ଷ ମଧରେ ବହୁ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ୧୦୦ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଆଗାମୀ ଦିନରେ ଏହି ଶିକ୍ଷକମାନଙ୍କୁ ପାପରମେଟଲାରେ ନିଯୁକ୍ତି କରାଯିବାକୁ ବିଚାର କରାଯାଉଛି।

# ୩୩ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ସେମିଳିଗୁଡ଼ା,ସୁନାବେଡ଼ା,୮।୭(ସ୍ୱ.ପ୍ର.)

ସେମିଳିଗୁଡ଼ା ଉପରସାହିରେ ଶୁକ୍ରବାର ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସେମିଳିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତ ଅନ୍ତର୍ଗତ ମନ୍ଦାରଗୁଡ଼ା ଗ୍ରାମର ସଣ୍ଡା ସାନ୍ତାଙ୍କ ପୁଅ ରତନ ସାନ୍ତା (୩୨ )। ରତନ ଉପରସାହିସ୍ଥିତ ଆମ୍ବେଡକର ନଗରରେ ଏକ ଘର ନିର୍ମାଣରେ ଶ୍ରମିକ ଭାବେ କାମ କରୁଥିଲେ। ଛାତ ଉପରେ ଲୁହାରଡ୍ କାମ କରୁଥିବା ବେଳେ ରଡ୍‌କୁ ଟେକି ଉଠାଇବା ବେଳେ ଛାତ ଉପର ଦେଇ ଯାଇଥିବା ୩୩ କେଭି ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଘର ମାଲିକ ଏବଂ ସାହିବାସୀ ବିଲେଇଗୁଡା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସେମିଳିଗୁଡ଼ା ଥାନା ଏସ୍ଆଇ ଦୀପକ ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ପଠାଇଥିଲେ। କେସ୍ ନଂ. ୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

କମ୍ପାନୀ ପାଇଁ ଡ୍ରାଇଭର ଆବଶ୍ୟକ
ଡ୍ରାଇଭର ଜଣକ କଟକ ଚାଉଳିଆଗଞ୍ଜ/ ମହାନଦୀ ବିହାର/ନୂଆ ବଜାର ଅଞ୍ଚଳରେ ରହୁଥିବା ଆବଶ୍ୟକ । ସରକାରୀ ଅବସରପ୍ରାପ୍ତ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯିବ । ଆଗ୍ରହୀ ବ୍ୟକ୍ତି ନିଜ ଅଭିଜ୍ଞତା Whatsapp କିମ୍ବା SMS ମାଧ୍ୟମରେ ପଠାଇବେ ।
Whatsapp/SMS Number:
9437035884

ଭୁବନେଶ୍ୱର ଅଫିସ୍ ପାଇଁ
ଷ୍ଟାଫ୍ ଆବଶ୍ୟକ

| Post | Salary | Qualification |
|---|---|---|
| Graphic Designer | 15K to 20K | +3 and above |
| Office Assistant | 8K to 10K | +3 and above |
| Office Peon | 5K to 7K | +2 and above |

needofficestaffs@gmail.com
8249416516 (Whatsapp)

भारतीय पैंकेजिंग संस्थान
Indian Institute of Packaging
(AN AUTONOMOUS BODY UNDER THE MINISTRY OF COMMERCE & INDUSTRY, GOVT. OF INDIA)
Kolkata Centre
Packaging for Better Living
CAREER IN PACKAGING
ADMISSION OPEN 2022-24
PGDP
Post Graduate Diploma in Packaging in Mumbai & Kolkata Centre
Excellent opportunity for placement



Eligibility: B.Sc (12+3) (not by correspondence or part time) with Physics, Chemistry, Mathematics, Microbiology or B. Tech/B.E in Chemical, Mechanical, Electrical, Electronics, Civil, Bio Chemistry / Bio Technology, Agriculture, Food Science, Polymer Science, B. Pharma, Printing, Engineering or Technology degree of AICTE / recognized university with minimum 2nd class.
Final year Student awaiting result may also apply.
Admission: Through Entrance Examination (Offline) at Mumbai, Kolkata, Chennai, Delhi, Hyderabad & Ahmedabad on 22nd July, 2022.
Last date for receiving filled applications: 18th July, 2022
For online applications click on https://iiponline.iip-in.com
For details, please contact :
Phone: - 033-2367 6016/ 0763, Phone / Fax: - 033-2367 9561
Mr. Bidhan Das - Dy. Director & Br. Head: 8017219939 (9am - 6pm), 8240248723
Mr. Rishu Gautam, Course Coordinator : 7416564129 (9am - 6pm)
E-Mail: iipkolkata@iip-in.com; labiipkolkata@iip-in.com; Website: www.iip-in.com

REQUIRED
1. HOSTEL SUPERINTENDENT (Male) : Qualification- B.Sc with Computer knowledge.
2. WARDEN (Male/Female) : Qualification- +2 pass above.
3. TELECALLING (Female)
(ରହିବା + ଖାଇବା ସୁବିଧା ଅଛି)
ASHALATA INSTITUTE, Delta Square, Paika Nagar, Bhubaneswar.
CONTACT : 6371153219

ଆବଶ୍ୟକ
Sailashree Viharରେ ଏକ Boutique ପାଇଁ Boutique Designer ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀ 8249331220 Mobile Numberରେ ଯୋଗାଯୋଗ କରନ୍ତୁ ।

OrissaPOST English daily
WANTED
LAYOUT DESIGNERS
- Minimum 3 years+ experience in print media.
- Proficiency in QuarkXPress 8.12, Photoshop CS3, PageMaker 7.0, CorelDRAW 13, Indesign 11 is a must.
Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.

DSPL-89
କୃଷକ ଓଡ଼ିଶା
GO SUGAM
Government of Odisha - Single Window Unified Gateway for Agrarian Management

କୃଷକ ଓଡ଼ିଶା
- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା

krushak.odisha.gov.in

ଗୋ-ସୁଗମ
- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା

sugam.odisha.gov.in

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ
- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)



ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

ଚାଷୀ ଭାଇ ଓ ଭଉଣୀମାନେ କୃଷକ 'ଓଡ଼ିଶା ପୋର୍ଟାଲ'ରେ ୩୧ଜୁଲାଇ ୨୦୨୨ ସୁଦ୍ଧା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ନୂତନ ପଞ୍ଜୀକରଣ କିମ୍ବା ତଥ୍ୟ ଅପଡେଟ୍ ଶତକଡ଼ା ୫୦ ଭାଗ ରିହାତିରେ କରନ୍ତୁ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR-01034/13/0014/2223

ରଥଯାତ୍ରାର ଅଭିନନ୍ଦନ



ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଅନୁଶ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ
ଅଙ୍କଡାଳି, ଲମତାପୁଟ ବ୍ଲକ, ଜିଲ୍ଲା-କୋରାପୁଟ



ରଥଯାତ୍ରାର ଅଭିନନ୍ଦନ
ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।
ଅଶୋକ କୁମାର ସତପଥୀ
ଜିଲ୍ଲା ମଙ୍ଗଳ ଅଧିକାରୀ

ରଥଯାତ୍ରା ଶୁଭେଚ୍ଛା



ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ
ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଦିବାକର ପୂଜାରୀ
ନବରଙ୍ଗପୁର ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ଆବାହକ ତଥା ଅଗ୍ନିପୁର ପଞ୍ଚାୟତ ସରପଞ୍ଚ

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା

# ସମାଧାନର ବାଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବହୁ ସମୟରେ ଆଇଏଏସ୍ ଅଧିକାରୀମାନଙ୍କ ବିରୋଧରେ ଆସୁଥିବା ଅଭିଯୋଗର ତଦନ୍ତ ପାଇଁ ଜଣେ ଆଇଏଏସ୍ ଅଧିକାରୀ ପାଇବା ଅନେକ ସରକାରଙ୍କ ଲାଗି କଷ୍ଟକର ହୋଇଯାଉଛି। ଏହି ଅଧିକାରୀମାନେ ତଦନ୍ତରେ ଭାଗନେବା ଲାଗି ନିଜ ବିଭାଗୀୟ ଦାୟିତ୍ୱକୁ ଅଲଗା କରିବାକୁ ପଡୁଛି। ତଦନ୍ତର ସମ୍ମୁଖୀନ ହେଉଥିବା ଜଣେ ଅଧିକାରୀଙ୍କଠାରୁ ଜଣେ ବରିଷ୍ଠ ଅଧିକାରୀ ମିଳିବେ କି ନାହିଁ ତାହା ବି ଏକ ଜଟିଳ ପ୍ରଶ୍ନ ହୋଇ ରହିଛି। କିନ୍ତୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମାଧାନର ଏକ ବାଟ ପାଇଛନ୍ତି, ଯାହା ଜଟିଳତା ଦୂର କରିବା ସହ ନିର୍ଦ୍ଧାରିତ ସମୟରେ ତଦନ୍ତଗୁଡ଼ିକୁ ଶେଷ କରିବା କାର୍ଯ୍ୟକୁ ନିଶ୍ଚିତ କରିପାରିବ। ଏହି ଦାୟିତ୍ୱ ଲାଗି ଉତ୍ତରପ୍ରଦେଶ ସରକାର ଅବସରପ୍ରାପ୍ତ ଅମଲାତନ୍ତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ସ୍ଥିର କରିଛନ୍ତି। ଯେଉଁ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀମାନେ ଏହି କମିଟିରେ ରହି କାର୍ଯ୍ୟ କରିବାକୁ ଆଗ୍ରହୀ ସେମାନଙ୍କଠାରୁ ରାଜ୍ୟ ଡିପାର୍ଟମେଣ୍ଟ ଅଫ୍ ଆପଏଣ୍ଟମେଣ୍ଟ ଆଣ୍ଡ୍ ପର୍ସନେଲ ଦରଖାସ୍ତ ଆହ୍ୱାନ କରିଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଦୁର୍ଗା ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଅନ୍ୟ ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ପ୍ୟାନେଲ ତଦନ୍ତ କାର୍ଯ୍ୟ ଲାଗି ଯୋଗ୍ୟ ପ୍ରାର୍ଥୀମାନଙ୍କ ନାମ ସୁପାରିସ କରିବ। ଜଣାପଡ଼ିଛି ଯେ, କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ଯଥା, ପ୍ରମୁଖ ସଚିବ, ଅତିରିକ୍ତ ମୁଖ୍ୟ ସଚିବମାନଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ତଦନ୍ତ ଦାୟିତ୍ୱ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀମାନଙ୍କୁ ପ୍ରଦାନ କରାଯିବ। ଯେତେ ଗୁଡ଼ିଏ ତଦନ୍ତ କରାଯିବ ତାହା ୧୮୦ ଦିନ ମଧ୍ୟରେ ଶେଷ କରିବାକୁ ପଡ଼ିବ। ତେବେ କେତେଜଣ ଆଶଙ୍କା ପ୍ରକାଶ କରୁଛନ୍ତି ଯେ, ଏହି ଯୋଜନା ଅମଲାତନ୍ତ୍ରୀମାନଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିବ।

### ପଦବୀ ପାଇଁ ଦୌଡ଼

ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ବିଜୟ ପରେ ବହୁ ବରିଷ୍ଠ ଅମଲାତନ୍ତ୍ରୀ ନୂଆ ପ୍ରଶାସନରେ କିମ୍ବା ଏହା ବାହାରେ ପାଦ ଥାପିବାକୁ ଚେଷ୍ଟା କରିଆସୁଛନ୍ତି। ଜଣାପଡ଼ିଛି ଯେ, କାର୍ଯ୍ୟରତ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭି.କେ. ଭାୱ୍ରା ଦୁଇ ମାସ ଛୁଟି ପାଇଁ ଆବେଦନ କରିଛନ୍ତି। ଫଳରେ ଏହା ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ପାଇଁ ଜଣେ କାର୍ଯ୍ୟକାରୀ ଡିଜିପିଙ୍କୁ ନିଯୁକ୍ତି ଦେବା ଲାଗି ମାର୍ଗ ପ୍ରଶସ୍ତ କରିଛି। ଭାୱ୍ରା କେନ୍ଦ୍ରୀୟ ଡେପୁଟେଶନ ପାଇଁ ଅନୁରୋଧ କରିଛନ୍ତି ଓ ରାଜ୍ୟ ସରକାର ମଧ୍ୟ ତାହା ଗ୍ରହଣ କରି କେନ୍ଦ୍ରକୁ ପଠାଇଥିବା ସ୍ପଷ୍ଟ ହୋଇଛି। ପଞ୍ଜାବରେ ଏଏପି ସରକାର ଦାୟିତ୍ୱ ନେବା ପରେ ଆଉ ଜଣେ ହାଇ ପ୍ରୋଫାଇଲ ଅଧିକାରୀ ଭାବେ ଭାୱ୍ରା ରାଜ୍ୟ ବାହାରକୁ ଯିବାକୁ ଯୋଜନା କରିଛନ୍ତି। ନିକଟରେ ପୂର୍ବତନ ପଞ୍ଜାବ ଡିଜିପି ଡିଙ୍କର ଗୁପ୍ତା ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ)ର ନୂଆ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ଗୁପ୍ତାଙ୍କ ସ୍ତ୍ରୀ ତଥା ରାଜ୍ୟର ପୂର୍ବତନ ମୁଖ୍ୟ ସଚିବ ବିନି ମହାଜନ ଏବେ ଜଳ ସଂସାଧନ ଏବଂ ନଦୀ ବିକାଶ ମନ୍ତ୍ରଣାଳୟରେ କେନ୍ଦ୍ରୀୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସୂତ୍ରରୁ ପ୍ରକାଶ ଯେ, ପଞ୍ଜାବ ପୋଲିସରେ ଭାୱ୍ରାଙ୍କ ପଦବୀ ଲାଗି ଅନେକ ଦାବିଦାର ରହିଛନ୍ତି। ପଞ୍ଜାବରେ ସବୁଠୁ ବରଷ୍ଠ ୧୯୮୮ ବ୍ୟାଚ ଆଇପିଏସ୍ ଅଧିକାରୀ ପ୍ରବୋଧ କୁମାର ଏହି ଦୌଡ଼ରେ ଜିତିବେ ବୋଲି ଅନେକେ ବାଜି ଲଗେଇଛନ୍ତି। ତେବେ ହରପ୍ରୀତ୍ ସିଂ ସିଦ୍ଧୁ, ଗୌରବ ଯାଦବ ଏବଂ ଏସ୍.ଏସ୍ ଚୌହାନ କାର୍ଯ୍ୟକାରୀ ଡିଜିପି ପଦ ପାଇଁ ଦୌଡରେ ଆଗରେ ଥିବା ଦେଖାଯାଉଛି।

### ବାବୁ ଅଭାବ

ଆଇଏଏସ୍ ଅଧିକାରୀଙ୍କ ଅଭାବ ସ୍ଥିତିକୁ ସାମ୍ନା କରୁଛି ହରିୟାଣା। ଏହି ସଙ୍କଟ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ପାଇଁ ଅତି ଗମ୍ଭୀର ହୋଇଯାଇଛି ଓ ଉକ୍ତ ସମସ୍ୟାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଉପସ୍ଥାପନ କରିବାକୁ ପଡ଼ିଛି। ଏହି ସମୟରେ ଖଟ୍ଟର ଚଳିତ ବର୍ଷ ଅବସର ନେବାକୁ ଥିବା ସମସ୍ତ ଆଇଏଏସ୍ ଅଧିକାରୀଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରିବାର ବିକଳ୍ପ ଖୋଜୁଛନ୍ତି। କିନ୍ତୁ ଏଥିରେ କିଛି ବାଧା ରହିଛି। ରାଜ୍ୟ ସରକାର କାର୍ଯ୍ୟକାଳ କେବଳ ତିନି ମାସ ବଢ଼ାଇପାରିବେ। ଏହାଠାରୁ ଅଧିକ ସମ୍ପ୍ରସାରଣ କରିବାକୁ ହେଲେ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ନେବାକୁ ପଡ଼ିବ। ହରିୟାଣାରେ ଚଳିତ ବର୍ଷ ୧୧ ଜଣ ଆଇଏଏସ୍ ଅଧିକାରୀ ଅବସର ନେବାର ଅଛି ଓ ଏଥିପାଇଁ ଅନେକ ଶୀର୍ଷ ପଦବୀ ଖାଲି ହେବ ବୋଲି ଜଣାପଡ଼ିଛି। କିନ୍ତୁ ଏମାନଙ୍କ ପରବର୍ତ୍ତୀ ବ୍ୟାଚରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ଅଧିକ ନାହିଁ। ଏଣୁ ସରକାର ବରିଷ୍ଠ ଅଧିକାରୀଙ୍କ ଅଭାବକୁ ସାମ୍ନା କରିବେ ବୋଲି ଏବେ ଚିନ୍ତିତ ରହିଛନ୍ତି। ତେବେ କେନ୍ଦ୍ରରେ ଅଧିକାରୀମାନେ ଅବସର ପରେ କାର୍ଯ୍ୟ ଜାରି ରଖିବାର ଦୃଷ୍ଟାନ୍ତ ରହିଛି। ଏଣୁ ହରିୟାଣାରେ ଆଇଏଏସ୍ ଅଧିକାରୀଙ୍କ ସଙ୍କଟ ଦୂର କରିବା ଲାଗି ଖଟ୍ଟର ସମାନ ପ୍ରକାର ଧାରା ଆପଣାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନୁମତି ପାଇବାକୁ ଆଶା କରୁଛନ୍ତି। ଏବେ ଅଭାବ ଯୋଗୁ ଅଧିକାଂଶ ବରିଷ୍ଠ ଅଧିକାରୀ ଦୁଇ କିମ୍ବା ତିନିଟି ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଯଦି ୧୧ ଜଣ ଆଇଏଏସ୍ ଅଧିକାରୀଙ୍କୁ ଅବସର ନେବା ଲାଗି ଅନୁମତି ଦିଆଯାଏ, ତେବେ ଅବଶିଷ୍ଟ ଅଧିକାରୀମାନେ ୫ରୁ ୮ଟି ବିଭାଗର ଦାୟିତ୍ୱ ନେବାକୁ ବାଧ ହେବେ। ଏହା କେବେ ବି ସମ୍ଭବ ନୁହେଁ।

Email: dilipcherian@gmail.com

# ଏସ୍‌ୟୁପି ନିଷିଦ୍ଧ: ଏକ ବଡ଼ ପଦକ୍ଷେପ



ଭୂପେନ୍ଦ୍ର ଯାଦବ

୨୦୧୮ରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆମର ବାର୍ତ୍ତା ଥିଲା ପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା। ଦେଶରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ(ଏସ୍‌ୟୁପି)ର ଅବସାନ ଘଟାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହାର ବର୍ଷକ ପରେ ନିଜର ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ପୁନର୍ବାର ଏହି ପ୍ରସଙ୍ଗ ଉତ୍ଥାପନ କରି କହିଥିଲେ, ଆମେ ଭାରତକୁ ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକରୁ ମୁକ୍ତ କରିପାରିବା କି ? ଏହି ଲକ୍ଷ୍ୟ ପୂରଣ କରିବାକୁ କାର୍ଯ୍ୟ ଆରମ୍ଭ କରିବାର ସମୟ ଆସିଯାଇଛି। ଏ ଦିଗରେ କାମ କରିବାକୁ ସମୟ ଉପଗତ ହୋଇଛି। ଦୋକାନୀମାନେ ଏହି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ମୁଣା ପରିବର୍ତ୍ତେ ଖୋଟ ଓ କନା ମୁଣା/ ବ୍ୟାଗ ବ୍ୟବହାର କରିବା ଉଚିତ। କ୍ରେତାମାନେ ମଧ୍ୟ ସଚେତନ ହୋଇ ଏଭଳି ପ୍ଲାଷ୍ଟିକକୁ ବର୍ଜନ କରିବା ସହ ପ୍ଲାଷ୍ଟିକ ପ୍ରଦୂଷଣ ହ୍ରାସ ଦିଗରେ ସହଯୋଗ ଯୋଗାଇବା ଆବଶ୍ୟକ। ଆମକୁ ମଧ୍ୟ ଏ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ବ୍ୟବହାର କରିବାକୁ ପଡ଼ିବ। ତେବେ ଯାଇ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ରୋକିହେବ।

ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବାର ଅନେକ ଯଥାର୍ଥ କାରଣ ରହିଛି। ଏହା ପରିବେଶ ସମେତ ମଣିଷର ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକର ଏକ ନଗଣ୍ୟ ଭାଗ ପୁନଃ ପ୍ରକ୍ରିୟାକୃତ (ରିସାଇକ୍ଲିଂ) ବା ନଷ୍ଟ ହେଉଛି। ଆବର୍ଜନାରୁ ଶକ୍ତି ସୃଷ୍ଟି କରିବାର ଯେଉଁ ବ୍ୟବସ୍ଥା ରହିଛି ସେଥିରେ ପ୍ଲାଷ୍ଟିକର ବ୍ୟବହାର ଅତ୍ୟନ୍ତ ସ୍ୱଳ୍ପ। ଫଳରେ ପରିତ୍ୟକ୍ତ ପ୍ଲାଷ୍ଟିକ ଆବର୍ଜନା ଏଣେତେଣେ ବିକ୍ଷିପ୍ତ ଭାବେ ପଡୁଛି ବା ଖାଲପୋତା କାମରେ ଲାଗୁଛି। ବିପଜ୍ଜନକ କଥା ହେଲା ପ୍ଲାଷ୍ଟିକରୁ ବିଷାକ୍ତ ପଦାର୍ଥ ନିର୍ଗତ ହୋଇ ମାଟି ଓ ପାଣିରେ ମିଶିଥାଏ। ପ୍ଲାଷ୍ଟିକ ନଷ୍ଟ ହେବା ପ୍ରକ୍ରିୟାରେ ଅତି କ୍ଷୁଦ୍ର କ୍ଷୁଦ୍ର ଭାଗରେ ବିଭକ୍ତ ହୋଇ ସୂକ୍ଷ୍ମାତିସୂକ୍ଷ୍ମ ଭାବେ ପରିବେଶକୁ ପ୍ରଦୂଷିତ କରେ। ନୂଆ ଗବେଷଣାରୁ ଜଣାପଡ଼ିଛି ଯେ ଏହି ସୂକ୍ଷ୍ମାତିସୂକ୍ଷ୍ମ (ମାଇକ୍ରୋ) ପ୍ଲାଷ୍ଟିକର ଉପସ୍ଥିତି ଏବେ ମୃତ୍ତିକା, ଜଳଉତ୍ସ ଏବଂ ଆମେ ପ୍ରଶ୍ୱାସରେ ଗ୍ରହଣ କରୁଥିବା ବାୟୁରେ ଦେଖିବାକୁ ମିଳୁଛି। ଏହା ଏକ ବିଶେଷ ଚିନ୍ତାର ବିଷୟ।

ଏକକ ବ୍ୟବହାର ପ୍ଲାଷ୍ଟିକ ଦୂରୀକରଣ ପାଇଁ ଭାରତ ଆହ୍ୱାନ ଦେବା ପରେ ସମଗ୍ର ବିଶ୍ୱରେ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାକୁ ସମସ୍ତେ ତତ୍ପରତା ପ୍ରକାଶ କଲେଣି। କେନିଆର ରାଜଧାନୀ ନାଇରୋବିଠାରେ ଜାତିସଂଘ ପରିବେଶ ପରିଷଦର ଯେଉଁ ବୈଠକ ଗତ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା ସେଥିରେ ମୁଖ୍ୟ ପ୍ରସଙ୍ଗ ଥିଲା ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା। ଏହି ବୈଠକରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇ ଏକକ ବ୍ୟବହାର ପ୍ଲାଷ୍ଟିକକୁ ନିଷିଦ୍ଧ କରିବାକୁ ଜାତିସଂଘର ସବୁ ରାଷ୍ଟ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ପ୍ରସ୍ତାବରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ଆନ୍ତର୍ଜାତିକ ସ୍ତରରେ ନିଷିଦ୍ଧ କରାଯାଇଛି ଏବଂ ଏହାକୁ ମାନିବାକୁ ସବୁ ଦେଶ ଆଇନତଃ ବାଧ୍ୟ।



ଚଳିତ ବର୍ଷ ଜୁଲାଇ ପହିଲାରୁ ଭାରତରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ କରାଯାଇଛି। ଏ ସମ୍ପର୍କରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିଛି। ଏଥିରେ ପ୍ଲାଷ୍ଟିକ ପ୍ୟାକେଜିଂ କ୍ଷେତ୍ରରେ ଉତ୍ପାଦକଙ୍କ ପରିବର୍ଦ୍ଧିତ ଦାୟିତ୍ୱ ଇପିଆର ଅନ୍ତର୍ଭୁକ୍ତ ହୋଇଛି। ଏହି ନିର୍ଦ୍ଦେଶାବଳୀ ଅନୁସାରେ ପ୍ୟାକେଜିଂରେ ପ୍ଲାଷ୍ଟିକ ବ୍ୟବହାର କରୁଥିବା ଉତ୍ପାଦକମାନଙ୍କୁ ବ୍ୟବହୃତ ପ୍ଲାଷ୍ଟିକର ଏକ ସର୍ବନିମ୍ନ ଭାଗକୁ ସାମଗ୍ରୀ ବିକ୍ରି ପରେ ବଜାରରୁ ସଂଗ୍ରହ କରି ରିସାଇକ୍ଲିଂ କରିବା ବାଧ୍ୟତାମୂଳକ ହୋଇଛି। ସେହିଭଳି ଆମଦାନୀକାରୀ ସାମଗ୍ରୀର ମାଲିକ ପ୍ୟାକେଜିଂରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକକୁ ମଧ୍ୟ ବ୍ୟବହାର ପରେ ସଂଗ୍ରହ କରି ତାହାକୁ ନଷ୍ଟ ବା ରିସାଇକ୍ଲିଂ କରିବାକୁ ବାଧ୍ୟ। ତେବେ ଏହା କେତେ ପରିମାଣରେ ସଂଗୃହୀତ ହେବ ତାହାର ମଧ୍ୟ ନିର୍ଦ୍ଦେଶ ରହିଛି। ଏହାଛଡା ଇପିଆର ଗାଇଡଲାଇନରେ ପ୍ଲାଷ୍ଟିକ ପ୍ୟାକେଜିଂ ପରିବର୍ତ୍ତେ ବିକଳ୍ପ ପ୍ୟାକେଜିଂ ପଦାର୍ଥ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ କୁହାଯାଇଛି।

ଏହାଛଡା ଏହି ଇପିଆରରେ ପ୍ୟାକେଜିଂ ପାଇଁ ପୁନଃପ୍ରକ୍ରିୟାକୃତ (ରିସାଇକ୍ଲିଂ) ପ୍ଲାଷ୍ଟିକ ବ୍ୟବହାର କରିବାର ନିର୍ଦ୍ଦେଶ ଅଛି। ଏସବୁ ସତ୍ତ୍ୱେ ଏବେ ପ୍ରଶ୍ନ ହେଉଛି ପ୍ଲାଷ୍ଟିକର ବିକଳ୍ପ କ'ଣ ? ମୋଦି ସରକାର ପରିବେଶର କ୍ଷତି ସାଧନ କରି ବିକାଶ ହାସଲ ନୀତିର ବିରୋଧୀ। ବିକାଶ ସହିତ ପରିବେଶର ସୁରକ୍ଷା ଓ ଯତ୍ନ ଉପରେ ଏହା ଗୁରୁତ୍ୱ ଦିଏ। ଏହି ମୌଳିକ ନୀତି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିବେଶ ପାଇଁ ଜୀବନଶୈଳୀ ଆହ୍ୱାନ (ଲାଇଫ)କୁ ସ୍ମରଣ ରଖି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପ୍ଲାଷ୍ଟିକର ବିକଳ୍ପ ସମ୍ପର୍କରେ ଏକ ଜାତୀୟ ପ୍ରଦର୍ଶନୀ ଆୟୋଜନ କରିଥିଲା। ପ୍ଲାଷ୍ଟିକର ଅପକାରିତା ଓ ବିକଳ୍ପ ସାମଗ୍ରୀ ବ୍ୟବହାର ପାଇଁ ଜନସଚେତନତା ସୃଷ୍ଟି ଥିଲା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏଭଳି ପ୍ରଦର୍ଶନୀମାନ ଆୟୋଜନ କରି ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଓ ବିକଳ୍ପ ସାମଗ୍ରୀ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ଜନସାଧାରଣଙ୍କୁ ସଚେତନ କରିବାକୁ କୁହାଯାଇଛି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାକୃତିକ ଉପାୟରେ ସହଜରେ ନଷ୍ଟ ହେବା ଭଳି ପ୍ଲାଷ୍ଟିକ ସମ୍ପର୍କରେ ଏକ ଅସ୍ଥାୟୀ ମାନକ ନିର୍ଦ୍ଧାରଣ କରାଯାଉଛି। ତଦନୁସାରେ ପ୍ଲାଷ୍ଟିକର ବିକଳ୍ପ ସାମଗ୍ରୀ ଉତ୍ପାଦନ କରିବାକୁ ଏମ୍ଏସ୍ଏମ୍ଇଗୁଡିକୁ ସହଯୋଗ ଯୋଗାଇ ଦେବାକୁ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟ ସରକାରମାନେ ମଧ୍ୟ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବିକଳ୍ପ ପ୍ରସ୍ତୁତ କରିବାକୁ ଏମ୍ଏସ୍ଏମ୍ଇକୁ ଆବଶ୍ୟକ ସାହାଯ୍ୟ ସହଯୋଗ ଓ ଦିଗ୍‌ଦର୍ଶନ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଷ୍ଟାର୍ଟଅପ ଇଣ୍ଡିଆ ଯୋଜନାରେ ପ୍ଲାଷ୍ଟିକର ବିକଳ୍ପ ବାହାର କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଉଦ୍ୟୋଗ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ(ଡିପିଆଇଆଇଟି) ସହ କାମ କରୁଛି।

କମ୍ପୋଷ୍ଟଯୋଗ୍ୟ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପ୍ରାୟ ୨୦୦ଉତ୍ପାଦକଙ୍କୁ ଏକକାଳୀନ ସାର୍ଟିଫିକେଟ ପ୍ରଦାନ କରିଛି। ମୋଦି ସରକାରଙ୍କ ସୁଗମ ବ୍ୟବସାୟ ନୀତି ଅନୁସାରେ ଏହି ସାର୍ଟିଫିକେଟର ନବୀକରଣ ଅନାବଶ୍ୟକ। ଅନ୍‌ଲାଇନ ପୋର୍ଟାଲରେ ସମ୍ପୃକ୍ତ ଉତ୍ପାଦନକାରୀ ଏହି ସାର୍ଟିଫିକେଟ ହାସଲ କରି ନିଜର ଉତ୍ପାଦନ ଆରମ୍ଭ କରିପାରିବେ। ଆହୁରି ମଧ୍ୟ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବିକଳ୍ପ ବାହାର କରିବାକୁ ସିପେଟ(କେନ୍ଦ୍ରୀୟ ପେଟ୍ରୋ-ରସାୟନ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି) କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ କର୍ମଶାଳାମାନ ଆୟୋଜନ କରୁଛି। ଇ-କମର୍ସ କମ୍ପାନୀ, ପ୍ରମୁଖ ବିକ୍ରେତା / ବ୍ୟବହାରକାରୀ ଓ ପ୍ଲାଷ୍ଟିକ କଞ୍ଚାମାଲ ଉତ୍ପାଦକମାନଙ୍କୁ ମଧ୍ୟ ଏହି ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ ଓ ବ୍ୟବହାରକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ ସତ୍ତ୍ୱେ ଜନଭାଗୀଦାରି ବିନା ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟ ସଫଳ ହୋଇପାରିବ ନାହିଁ। ଜନସାଧାରଣଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

ଏକକ ବ୍ୟବହାର ପ୍ଲାଷ୍ଟିକ ନିଷେଧାଦେଶକୁ ସଫଳ କରିବାକୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ବ୍ୟାପକ ପଦକ୍ଷେପ ଓ କାର୍ଯ୍ୟକ୍ରମ ହାତକୁ ନେଇଛି। ଏଥିରେ ପ୍ଲାଷ୍ଟିକର କଞ୍ଚାମାଲ ଯୋଗାଣ ହ୍ରାସ, ଏକକ ବ୍ୟବହାର ପ୍ଲାଷ୍ଟିକର ଚାହିଦା କମାଇବା, ନିଷେଧାଦେଶର ଉପଯୁକ୍ତ କାର୍ଯ୍ୟକାରିତା ଓ ତଦାରଖ ବ୍ୟବସ୍ଥା ଦେଖିବାକୁ ଡିଜିଟାଲ କୌଶଳର ବ୍ୟବହାର ଆଦି ଅନ୍ତର୍ଭୁକ୍ତ। ଏହା ସହିତ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ବର୍ଜନ କରିବାକୁ ଜନସଚେତନତା କାର୍ଯ୍ୟ ବ୍ୟାପକ ଭାବେ ତଦାରଖ କରିବା ପାଇଁ ଏକ ଜାତୀୟ ଡ୍ୟାସ ବୋର୍ଡ ସ୍ଥାପନ କରାଯାଇଛି।

ଏକ ସୁସ୍ଥ, ଉତ୍ତମ ଓ ନିରନ୍ତର ବିକାଶଶୀଳ ପୃଥିବୀ ଗଠନ ଦିଗରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ମାଧ୍ୟମରେ ଆମେ ଆମ ପରିବର୍ତ୍ତୀ ବଂଶଧରଙ୍କୁ ଏକ ସୁସ୍ଥ, ସବୁଜ ଓ ପ୍ରଦୂଷଣମୁକ୍ତ ପୃଥିବୀ ହସ୍ତାନ୍ତର କରିପାରିବା। ଏହା ଆମ ପାଇଁ ନିଶ୍ଚିତ ଏକ ଗର୍ବ ଓ ଗୌରବର ବିଷୟ ହେବ। ସମସ୍ତଙ୍କ ସହଯୋଗ ଓ ମିଳିତ ଉଦ୍ୟମରେ ଆମେ ଭାରତରୁ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ଦୂର କରିପାରିବା। ପ୍ରଧାନମନ୍ତ୍ରୀ ଯେଉଁ 'ଲାଇଫ' ଲକ୍ଷ୍ୟ (ଷ୍ଟାଇଲ ଫର୍ ଏନ୍‌ଭାଇରନମେଣ୍ଟ ବା ପରିବେଶ ପାଇଁ ଜୀବନଶୈଳୀ) ରଖିଛନ୍ତି, ତାହାକୁ ସାକାର କରିବା ପାଇଁ ଆମକୁ ପରିବେଶ ଅନୁକୂଳ ପଦ୍ଧତି ଓ ବିକଳ୍ପ ବାହାର କରିବାକୁ ପଡ଼ିବ। ତେବେ ଯାଇ ଆମର ଭବିଷ୍ୟତ ସୁରକ୍ଷିତ ହୋଇପାରିବ।

**(ଲେଖକ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ)**

# ପ୍ରକୃତିମାତା ଓ ଚତୁର୍ମାସ୍ୟା



ନଗେନ୍ଦ୍ର ନାଥ ପଟ୍ଟନାୟକ

ଆଷାଢ଼ ମାସ ଶୁକ୍ଳପକ୍ଷ ଦେବଶୟନ ଏକାଦଶୀରୁ ଦେବୋତ୍ଥାନ ପର୍ଯ୍ୟନ୍ତ ଚାରି ମାସର ଅବଧି ସନାତନ ହିନ୍ଦୁ ସଂସ୍କୃତିରେ ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରିଥାଏ। ବୈଦିକ ଯୁଗର ମୁନିଋଷିଗଣ ଚାରି ମାସର ଏଇ ଚତୁର୍ମାସ କାଳଖଣ୍ଡକୁ ଶାରୀରିକ ତଥା ମାନସିକ ଉତ୍କର୍ଷ ଦୃଷ୍ଟିକୋଣରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ କରନ୍ତି। ପୌରାଣିକ ଦୃଷ୍ଟିରୁ ବିଚାରିଲେ ଦେବଶୟନ ଏକାଦଶୀରୁ ହିଁ ବିଶ୍ୱବ୍ରହ୍ମାଣ୍ଡର ପାଳନକର୍ତ୍ତା ଭଗବାନ ବିଷ୍ଣୁ ଚାରିମାସ ଯୋଗନିଦ୍ରାରେ ଶୟନ କରନ୍ତି ଏବଂ ତାଙ୍କ ସାଙ୍ଗରେ ତାଙ୍କର ସାହଚର୍ଯ୍ୟ ଦେବଶକ୍ତି ବି ନିଷ୍କ୍ରିୟ ଓ ନିସ୍ତେଜ ହୋଇଯାଏ। ପରିଣାମତଃ ଆସୁରିକ ଶକ୍ତିର ପ୍ରକୋପ ଅଧିକରୁ ଅଧିକ ବଢ଼ିଚାଲେ। ଏଭଳି ସ୍ଥିତିରେ ନକାରାତ୍ମକ ଶକ୍ତିଗୁଡ଼ିକୁ ନିର୍ମୂଳ କରିବା ନିମନ୍ତେ ଏ ଅବଧି ମଧ୍ୟରେ ସୃଷ୍ଟି ସଞ୍ଚାଳନର ଦାୟିତ୍ୱ ମହାଦେବ ନିଜ କାନ୍ଧକୁ ନେଇଥାନ୍ତି। ଖାସ୍‌କରି ଏହି କାରଣରୁ ଚାରିମାସ କାଳ ବିଶେଷରୂପେ ଭଗବାନ ଶିବଙ୍କୁ ନିଷ୍ଠା ତଥା କାଷ୍ଠାର ସହ ପୂଜନ ଓ ଅଭିଷେକ କରାଯିବାର ସମୃଦ୍ଧ ପରମ୍ପରା ପ୍ରଚଳିତ ହୋଇଅଛି।

ଭାରତବର୍ଷରେ ସନାତନ ଜ୍ଞାନତନ୍ତ୍ରର ଏହି ବିଜ୍ଞାନସମ୍ମତ ନିଷ୍କର୍ଷକୁ ଆଧୁନିକ ପରିପ୍ରେକ୍ଷୀରେ ଖୁବ୍ ଗମ୍ଭୀରତାର ସହ ହୃଦୟଙ୍ଗମ କରିବା ପ୍ରୟୋଜନ। ଆମ ଦେଶର ତତ୍ତ୍ୱଦର୍ଶୀ ଋଷି ମନୀଷୀମାନଙ୍କ ଉପଲବ୍ଧି ଅନୁସାରେ ପ୍ରକୃତିମାତା ସହିତ ଆମ ତନୁମନର ନିବିଡ଼ ସମ୍ପର୍କ ରହିଛି। ସେହି ଦୃଷ୍ଟିରୁ ବର୍ଷାଋତୁ ଆଗମନରେ ସେମାନେ ଆମ ଜୀବନଶକ୍ତିକୁ ସୁଦୃଢ଼ ଓ ସଶକ୍ତ କରିବା ଉଦ୍ଦେଶ୍ୟରେ ଚାରିମାସର ଅବଧି ମଧ୍ୟରେ ପୂଜାପାଠ, ଜପତପ ଓ ଯୋଗଧ୍ୟାନ ସାଙ୍ଗକୁ ଆହାର-ବିହାରର ତମାମ ନିୟମ ଓ ଅଧିନିୟମ ନିର୍ଦ୍ଧାରଣ କରିଥିଲେ।

ସୂତ୍ର ଆଧାରରେ ବିଚାରିଲେ ପ୍ରକୃତ ଅର୍ଥରେ ଚତୁର୍ମାସ କାଳଖଣ୍ଡ ପ୍ରକୃତିମାତାକୁ ସ୍ୱାଭାବିକତା ଶିଖାଇବା ସାଙ୍ଗକୁ ଆମକୁ ସଂଯମତା ଓ ସଦାଚାରର ପ୍ରେରଣା ଦେଇଥାଏ। ଭାରତୀୟ ଆୟୁର୍ବେଦର ମନୀଷୀଙ୍କ ମତ ଅନୁସାରେ ସୂର୍ଯ୍ୟ ଅବା ଅଗ୍ନିତତ୍ତ୍ୱ ପୋଷଣ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ସୁତରାଂ ବର୍ଷାକାଳରେ ପ୍ରକୃତିସାପେକ୍ଷ ଶରୀରର ଜଠାଗ୍ନି ମାନ୍ଦା ପଡ଼ିଯିବାରୁ ପାଚନଶକ୍ତି କ୍ରମଶଃ ଅଶକ୍ତ ହୋଇଯାଏ। ଫଳରେ ଶରୀରରେ ସଂକ୍ରାମକ ରୋଗଗୁଡ଼ିକ କାୟା ବିସ୍ତାରିବାକୁ ଲାଗେ। ମୌସୁମୀ ସମୟରେ ସୂର୍ଯ୍ୟଙ୍କ ଉତ୍ତାପ ତଥା ତେଜ ଧୀରେ ଧୀରେ ହ୍ରାସପାଏ ଓ ତୁହାକୁତୁହା ବର୍ଷା ସହିତ ପ୍ରକୃତି ଜଳତତ୍ତ୍ୱର ପ୍ରାବଲ୍ୟରୁ ନରମ ବା ସନ୍ତସନ୍ତିଆ ହୋଇଯାଏ। ଫଳରେ ପ୍ରତିରୋଧକ କ୍ଷମତା ହ୍ରାସପାଏ ଓ ସଂକ୍ରାମକ କୀଟାଣୁଙ୍କୁ ବଂଶବୃଦ୍ଧିର ଅନୁକୂଳ ପରିବେଶ ମିଳିଥାଏ।

ଆମର ବୈଦିକ ମନୀଷୀମାନେ ବର୍ଷାକାଳରେ ବର୍ଦ୍ଧିଷ୍ଣୁ ରୋଗବ୍ୟାଧି ସହିତ ବେଶ୍ ଭଲ ଭାବରେ ପରିଚିତ ଥିଲେ। ସେତେବେଳେ ସେମାନେ ଏଇ ରୋଗବଇରାଗରୁ ରକ୍ଷା ପାଇବା ପାଇଁ ଯେଉଁ ନିୟମ ଶତାବ୍ଦୀ ଶତାବ୍ଦୀ ଆଗରୁ ପ୍ରଣୟନ କରିଥିଲେ ସେଗୁଡ଼ିକର ପ୍ରାସଙ୍ଗିକତା ରହିଛି। ଆମ ଦେଶର ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ବର୍ଷାଋତୁରେ ବିଳମ୍ବରେ ପଚନ ହେଉଥିବା ଗରିଷ୍ଠ ତୈଳାକ୍ତ ମସଲାଯୁକ୍ତ ଓ ବାସିଖାଦ୍ୟ, ମାଂସାହାର,ହାଡଭଙ୍ଗା ଶୀତଋତୁରେ ପେୟଜଳ ସେବନରୁ ଦୂରେଇ ରହିବା ସଙ୍ଗେ ସଙ୍ଗେ, କ୍ଷୀର, ଦହି ଓ ଶାଗ ସେବନରେ ସଂଯମତା ଅବଲମ୍ବନ କରିବାକୁ ପରାମର୍ଶ ଦିଅନ୍ତି। ଏତଦ୍‌ଭିନ୍ନ ସାଦା ସାତ୍ତ୍ୱିକ ଆହାର ନେବାର ପରାମର୍ଶକୁ ଏବେ ଆଧୁନିକ ଭେଷଜ ଚିକିତ୍ସକମାନେ ବି ଉଚିତ ମନେକରନ୍ତି, ଯାହାଦ୍ୱାରା କି ଜୀବନଶକ୍ତି ଓ ମସ୍ତିଷ୍କ କ୍ରିୟାକଳାପରେ ସନ୍ତୁଳନ ବଜାୟ ରଖାଯାଇପାରିବ।

ଚତୁର୍ମାସର ଶାସ୍ତ୍ରୀୟ ବିଧାନଗୁଡ଼ିକର ପ୍ରମୁଖ ଉଦ୍ଦେଶ୍ୟ ମନୁଷ୍ୟକୁ ତ୍ୟାଗ ଓ ସଂଯମର ଶିକ୍ଷା ପ୍ରଦାନ କରିବା। ଏଇ ନିୟମାବଳୀର ଅନୁପାଳନ ଫଳରେ ଆତ୍ମାନୁଶାସନର ଭାବନା ଜାଗ୍ରତ ହୁଏ। ଏହାବ୍ୟତୀତ ଖାଦ୍ୟପେୟ ଓ ଆଚାର-ବିଚାରର ବିଶୁଦ୍ଧୀକରଣ ହେତୁ ଆଧ୍ୟାତ୍ମିକ ସାଧନା ଫଳବତୀ ହୋଇଥାଏ। ପ୍ରାଚୀନ କାଳରେ ସାଧୁସନ୍ଥ ଚତୁର୍ମାସ କାଳରେ ଗୋଟେ ଜାଗାରେ ରହି ସ୍ୱାଧ୍ୟାୟ ତଥା ପ୍ରବଚନ ଓ ସତ୍‌ସଙ୍ଗ ଦ୍ୱାରା ନିଜର ଆତ୍ମୋନ୍ନତି ସହିତ ଜନସାଧାରଣଙ୍କ ବି ଆଧ୍ୟାତ୍ମିକ ବିକାଶ ସାଧନ କରୁଥିଲେ। ଏହି ସମୃଦ୍ଧ ପରମ୍ପରା ଏବେସୁଦ୍ଧା ଆମର ଅଂଶବିଶେଷ ହୋଇ ରହିଛି।

ବର୍ଷାକାଳରେ ଭଗବାନ ଶ୍ରୀରାମଙ୍କ ଦ୍ୱାରା ଦେବଦେବୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ଗୁମ୍ଫାରେ ସ୍ୱାଧ୍ୟାୟ, ଧାର୍ମିକ ଚେତନା ଓ ଶାସ୍ତ୍ରାର୍ଥ କରିବାର ଖୁବ୍ ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି ଶ୍ରୀରାମଚରିତ ମାନସର କିଷ୍କିନ୍ଧା କାଣ୍ଡରେ। ସେହିଭଳି ବୌଦ୍ଧ ଓ ଜୈନଧର୍ମରେ ବି ଚତୁର୍ମାସର ମହତ୍ତ୍ୱ ରହିଛି। ଏସବୁ ଧର୍ମଗ୍ରନ୍ଥ ଅନୁସାରେ ଏହା ବର୍ଷାବାସ ଭାବେ ଅଭିହିତ। ଜୈନ ମୁନିଋଷିଗଣ ବର୍ଷାକାଳରେ ଧରିତ୍ରୀମାତାଙ୍କ କୋଳରୁ ଉତ୍ତୁରି ଆସୁଥିବା ଜୀବଙ୍କୁ ହିଂସାରୁ ରକ୍ଷା କରିବା ପାଇଁ ଗୋଟିଏ ଜାଗାରେ ରହିଯାଇ ସ୍ୱାଧ୍ୟାୟ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକ ଉର୍ଜାର ବିକାଶ କରିଥାନ୍ତି।

ମଜାର କଥା ଯେ, ଦେବଗଣଙ୍କ ଶୟନକୁ ଦୃଷ୍ଟିରେ ରଖି ଆଷାଢ଼ ମାସ ଶୁକ୍ଳ ପକ୍ଷକୁ ଦେବଶୟନ ଏକାଦଶୀ ଆରମ୍ଭରୁ ଚାରିମାସ କାଳ ବିବାହ, ଲଗ୍ନ, ମୁଣ୍ଡନ ଓ ଯଜ୍ଞପବୀତ ଶିଳାନ୍ୟାସ, ନୂତନ ଗୃହ ପ୍ରବେଶ ଓ ମନ୍ଦିର ତଥା ଦେବପ୍ରତିମାଙ୍କ ପ୍ରାଣପ୍ରତିଷ୍ଠା ଇତ୍ୟାଦି ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଥାଏ। କାରଣ ହିନ୍ଦୁଧର୍ମର ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟ ଭଗବାନ ବିଷ୍ଣୁଙ୍କୁ ସାକ୍ଷୀରଖି ନିଷ୍ପାଦନ କରାଯାଏ। ଚତୁର୍ମାସ କାଳରେ ପଡୁଥିବା ପର୍ବପର୍ବାଣି ଉତ୍ସବ ମହୋତ୍ସବର ଶୃଙ୍ଖଳା ଆଷାଢ଼ ମାସର ଗୁରୁପୂର୍ଣ୍ଣିମାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ତଥା ଦେବୋତ୍ଥାନ ଏକାଦଶୀରେ ଅନ୍ତ ଘଟିଥାଏ। ଏ ଭିତରେ ନାଗପଞ୍ଚମୀ, ରକ୍ଷାବନ୍ଧନ, ଦୀପାବଳି ଓ ନଦୀସ୍ନାନର ବିଶେଷ ମହତ୍ତ୍ୱ ଦର୍ଶାଉଥିବା ଛଠିପୂଜା ଭଳି ଲୋକପର୍ବ ସହିତ ପିତୃପକ୍ଷ ଓ ଦେବୀ ଆରାଧନାର ଆଶ୍ୱିନ ନବରାତ୍ର ବି ଏ ପର୍ବକାଳର ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ଦର୍ଶାଇଥାଏ।

ମୋ: ୯୪୩୮୩୩୨୧୩୮

## ଏଇ ଭାରତରେ

ଏଥର ବ୍ୟବହାର କରିବେ ମାଟି ଫ୍ରିଜ୍। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏମିତିକା ଫ୍ରିଜ୍ ନିର୍ମାଣ କରିଛନ୍ତି ତାମିଲନାଡୁର ଏମ୍.ଶିବସ୍ୱାମୀ। ବିନା ବିଦ୍ୟୁତ୍‌ରେ ଏହି ଫ୍ରିଜ୍‌ରେ ପରିବା, କ୍ଷୀର, ଦହି ଆଦି ୪ ଦିନ ଯାଏ ଫ୍ରେସ୍ ରହିପାରୁଛି। ଫ୍ରିଜ୍‌ଟି ଦୁଇଟି ସିଲିଣ୍ଡ୍ରିକାଲ ମାଟିପାତ୍ରରେ ତିଆରି। ବଡ଼ ସିଲିଣ୍ଡ୍ରିକାଲ ପାତ୍ର ମଧ୍ୟରେ ଛୋଟ ମାଟି ପାତ୍ର ରହୁଛି। ବଡ଼ ପାତ୍ରରେ ୧୫ ଲିଟର ପାଣି ରହୁଛି ଓ ତା' ମଧ୍ୟରେ ଥିବା ଛୋଟ ପାତ୍ରରେ ଜିନିଷ ରଖାଯାଉଛି ଏବଂ ୪ ଦିନ ଯାଏ ଫ୍ରେସ୍ ରହୁଛି ବୋଲି କହନ୍ତି ୭୦ ବର୍ଷୀୟ ଶିବସ୍ୱାମୀ। ବଡ଼ ପାତ୍ରରେ ପାଣି ଭର୍ତ୍ତି କରିବା ଓ ନିଷ୍କାସନ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ତାଙ୍କ ବାପାଙ୍କ ସମୟରୁ ଶିବସ୍ୱାମୀ ଏହି ମାଟିପାତ୍ର ତିଆରି କରି ବିକ୍ରି କରୁଛନ୍ତି। ସେ ଦୁଇ ପ୍ରକାର ଫ୍ରିଜ୍ ନିର୍ମାଣ କରିଛନ୍ତି। ଗୋଟିକର ଉଚ୍ଚତା ୧.୫ ଫୁଟ୍ ଓ ଅନ୍ୟଟି ୨ ଫୁଟ୍ ଓ ସେହି କ୍ରମରେ ମୂଲ୍ୟ ୧୭୦୦ ଓ ୧୮୦୦ ଟଙ୍କା ରଖାଯାଇଛି। ଏବେ ସୁଦ୍ଧା ସେ ୧୦୦ରୁ ଊର୍ଦ୍ଧ୍ୱ ଫ୍ରିଜ ବିକ୍ରି କରିସାରିଲେଣି। ଏହା ବ୍ୟତୀତ ଶିବସ୍ୱାମୀ ମାଟିର ୧୫୦ ପ୍ରକାର ଉତ୍ପାଦ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୯୭

- ଇସ୍ରାଏଲର ବିଭିନ୍ନ ସ୍ଥାନରେ ଆତ୍ମଘାତୀ ବୋମା ବିସ୍ଫୋରଣ ଘଟାଇବା ଷଡ଼ଯନ୍ତ୍ର ଅଭିଯୋଗରେ ୪୬ ପାଲେଷ୍ଟାନୀଙ୍କୁ ଆଜୀବନ କାରାଦଣ୍ଡ।
- ପଞ୍ଜାବର ଭଟିଣ୍ଡା ଜିଲାସ୍ଥିତ ଲେହରଖାନ୍ନା ରେଳଷ୍ଟେଶନ ନିକଟରେ ଏକ ପାସେଞ୍ଜର ଟ୍ରେନ୍‌ରେ ବିସ୍ଫୋରଣ ଘଟି ୩୪ ମୃତ।
- ହଙ୍ଗେରୀ, ପୋଲାଣ୍ଡ ଏବଂ ଚେକ୍ ସାଧାରଣତନ୍ତ୍ରକୁ 'ନାଟୋ' ମେଣ୍ଟରେ ସାମିଲ ପାଇଁ ମେଣ୍ଟର ନେତାମାନେ ଅବଶେଷରେ ରାଜି ହୋଇଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 4 | 7 |
| | | 6 | 7 | | | 5 | | |
| | | 5 | | | 9 | 1 | | |
| | | 1 | | 7 | | | | 4 |
| 2 | | | | | 3 | | 5 | |
| | 8 | 9 | | | | | 3 | |
| | 9 | 4 | | 1 | | | 7 | |
| | | | | 3 | | | | |
| 3 | | | | | 5 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 3 | 9 | 7 | 8 | 6 | 4 |
| 8 | 6 | 3 | 1 | 5 | 4 | 2 | 9 | 7 |
| 7 | 4 | 9 | 2 | 6 | 8 | 1 | 3 | 5 |
| 9 | 3 | 7 | 4 | 8 | 5 | 6 | 1 | 2 |
| 4 | 8 | 2 | 6 | 1 | 3 | 7 | 5 | 9 |
| 1 | 5 | 6 | 9 | 7 | 2 | 3 | 4 | 8 |
| 6 | 1 | 8 | 7 | 4 | 9 | 5 | 2 | 3 |
| 3 | 9 | 5 | 8 | 2 | 1 | 4 | 7 | 6 |
| 2 | 7 | 4 | 5 | 3 | 6 | 9 | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକମାନଙ୍କୁ ମେଡିକାଲ ଭତ୍ତା ଦିଆଯାଉ

ମହାଶୟ,

ଜୀବନର ବାର୍ଦ୍ଧକ୍ୟ ଅବସ୍ଥାରେ ବିଭିନ୍ନ ପ୍ରକାରର ରୋଗ ମାଡ଼ି ଆସିଥାଏ। ବୃଦ୍ଧାବୃଦ୍ଧମାନେ ପୁଅବୋହୂ ବା ଝିଅଜ୍ୱାଇଁମାନଙ୍କଠାରୁ ବହୁତ ଦୂରରେ ରହନ୍ତି। ଆଜିକାଲିର ପୁଅବୋହୂମାନେ ମଧ୍ୟ ସେମାନଙ୍କୁ ହତାଦର କରୁଛନ୍ତି। ଔଷଧପତ୍ରର ଦାମ୍ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଗଲାଣି। ଡାକ୍ତରଖାନାକୁ ଯିବାଆସିବା ଲାଗି ଅଟୋଭଡ଼ା ମଧ୍ୟ କମ୍ ପଡୁନାହିଁ। ଖଟି ଖାଇବା ପାଇଁ ମଧ୍ୟ ସେମାନଙ୍କ ଶରୀରରେ ଶକ୍ତି ନ ଥାଏ। ଅନେକ ସ୍ଥଳରେ ଦେଖାଯାଉଛି ବୁଢ଼ାବୁଢ଼ୀ ରୋଗରେ ପଡ଼ି ପଡ଼ି ମରି ଯାଉଛନ୍ତି। ଜୀବିତ ଅବସ୍ଥାରେ ଥିଲେ ମଧ୍ୟ ଭିକ୍ଷାବୃତ୍ତିକୁ ଆପଣେଇ ନେଉଛନ୍ତି। ଦୁରାରୋଗ୍ୟ ରୋଗ ହେଲେ ଘୋଷାଡ଼ି ହୋଇ ମରିବାଟା ସାର। ଯେଉଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଅଛନ୍ତି, ସେମାନେ ଯେତିକି ପେନ୍‌ସନ୍ ପାଉଛନ୍ତି ତାଙ୍କର ପେନସନ୍‌ର ସିଂହଭାଗ ଔଷଧ ଖର୍ଚ୍ଚରେ ଯାଉଛି। ତେଣୁ ସରକାର ବରିଷ୍ଠ ନାଗରିକ ଏବଂ ପେନସନ୍‌ଧାରୀଙ୍କ ପାଇଁ ମେଡିକାଲ ଭତ୍ତା ଯୋଗାଇ ଦେବା ନିହାତି ଦରକାର।

**–ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ' ଯଶ କୀରତି
ଯାତନା ଶତ ମରଣ ମମ
ଲଢ଼ିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି!

–(ପ୍ରସାଧନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମାଲକାନଗିରି ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର**

ମାଲକାନଗିରି,(ଡି.ଏନ୍.ଏ.)-ମାଲକାନଗିରି ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ସମ୍ମାନିତ ଅତିଥି ରୂପେ କୁଡୁମୁଲୁଗୁମ୍ମା ଡାର୍ୱିନ୍ ସ୍ୱାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପିକା ମଧୁସ୍ମିତା ବିଶ୍ୱାଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ ଅଶୋକ ଷଡ଼ଙ୍ଗୀ, ଡାର୍ୱିନ୍ ସ୍ୱାତକ ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ନମିତା ଦଣ୍ଡସେନା ପରିଚାଳନା କରିଥିଲେ। ଗୋକୁଳାନନ୍ଦ ପାତ୍ର, ଜିମୁତ ନାୟକ ସଂଯୋଜନା କରିଥିଲେ।

# ଶିକ୍ଷା ଅଧିକାର ଆଇନ ମାନୁନାହାନ୍ତି ଘରୋଇ ଶିକ୍ଷା ଅନୁଷ୍ଠାନ

- ଆଇଏମ୍ଏସ୍‌ଟି ପରିଚାଳିତ ବିଦ୍ୟାଳୟରେ ହେଉଛି ଉଲ୍ଲଂଘନ
- ୧ମରୁ ୩ୟ ଯାଏ ପିଲା ଦିନସାରା ରହୁଛନ୍ତି
- ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ: ଜିଲା ଶିକ୍ଷା ଅଧିକାରୀ

ମାଲକାନଗିରି,୮।୭(ଡି.ଏନ୍.ଏ.)

ରାଜ୍ୟରେ ତଥା ଦେଶରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯିବା ସହ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେଉଛି। ଏଥିରେ ପିଲାଙ୍କ ଉପରେ ଅଯଥା ଶିକ୍ଷା ବୋଝ ଲଦା ନ ଯାଇ ସେମାନଙ୍କ ଶାରୀରିକ ଓ ଭୌତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି । ପିଲାମାନେ କିପରି ଖେଳକୁଦ ମାଧ୍ୟମରେ ଶିକ୍ଷା ଲାଭ କରିବେ ସେ ଦିଗରେ ନୂତନ ଶିକ୍ଷାନୀତି ସ୍ପଷ୍ଟ କରିଛି। ଏଥିସହ ପିଲାମାନେ କେତେ ଓଜନର ବହି ବସ୍ତାନି ସ୍କୁଲକୁ ବୋହି ନେବେ ସେ ନେଇ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ରହିଛି । ଏହି ଆଇନ ଅନୁଯାୟୀ ପ୍ରଥମରୁ ୫ମ ଶ୍ରେଣୀ ପିଲାଙ୍କୁ ଖାଇବା ଛୁଟି ବାଦ୍ ୪ ଘଣ୍ଟା ପାଠ ପଢ଼ାଇବାକୁ କୁହାଯାଇଛି। ସେହିପରି ୫ମରୁ ଅଷ୍ଟମ ପିଲାଙ୍କୁ ବିଦ୍ୟାଳୟରେ ସାଢେ ୪ ଘଣ୍ଟା ଶିକ୍ଷାଦାନ କରିବା ଲାଗି ଆଇନ ରହିଛି। ତେବେ ମାଲକାନଗିରି ଜିଲାରେ ଆଇଏମ୍ଏସ୍‌ଟି ପରିଚାଳିତ କେତେକ ଘରୋଇ ବିଦ୍ୟାଳୟରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଇଂଲିଶ୍ ମାଧ୍ୟମ ଉଚ୍ଚ ବିଦ୍ୟାଳୟରେ କୁନି ପିଲାଙ୍କ ଠାରୁ ଆରମ୍ଭକରି ଦଶମ ଶ୍ରେଣୀ ଯାଏ ଗୋଟିଏ ନିୟମ ରହିଥିବାରୁ ଛୋଟ କ୍ଲାସ୍‌ର ପିଲା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର କମ୍ ସବ୍‌ଜେକ୍ଟ ଥାଇ ମଧ୍ୟ ଦିନ ୯.୩୦ରୁ ୪ଟା ଯାଏ ବିଦ୍ୟାଳୟରେ ରଖାଯାଉଛି। ପ୍ରଥମରୁ ତୃତୀୟ ଯାଏ ପିଲାମାନେ ବିଦ୍ୟାଳୟରେ ଦିନସାରା ରହିବାରୁ ସେମାନଙ୍କ ଉପରେ ମାନସିକ ଚାପ ବଢୁଛି। ଅଭିଭାବକମାନେ ଏନେଇ ବାରମ୍ବାର ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ହେଁ କିଛି ସୁଫଳ ମିଳିନାହିଁ। ମାଲକାନଗିରି ସଦର ମହକୁମାରେ ଥିବା ଦୀପ୍ତି କନ୍‌ଭେଣ୍ଟ ସ୍କୁଲ, ମଡର୍ନ ଇଂଲିଶ ସ୍କୁଲଗୁଡିକରେ ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟ ଛୁଟି ହେଉଥିବା ବେଳେ ଆଇଏମ୍ଏସ୍‌ଟି ପରିଚାଳିତ ବିଦ୍ୟାଳୟ ୧୯୭୬ର ପୁରୁଣା ନିୟମରେ ବିଦ୍ୟାଳୟ ପରିଚାଳନା କରୁଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ସେ କହିଲେ, ଏ ସଂକ୍ରାନ୍ତରେ ତଦନ୍ତ କରି ଯାହା ସରକାରୀ ନିୟମ ଥିବ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପତ୍ର ଜରିଆରେ ତାଙ୍କୁ ଅବଗତ କରାଇ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବେ ବୋଲି ପ୍ରକାଶ କରିଥିଲେ। ତେବେ ମାଲକାନଗିରି ଜିଲା ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାରୁ ଚାପମୁକ୍ତ କରିବା ସହ ନୂତନ ଶିକ୍ଷାନୀତି ଅନୁଯାୟୀ ବ୍ୟାଗ୍‌ଲେସ୍ ଡେ କରାଯାଇଛି। କିନ୍ତୁ ଓଡ଼ିଶାରେ ଶିକ୍ଷାନୀତିକୁ ଅଣଦେଖା କରାଯାଉଛି।

## ମାଥିଲି ଆଦର୍ଶ ପଞ୍ଚାୟତ ଘୋଷିତ

ମାଲକାନଗିରି, ୮।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ପଞ୍ଚାୟତକୁ ଆଦର୍ଶ ଗ୍ରାମପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ବୈଠକ ହୋଇଥିଲା। ଏଥିରେ ନିର୍ବାହ ଯନ୍ତ୍ରୀ ପ୍ରତାପ ନାୟକ, ଏସ୍‌ଡିଓ ପ୍ରମୋଦ ନାୟକ, ଜେଇ ପି.ବସନ୍ତ ରେଡ୍ଡି, ସରପଞ୍ଚ, ପିଇଓ ଅଶୋକ ମହାରଣା, ସମିତିସଭ୍ୟ ବାଲରାଜୁ କୋପେ ପ୍ରମୁଖ ଉପସ୍ଥିତ ଥିଲେ। ଠିକ୍ ରୂପେ ସରକାରୀ ଯୋଜନାଗୁଡ଼ିକର ପରିଚାଳନା ଏହି ଆଦର୍ଶ ଗ୍ରାମ ପଞ୍ଚାୟତର ଆଭିମୁଖ୍ୟ। ଏଥିସହ ବିଦ୍ୟୁତ୍ ଯୋଗାଣ ବିଶ୍ୱସନୀୟତାରେ ଉନ୍ନତି, ବିଦ୍ୟୁତ୍ ସମସ୍ୟା ସମାଧାନ କେନ୍ଦ୍ର ସ୍ଥାପନ, ବିଲିଂ ଓ ବିଲ୍ ଆଦାୟ, ଡିଜିଟାଲ ପେମେଣ୍ଟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## କୁରୁଜୁମାଲିରେ ବନ ମହୋତ୍ସବ

ଲକ୍ଷ୍ମୀପୁର ୮।୭ (ସ୍ୱ.ପ୍ର.)

ଜୁଲାଇ ୧ ରୁ ଆରମ୍ଭ ହୋଇଛି ବନ ମହୋତ୍ସବ ସପ୍ତାହ । ଏହି ଅବସରରେ ଲକ୍ଷ୍ମୀପୁର ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବା ସହ ଜଙ୍ଗଲ ସୁରକ୍ଷା ନେଇ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଗୌଡ଼ଗୁଡ଼ା ପଞ୍ଚାୟତର ସୁଣ୍ଡି ଅଲଚି ଗ୍ରାମର କୁରୁଜୁମାଲି ଲଣ୍ଡା ପାହାଡ଼ରେ ୭୩ ତମ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶୁଆଇ କୁଲେସିକା, ପୂର୍ବତନ ଏମ୍‌ପି ଝିନ ହିକକା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ପୂର୍ବତନ ବନାଞ୍ଚଳ ଅଧିକାରୀ ବାସୁଦେବ ମହାଙ୍କୁଡ, ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ଲେଙ୍କା, ଗୌଡ଼ଗୁଡା, ସରପଞ୍ଚ ଭଗବତୀ ମୁଦୁଲି, ୱାର୍ଡ ସଂଯୋଜକ ହରେକୃଷ୍ଣ ସାହୁ, କାକିରିଗୁମା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ରହି ପାହାଡ଼ରେ ୧୬ ହଜାର ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଜଙ୍ଗଲ ସୁରକ୍ଷା ହେଲେ ଜୀବଜଗତ ସୁରକ୍ଷିତ ରହିବେ। ଖାଲି ସ୍ଥାନରେ ବ୍ୟାପକ ପରିମାଣର ଚାରାରୋପଣ କରି ଏହାର ଯତ୍ନ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବନାଞ୍ଚଳ ଅଧିକାରୀ କୁମାର ଖରା, କାକିରିଗୁମା ବନ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର କଲେକା, ଝାଡ଼େଶ୍ୱର ଜାନିଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

## ଚୋରି ମୋବାଇଲ ଜବତ, ଜଣେ ଗିରଫ



ଜୟପୁର, ୮।୭ (ନି.ପ୍ର.)

ଜୟପୁର ଟାଉନ ପୋଲିସ ଜଣେ ମୋବାଇଲ ଚୋରକୁ ଶୁକ୍ରବାର ଗିରଫ କରିଛି । ସେ ହେଲେ ଡଙ୍ଗରଛିଞ୍ଚି ବାରଙ୍ଗପୁଟର ଜଗବନ୍ଧୁ ଗାଦବା । ଜଗବନ୍ଧୁ ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ଜଣେ ଜଗୁଆଳିଙ୍କ ମୋବାଇଲ ଚୋରି କରି ନେଇଥିଲେ। ଏନେଇ ଜଗୁଆଳି ଜଣକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ଜଗବନ୍ଧୁଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି।


**ପୌର ପରିଷଦ, ମାଲକାନଗିରି**
**OFFICE OF THE MUNICIPAL COUNCIL, MALKANGIRI**
Odisha, Pin -764045 Ph:06861-230244
e-Mail: malkangiri@ulborissa.gov.in

Lt.No.1798/Mpl./2022 Dated 06.07.2022

**TENDER CALL NOTICE**

Sealed tenders in prescribed form are invited by the undersigned from the reputed travel agencies / Tour Operators or private individuals for providing 01 no. of AC Diesel / Petrol driven vehicle (Bolero/Mahindra Marazo) including driver within the monetary limit on maximum hiring of Rs.31000/- per month excluding POL cost which shall conform to the terms and conditions for office use in Malkangiri Municipality on monthly rent basis initially for a period of 03(Three) Years and likely to be extended thereafter.

The details of Tender Paper/Tender schedule can be obtained on payment of Rs 500/-(Rupees Five Hundred) only in shape of D.D/ Bankers cheque in favour of the Executive Officer, Malkangiri Municipality during the office hour from dt.07.07.2022 to dt.16.07.2022 on any working days 10.00 AM to 5.00 P.M. The cost of tender paper is not refundable and the sealed tender paper duly filled up along with documents must be sent through Speed Post / Regd. Post only to Executive Officer, Malkangiri Municipality during Office hour any working day from 07.07.2022 to dt 16.07.2022. The Last Day of receiving the tender is 16.07.2022. The Sealed Tender will be opened on dt.18.07.2022 at 4.00 P.M by the tender Committee & in presence of the Tenderers or their authorized agents. No Telegraphic / Courier tender will be accepted.

However the undersigned reserves the right to reject/ cancel any or all the tenders at any time without assigning any reason thereof.

Sd./- Executive Officer, Malkangiri Municipality



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1066 Email-hpschiplima@yahoo.in, Fax No. (0663) 2460505

No.-CHEP/TW-219 (Vol.-IV)/2354 Date: 04.07.2022

**'e'-Procurement Notice**
TENDER CALL NOTICE NO.-CHEP-20/2022-23

Unit Head, CHEP, Chiplima invites percentage rate tenders in two parts for the civil works mentioned below, from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt / MES / Railway for execution of civil works.

| Sl. No. | Name of the Work | Estimated cost / E.M.D. in Rs. | Cost of Tender Specification | Period of Contract |
|---|---|---|---|---|
| 1 | Annual Up-keeping & Cleaning of different areas of Non-Residential Buildings of CHEP, Chiplima (Outside of Power House) | 7,82,432/- | Rs.4,720.00 (Rs.4,000.00 + GST@18%) | 1 Year |
| 2 | Annual Up-keeping & Cleaning of Residential Colony of CHEP, Chiplima | 4,87,416/- | Rs.2,360.00 (Rs.2,000.00 + GST@18%) | 1 Year |

1. Availability of bids ONLINE: from 11:00 AM of dtd.11.07.2022 up to 05:00 PM of dtd.25.07.2022.
2. The date & time of opening of tender:
   At 11:30 AM of dtd.26.07.2022 for Sl. No.1.
   At 12:00 Noon of dtd.26.07.2022 for Sl. No.2.

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. Sd/- Unit Head, CHEP, Chiplima
OIPR-04006/11/0017/2223



**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା, କଟକ**
(ଓଡ଼ିଶା ଅଧିନିୟମର ଧାରା ୨୦୦୮ର ୪ ଅନୁସାରେ ପ୍ରତିଷ୍ଠିତ)
କାଠଯୋଡ଼ି କ୍ୟାମ୍ପସ, ସେକ୍ଟର-୧୩, ସିଡିଏ, କଟକ-୭୫୩୦୧୫, ଓଡ଼ିଶା
[ NAAC ଦ୍ୱାରା 'ଏ' ଗ୍ରେଡ୍‌ରେ ସହବନ୍ଧିତ ]

**ହଷ୍ଟେଲ୍‌ର ସ୍ଲାଇଡିଂ ଆଲୁମିନିୟମ୍ ୱିଣ୍ଡୋଜ୍‌ର ମରାମତି ନିମନ୍ତେ କୋଟେସନ୍ ଆମନ୍ତ୍ରଣ**

ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କଟକ ପାଇଁ "ହଷ୍ଟେଲ୍‌ର ସ୍ଲାଇଡିଂ ଆଲୁମିନିୟମ୍ ୱିଣ୍ଡୋଜ୍‌ର ମରାମତି" ନିମନ୍ତେ ଆଗ୍ରହୀ ବିଡ଼ରମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମାଟରେ କୋଟେସନ୍ ଆମନ୍ତ୍ରଣ କରାଯାଉଅଛି । କୋଟେସନ୍ ଆବେଦନ କରିବାର ଶେଷ ତାରିଖ ଏବଂ ସମୟ: ତା ୧୫.୦୭.୨୦୨୨ ସକାଳ ୧୧.୦୦ଘଟିକା । ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମର ୱେବ୍‌ସାଇଟ୍ www.nluo.ac.in କୁ ପରିଦର୍ଶନ କରନ୍ତୁ ।

ସ୍ୱା/- କୁଳସଚିବ



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
**ବିଜ୍ଞାପନ**

ପତ୍ର ସଂଖ୍ୟା:୯୧୯ ତାରିଖ:୦୮.୦୭.୨୦୨୨



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା. ୩୧.୦୫.୨୦୨୨ ରିଖ ଦିନ ଡାବୁଗାଁ ଥାନା ଅନ୍ତର୍ଗତ ବାଇଗାଁ ଗ୍ରାମରୁ ଏକ ପରିତ୍ୟକ୍ତ ନବଜାତ ଶିଶୁ ପୁତ୍ର ଉଦ୍ଧାର ହୋଇ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଥିବା ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ବିଭାଗ ଠାରେ ଚିକିତ୍ସାଧୀନ ଥିଲା । ବର୍ତ୍ତମାନ ଉକ୍ତ ଶିଶୁଟି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଠାରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ତା'ର ଯତ୍ନ ଓ ସୁରକ୍ଷା ନିମନ୍ତେ ଥଇଥାନ କରାଯାଇଅଛି । ଉକ୍ତ ଶିଶୁର ଯଦି କେହି ନିଜସ୍ୱ ପିତାମାତା ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣ ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଏହି ସମୟସୀମା ମଧ୍ୟରେ ଉକ୍ତ ଶିଶୁର ନିଜସ୍ୱ ପିତାମାତା ବା ଆଇନ ସିଦ୍ଧ ଦାବିଦାର ନ ଜଣାନ୍ତି, ତା'ହେଲେ ଉକ୍ତ ଶିଶୁକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ କରାଯିବ ।

**ଯୋଗାଯୋଗ ଠିକଣା**
- ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁର-୯୪୩୭୪୩୩୨୨୨/୮୨୪୯୨୨୦୮୯୯
- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର-୮୮୯୫୧୮୬୪୦୩ /୭୯୭୮୫୩୩୮୩୮

ସ୍ୱା./- ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ନବରଙ୍ଗପୁର



**DISTRICT PROJECT OFFICE**
**SAMAGRA SIKSHA, SAMBALPUR**
Letter No. 1210/PED Dtd.08.07.2022

**SHORT TENDER CALL NOTICE**

Sealed tenders are invited from interested eligible DTP Centre for DTP of Manuscript on Scheme of Lessons (Class IV to VIII), e-Content (Class-III to V) & Work Book (Clas-III to V). For details visit website www.sambalpur.nic.in.
Last date of receipt of Tender: 18.07.2022.
Opening of Tender: Dt.19.07.2022 at 3.00 P.M. in Office Chamber of D.P.C., S.S., Samablpur.
Authority reserves the right to accept or reject all or any of the tenders without assigning any reason thereof.

By the order of Collector-cum-Chairman
Sd./- District Project Coordinator
SS, Sambalpur



**Government of Odisha "e" Procurement Notice**
**WORKS DEPARTMENT**
No. B-343
Bid Identification No. C.C.E.K.C., Keonjhar No. 09/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 2784 Dt. 30.06.2022

1. Name of the Work : One time Improvement to Existing Road through Lathikata Town from 252/100 km to 255/800 km being bypassed due to Rehabilitation and upgradation to 4 laning from km 240.250, i.e. Brahmani Bypass end beside BNR Weigh Bridge to Km 287.200, i.e. Rajamunda Section of NH-23 (New NH-143) in the State of Odisha under NHDP-IV Pacakge-I-B.
2. Estimated Cost : Rs.223.29 lakhs
3. Period of Completion : 6 (Six) Calendar Months
4. Date and time of availability of Bid document in the portal : From 11.30 hours of 08.07.2022 to 16.00 hours of 25.07.2022
5. Last date/time for receipt of bids in the portal : 16.00 hours of 25.07.2022
6. Date of Opening of Bid from Portal : 11.30 hours on 26.07.2022
7. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0016/2223



**OFFICE OF THE PANCHAYAT SAMITI, KHORDHA**
At/P.O.: Pallahat, Dist.: Khordha, State: Odisha, PIN - 752056
E-mail: ori-bkhurda@nic.in, Tel. (06755) 220762

**INVITATION FOR BIDS (IFB)**

Bid Identification No. 02 Dt.07.07.2022 Tender Call Notice No. 2234 / Dt.07.07.2022

No. i-62: The Block Development Officer, Khordha on behalf of Government of Odisha invites Percentage Rate bids for the work as detailed in table below from eligible contractor regitered with the State Government and Contractor of equivalent Grade/Class registered with Central Government/MES/Railway or other licensing authority for execution of civil works on production of definite proof from the appropriate authority. **The contractors who wish to tender for two or more works shall submit separate tender for each. Each tender shall have the Bid Identification No., Name & Sl. No. of the work (as per IFB) to which they refer.**

| Sl. No. | Name of the Work | Approxiamte Value of Work (In Indian Rupees) | Bid Security (EMD) (In Indian Rupees) | Class of Contractor | Cost of Documents (Non-refundable) (In Indian Rupees) | Period of Completion Calendar Months |
|---|---|---|---|---|---|---|
| 1 | Construction of Additional Class Room, Computer Room & Art & Craft Room at Panchayat High School, Pallatotapada, Khordha | Rs.3375000/- | BID Security declaration as per works Department Memorandum No. 5984/W, Dt.27.04.2021 | "C" & "B" | 6000/- | 06 (Six) Calendar Months |
| 2 | Construction of Library room & Science Lab at Panchayat High School, Pallatotapada, Khordha | Rs.2603000/- | | "C" & "B" | 6000/- | 06 (Six) Calendar Months |
| 3 | Construction of Three Additional Class rooms at Kaipadar High School, Khordha | Rs.3375000/- | | "C" & "B" | 6000/- | 09 (Nine) Calendar Months |
| 4 | Major repair works at Willkishan Nagar UGUP School, Khordha | Rs.1200000/- | | "D" & "C" | 6000/- | 03 (Three) Calendar Months |

The bidding document can be had from the Office of the undersigned on payment of cost of tender paper in Bank Draft (D.D.) drawn in favour of the undersigned on any Scheduled Bank payable at Khordha. The tender paper cost is non-refundable. The last date of Sale & Receipt of the Bid documents is 22.07.2022 within 11.00 A.M. to 4.00 P.M. of all working days and will be opened on the Dt.25.07.2022 at 3.00 P.M. in the Office of the undersigned.

OIPR-19215/11/0002/2223 Sd./- Block Development Officer, Khordha Block



**UTKAL UNIVERSITY OF CULTURE**
Sardar Patel Hall Complex, Unit - II, Bhubaneswar - 751 009
E-mail: mailboxuuc@gmail.com, www.uuc.ac.in
No. 1235/UUC Dt.22.06.2022

**ADMISSION NOTIFICATION - 2022**

No. CAD-893: Utkal University of Culture invites applications for admission to the following courses.
**Six Months Certificate Course in Jain Religion and Philosophy and in Tamil Language (July - December, 2022)**

**Eligibility:**
**For Jain Religion** : Any Graduate or equivalent from recognised University
**For Tamil Language** : HSC or equivalent Degree from any recognised Board/ Institution.

**Admission Schedule**
**Commencement of application form** - 27.06.2022
**Last date of Sale of application form and Admission** - 16.07.2022
**Procedure of Selection** - Subject to fulfilment of eligibility criteria
**No. of Seats** - 32 in each course
**Cost of application form** - Rs.100.00
**Admission Fees** - For Jain Religion - Rs.500.00; For Tamil Language - Nil

Application form can be procured from the above office address or can be downloaded from the University website **www.uuc.ac.in** (Form Downloads). **All fees are to be deposited online.** For further querries, Contact: **8093982496**.

Sd./- Head, P.G. Teaching Department
OIPR-03005/11/0001/2223



**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ 763 (ଗୋପନୀୟ) ତା 8.7.2022 ରିଖ

ଏତଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୨ର SUBJECTIVE ଏବଂ OBJECTIVE ବିଷୟର ପୁନଃ ଯାଂଚ (Checking of Addition of Marks) ଏବଂ ସେହି ଖାତା ଗୁଡ଼ିକର ଅବିକଳ ନକଲ (Photo copy of answer books) ପାଇଁ ଦରଖାସ୍ତ ଓ ଫିସ୍ ଦାଖଲ ପ୍ରକ୍ରିୟା ତା ୧୧/୦୭/୨୦୨୨ରିଖ ଠାରୁ ଆରମ୍ଭ ହୋଇ ତା୨୫/୦୭/୨୦୨୨ରିଖ ମଧ୍ୟରାତ୍ର ସୁଦ୍ଧା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଶେଷ ହେବ ।

୧. ON-LINEରେ ଆବେଦନ କରିବାର ନିୟମାବଳୀ www.bseodisha.ac.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।
୨. ଉଭୟ ଫିସ୍ ଏବଂ ଫର୍ମ କେବଳ ON-LINE ମାଧ୍ୟମରେ ତା୨୫/୦୭/୨୦୨୨ରିଖ ମଧ୍ୟରାତ୍ର ସୁଦ୍ଧା ଦାଖଲ କରିବାକୁ ହେବ ।
୩. ଉପରୋକ୍ତ ତାରିଖ ମଧ୍ୟରେ ONLINE ଆବେଦନ ଅନବରତ (24 × 7) ଚାଲୁ ରହିବ ।
୪. ବୋର୍ଡ କର୍ତୃପକ୍ଷ ଏହି ପ୍ରକ୍ରିୟାକୁ ୩ ମାସ ମଧ୍ୟରେ ସମାପ୍ତ କରି Revised Certificate-cum Memorandum of Marks ପ୍ରଦାନ କରିବେ । Subjective ଖାତା ଓ OMR Answer Sheetର ଅବିକଳ ନକଲ, ଆବେଦନକାରୀମାନେ ବୋର୍ଡର ଉପରୋକ୍ତ website ରୁ download କରି ନେଇପାରିବେ । ଏହି ସମ୍ବନ୍ଧୀୟ ତଥ୍ୟ ପରବର୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।
୫. ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୨ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା, ୨୦୨୨ (୧ମ)ରେ ଦେଇଥିବା ପରୀକ୍ଷାର୍ଥୀ ତା ୧୧/୦୭/୨୦୨୨ରିଖ ଠାରୁ ତା୨୫/୦୭/୨୦୨୨ରିଖ ମଧ୍ୟରେ Off-Line ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ ବା ଶାଖା କାର୍ଯ୍ୟାଳୟରେ କେବଳ କାର୍ଯ୍ୟ ଦିବସ ମାନଙ୍କରେ ଆବେଦନ କରିପାରିବେ ।
୬. ଅନ୍ୟକୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅତୁବା ପରେ ଗ୍ରହଣ କରାଯିବ ନାହିଁ ।
୭. ଛାତ୍ରଛାତ୍ରୀମାନଙ୍କର କୌଣସି Data ବା Photoରେ ତ୍ରୁଟି ଥିଲେ ସମ୍ପୃକ୍ତ ସ୍କୁଲ ଆବଶ୍ୟକ ତଥ୍ୟ ସହ ମୁଖ୍ୟ କାର୍ଯ୍ୟାଳୟରେ ତା ୧୧/୦୭/୨୦୨୨ରିଖ ଠାରୁ ତା୨୦/୦୭/୨୦୨୨ରିଖ ମଧ୍ୟରେ ନିର୍ଦ୍ଧାରିତ fee ସହ application ଦାଖଲ କରିବେ । ଏହି ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ।

ସ୍ୱା/- ସମ୍ପାଦକ



**GOVERNMENT OF INDIA**
**Ministry of Skill Development & Entrepreneurship**
**Directorate General of Training**
**NATIONAL SKILL TRAINING INSTITUTE, BHUBANESWAR**
5th Floor, Dharmapada Bhawan (NSIC Building), IDCO Plot No.-06
Mancheswar Industrial Estate, Bhubaneswar- 751010

**ADMISSION NOTICE**

ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ,ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, କୌଶଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI "ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ) ଟ୍ରେଡ୍" ପାଠ୍ୟକ୍ରମରେ 2022-23 ଶିକ୍ଷା ବର୍ଷରେ ନାମଲେଖା ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆବେଦନ ଫର୍ମ ଗ୍ରହଣ କରୁଛି । ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ ଯାହାକି NCVET ଅନୁମୋଦିତ NSQF Level-4 ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଅଟେ । ଏହି ଟ୍ରେନିଂର ଅବଧି ଏକ ବର୍ଷ ଅଟେ । ସୌର ବିଦ୍ୟୁତ୍ ଶକ୍ତିର ଦିନକୁ ଦିନ ଚାହିଦା ବଢୁଥିବାରୁ ଏହି ଟ୍ରେଡ୍‌ରେ ଟ୍ରେନିଂ ସହଜରେ ନିଯୁକ୍ତି ସୁଯୋଗ ଆଣି ଦେଇଥାଏ । ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନଫର୍ମ ଅଫିସିଆଲ୍ ୱେବ୍‌ସାଇଟ: https://nstibhubaneswar.dgt.gov.inରେ ଉପଲବ୍ଧ ଏବଂ ଏଗୁଡିକ ମଧ୍ୟ ଅନୁଷ୍ଠାନରୁ ସଂଗ୍ରହ କରାଯାଇପାରିବ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ : 31.07.2022 ।

Sd./- Principal

Telephone No.:0674-2974438, 0674-2974498 & 0674-2580444, E-mail: nsti.bbs-msde@gov.in



FORM NO. 14
[See Regulation 33(2)]
**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack-753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/207/2020 22-04-2022

CANARA BANK, BARIPADA BRANCH
Versus
MS SAI INDANE GAS AGENCY

To
**(CD 1) Ms. Sai Indane Gas Agency,** At: Plot No.: 270, Ward No.: 17, Bhanjpur, In Front Of Jublee Petrol Pump, NH-18, Baripada, Dist.: Mayurbhanj-757002 Represented Through Its Proprietor Sri Binod Kumar Hembram
**(CD 2) SRI BINOD KUMAR HEMBRAM,** Aged About 37 years, S/o.: Khetri Charan Hembram, At: Plot No.: 270 Ward No.: 17, Bhanjpur, In front Of Jublee Petrol Pump, NH-18, Baripada, Mayurbhanj-757002
**(CD 3) SMT.RANJITA NAIK,** Aged About 43 years W/o.: Padma Charan Naik, At: 009, Block-A, Rajendra Bihar Apartment, P.S.: Capital, PO.: Forest Park, Bhubaneswar-751008

This is to notify that as per the Recovery Certificate issued in pursuance of orders passed by the presiding Officer, DEBTS RECOVERY TRIBUNAL CUTTACK in **OA/697/2015** an amount of **Rs. 70,59,731.00 (Rupees Seventy Lakhs Fifty Nine Thousands Seven Hundred Thirty One Only)** along with pendentellite and future interest@10.00% Simple Interest Yearly w.e.f. **01/12/2015** till realization and costs of **Rs. 73,000/- (Rupees Seventy Three Thousands Only)** has become due against you (Jointly and Severally/ Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **12/08/2022** at 10:30 a.m for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **22/04/2022**

Sd/- Recovery Officer
DEBTS RECOVERY TRIBUNAL, CUTTACK

**ଶ୍ରୀ ବିଷ୍ଣୁ ସହସ୍ରନାମ ସଂକୀର୍ତ୍ତନ**

ମୁନିଗୁଡ଼ା,(ଡି.ଏନ୍.ଏ.)- ରାୟଗଡାର ଗୀତା ପରିବାର ପକ୍ଷରୁ ମୁନିଗୁଡ଼ାରେ ଶ୍ରୀଶ୍ରୀ ବିଷ୍ଣୁ ସହସ୍ରନାମ ପରାୟଣ ସଙ୍ଗୀତ ଓ ଦାଣ୍ଡିଆ ନୃତ୍ୟ କରାଯାଇଛି। ମହିଳା ଭକ୍ତମାନଙ୍କ ଦ୍ୱାରା ପରିବେଷିତ ଏହି ଆଧାତ୍ମିକତାଭରା ସଙ୍ଗୀତ ଓ ନୃତ୍ୟକୁ ହଜାରହଜାର ଲୋକେ ଉପଭୋଗ କରିଥିଲେ। ଆରତୀ ସମୟରେ ଘଣ୍ଟା ଘଣ୍ଟ, ହୁଳହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀ ସହ ଧୂପ, ଦୀପ ଆଳତିରେ ଅପୂର୍ବ ସୁଗନ୍ଧ ଏବଂ ବିଭୂମୟ ପରିବେଶ ଭକ୍ତ ପ୍ରାଣକୁ ଆଧାତ୍ମିକତାରେ ଭରିଦେଉଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଭାଗିରଥି ନାଗ, ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓ,କୋଷାଧ୍ୟକ୍ଷ ମାନସ ରଞ୍ଜନ ବେହେରା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁ ମୃତ

କୋଡ଼ିଙ୍ଗା,୮।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ମୋଦେଇଗାଁ ପଞ୍ଚାୟତର କେଲାଗୁଡା ଗ୍ରାମରଜଣେ ଶିଶୁ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗ୍ରାମର ବନବାସୀ ମାଝିଙ୍କ ଝିଅ ହେମଲତା(୪)। ସୂଚନାନୁଯାୟୀ ଶୁକ୍ରବର ସକାଳେ ହେମଲତା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ସେଠାରୁ ସାଙ୍ଗମାନଙ୍କ ସହ ନିକଟସ୍ଥ ପୋଖରୀକୁ ଯାଇଥିଲେ। ସେଠାରେ ସେ ହଠାତ ଖସିପଡିଥିଲେ। ଅନ୍ୟମାନେ ଏହା ଦେଖି ରୋଷେୟାଙ୍କୁ ଜଣାଇଥିଲେ। ହେମଲତାଙ୍କୁ ଉଦ୍ଧାର କରାଯାଇ ସାନମସିଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଡିଙ୍ଗା ଥାନାରେ ୧୧/ ୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଏଏସ୍ଆଇ. ହରିଶଙ୍କର ହନ୍ତାଳ କହିଛନ୍ତି।

### ବିଦ୍ୟାଳୟ ନିରାପତ୍ତା ସପ୍ତାହ ପାଳନ

ପାପଡାହାଣ୍ଡି,୮।୭(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡିର ଦଳେଇଗୁଡା ସରକାରୀ ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ନିରାପତ୍ତା ସପ୍ତାହ ପାଳନ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ଶତପଥୀଙ୍କ ସଭାପତିତ୍ୱରେ ଏବିଡିଓ ରମେଶ ନାୟକ, ପ୍ଲାନିଙ୍ଗ କୋଅର୍ଡିନେଟର ପ୍ରଦୀପ୍ତ ଷଡ଼ଙ୍ଗୀ, ବ୍ଲକ ଶିକ୍ଷାଧିକାରୀ ବୀରେନ୍ଦ୍ର କୁମାର ପାଢ଼ୀ, ବିଦ୍ୟାଳୟ ନିରାପତ୍ତା କମିଟି ଅଧକ୍ଷ ନାରାୟଣ ଗୁରୁ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। କିପରି ବିଭିନ୍ନ ଦୁର୍ଘଟଣାରୁ ନିଜକୁ ବିପଦ ମୁକ୍ତ କରିପାରିବା ସେ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ ମାଧମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଅଗ୍ନିକାଣ୍ଡ ଘଟେ ତାହାହେଲେ କିପରି ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କୁ ରକ୍ଷା କରାଯିବ ସେ ନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶ୍ରମ ବିଭାଗର ଦେବଚାନ୍ଦ ଶବର, ନରୋତ୍ତମ ପାଣ୍ଡେ, ଗୋଲକ ବିହାରି ଶବର, ସିମାଞ୍ଚଳ ସେଠୀ, ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

### ନିର୍ଦ୍ୱନ୍ଦ୍ୱରେ ଲାମ୍ପସ ଉପସଭାପତି ନିର୍ବାଚିତ

ପାପଡାହାଣ୍ଡି,୮।୭(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ଲାମ୍ପସ ଉପସଭାପତି ଭାବେ ନୀଳା ପୁଜାରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି | ଶୁକ୍ରବାର ନାମାଙ୍କନ ଦାଖଲ ଥିଲା। ନିର୍ବାଚନ ଅଧିକାରୀଭାବେ ସୁଦର୍ଶନ ଚକ୍ରବର୍ତ୍ତୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଲକ୍ଷ୍ମୀ ଭତରା ନୀଳାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା , ଲାମ୍ପସ ସଭାପତି ସଦାଶିବ ନାୟକ, ରିଣ୍ଟୁ ଗନ୍ତାୟତ ପ୍ରମୁଖ ପୁଷ୍ପ ମାଲ୍ୟ ଦେଇ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଲାମ୍ପସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବଜ୍ରପାତରେ ମହିଳା ଶ୍ରମିକ ମୃତ

ନବରଙ୍ଗପୁର/ପାପଡ଼ାହାଣ୍ଡି,୮।୭(ବି.ପ୍ର./ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଭତରା ଶିଉନି ପଞ୍ଚାୟତ ଅଧୀନ ଭିମାଗୁଡା ଗାଁରେ ଜମିରେ ଧାନରୁଆ କାର୍ଯ୍ୟ କରୁଥିବ ଜଣେ ମହଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୁପ୍ତ ମାଳିଙ୍କ ସ୍ତ୍ରୀ ଦୟାମଣି (୩୮)। ସୂଚନାନୁଯାୟୀ ଜମିରେ ୬ ଜଣ ମହିଳା କାମ କରୁଥିଲେ। ଅପରାହ୍ନ ସାଢେ ୩ଟାରେ ଘଡ଼ଘଡି ସହ ବର୍ଷା ହୋଇଥିଲା। ଏଥିରେ ଦୟାମଣି ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସେହିଭଳି ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ପ୍ରଧାନିଗୁଡାରେ ବଜ୍ରାପାତରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କ ନାମ କୌଶଲ୍ୟା ଗୌଡ଼। ନିକଟସ୍ତ ଜମିକୁ ଯିବା ସମୟରେ ବଜ୍ରାପାତ ଘଟିବାରୁ ସେ ଗୁରୁତର ଅଛନ୍ତି। ତାଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

# ହସ୍ତାକ୍ଷରରୁ ଧରାପଡ଼ିଲେ ଅଭିଯୁକ୍ତ

- ଇନ୍ଦ୍ରାବତୀ ହାଇସ୍କୁଲରୁ ଚୋରି ଘଟଣା
- ଚୋରି ପରେ ବ୍ଲାକ୍‌ବୋର୍ଡରେ 'ଆମେ ପୁଣି ଆସିବୁ' ଲେଖି ଦେଇଥିଲେ
- ଗିରଫ ଅଭିଯୁକ୍ତମାନେ ସ୍କୁଲର ପୁରୁଣା ଛାତ୍ର

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର, ୮।୭(ଡି.ଏନ୍.ଏ./ବି.ପ୍ର.)



ପୋଲିସ ସହ ଗିରଫ ଅଭିଯୁକ୍ତ ଓ ଚୋରି ସାମଗ୍ରୀ ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ହାଇସ୍କୁଲରେ ୨ ଜୁଲାଇରେ ହୋଇଥିବା ପାଠ୍ୟ ଉପକରଣ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀର ଆନନ୍ଦ କୁମାର ଦାସ ଓ ଭାଇ ଆଦିତ୍ୟ ଦାସ। ଅଭିଯୁକ୍ତମାନେ ଉଚ୍ଚ ଶିକ୍ଷିତ ଓ ଏହି ସ୍କୁଲର ପୁରୁଣା ଛାତ୍ର ବୋଲି ଜଣାପଡ଼ିଛି। ଚୋରି ପରେ ଅଭିଯୁକ୍ତମାନେ ଆମେ ପୁଣି ଆସିବୁ, ପୂର୍ବତନ ଛାତ୍ର ଧରି ପାରିଲେ ଧର, ଧୁମ୍-୪ ଏମିତି ଅନେକ କିଛି ବ୍ଲାକ୍‌ବୋର୍ଡରେ ଲେଖିଥିଲେ। ଉକ୍ତ ହସ୍ତାକ୍ଷରକୁ ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଛୁ ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, ସ୍କୁଲରେ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ଖାତିଗୁଡ଼ା ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ଏସ୍‌ଡିପିଓ ଆଦିତ୍ୟ ସେନ ଓ ଖାତିଗୁଡ଼ା ଥାନାଧିକାରୀ ପ୍ରମୋଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚକରିଥିଲେ। ଏସ୍‌ପି ଏସ୍.ସୁଶ୍ରୀ ଆଉ ଏକ ଟିମ୍ ଗଠନ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ। ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଖାତିଗୁଡ଼ା ଥାନାଧିକାରୀ ପ୍ରମୋଦ କୁମାର ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଦୁର୍ଗାମାଧବ ବାଗ, ଏସ୍‌ଆଇ ପ୍ରଫୁଲ୍ଲ ପାତ୍ର, ଏଏସ୍‌ଆଇ ସୁନୀଲ ପ୍ରଧାନ, ଏଏସ୍‌ଆଇ ରାମଚନ୍ଦ୍ର କଣ୍ଡାଗରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଦୁଇଟି ଟିମ୍ ଗଠନ କରି ତଦନ୍ତ ଜାରି ରହିଥିଲା। ସ୍କୁଲ ପାଖରେ ଥିବା ବ୍ୟାଙ୍କ ଏଟିଏମ୍‌ର ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ବ୍ଲାକ୍‌ବୋର୍ଡରେ ପୂର୍ବତନ ଛାତ୍ର ଲେଖାଥିବାରୁ ପୋଲିସ ଅକ୍ଷର ଯାଞ୍ଚ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ୨ଦିନର ମାରାଥନ ଜେରା ପରେ ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ନିଜର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବା ଯୋଗୁ କମ୍ପ୍ୟୁଟର ବିଜ୍‌ନେସ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଦୁଇ ଭାଇ ଏଭଳି ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତାଙ୍କ ଘରୁ କିଛି ଚୋରି ସାମଗ୍ରୀ ପୋଲିସ ଜବତ କରିଛି। ଅନ୍ୟ ସବୁ ଖୋଜା ଚାଲିଛି। କେସ୍ ନମ୍ବର ୬୦/୨୨ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟକୃଷ୍ଣ ବେହେରା, ଏସ୍‌ଡିପିଓ ଆଦିତ୍ୟ ସେନ, ଦୁର୍ଗାମାଧବ ବାଘ, ଖାତିଗୁଡା ଥାନାଧିକାରୀ ପ୍ରମୋଦ ନାୟକ, ପ୍ରଫୁଲ୍ଲ ପାତ୍ର ଓ ସୁମିତ ପ୍ରଧାନ ଉପସ୍ଥିତ ଥିଲେ। ସୁରକ୍ଷା କଡ଼ାକଡ଼ି ପାଇଁ ସିସି ଟିଭି କ୍ୟାମେରା ଲଗାଇବା, ସାଇବର କ୍ରାଇମ ସେଲ୍‌କୁ ସକ୍ରିୟ କରିବା ଉପରେ ଏସ୍‌ପି ଏସ୍.ସୁଶ୍ରୀ ଗୁରୁତ୍ୱ ଦେଉଥିବା ଖବରଦାତା ସମ୍ମିଳନୀରେ ଅଧିକାରୀମାନେ କହିଛନ୍ତି। ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟର ସମ୍ପତ୍ତି ସୁରକ୍ଷା ଦିଗରେ ବ୍ୟବସ୍ଥା କରିବାକୁ ଅଧିକାରୀମାନେ କହିଛନ୍ତି।

## ଗୁଣପୁର ଥାନାର ୨ ଏସ୍‌ଆଇଙ୍କ ନାମରେ କୋର୍ଟରେ ମାମଲା ରୁଜୁ

ଗୁଣପୁର,୮।୭(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଶୁକ୍ରବାର ଏକ ୱାନସିସି ମାମଲା ରୁଜୁ ହୋଇଛି। ଗୁଣପୁର ଆଦର୍ଶ ଥାନାର ୨ ପୋଲିସ ଏସ୍‌ଆଇ ଅଶୋକ କୁମାର ପାଢୀ ଏବଂ ସାରିକା ସେଠଙ୍କ ନାମରେ ରାମେଶ୍ୱର ନଗର ବାସିନ୍ଦା ଦୀପାଶିଖା ମହାପାତ୍ର ଅଭିଯୋଗ କରି ମାମଲା ରୁଜୁ କରିଛନ୍ତି। ଦଫା ୧୬୬,୪୫୨, ୩୪୧,୩୨୩, ୩୨୬,୨୯୪, ୩୫୪,୫୦୬ ଏବଂ ୩୦୭ରେ ମାମଲା ରୁଜୁ ହୋଇଥିବା ଅଭିଯୋଗକାରିଣୀଙ୍କ ଓକିଲ ଫଣି ଭୂଷଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଗତ ୪ ତାରିଖମଧ୍ୟାହ୍ନରେ ଗୁଣପୁର ଆଦର୍ଶ ଥାନାର ଅଶୋକ ପାଢ଼ୀ ଓ ସାରିକା ସେଠ ବିନା ୱାରେଣ୍ଟରେ ଦୀପାଶିଖାଙ୍କ ଘରେ ଜୋର ଜବରଦସ୍ତ ପଶିଥିଲେ। ବେଡ୍‌ରୁମ୍‌ରେ ଦୀପଶିଖା ତାଙ୍କ ସ୍ୱାମୀ ସରୋଜକାନ୍ତ ମହାପାତ୍ର ଏବଂ ଝିଅ ଶୋଇଥିଲେ। ପୋଲିସ ସୋରଜକାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାରପିଟ କରିଥିଲେ। କୌଣସି ବିଷୟ ନ କହି ତାଙ୍କୁ ଉଠାଇ ନେଇଥିଲେ। କେଉଁଠି ପାଇଁ ବାପାଙ୍କୁ ନେଇକି ଯାଉଛ ବୋଲି କହିବା ପରେ ଝିଅଙ୍କୁ ସେଠାରେ ଲାତ ମାରିଥିଲେ। ଏହାର ପ୍ରତିବାଦ କରିବାରୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମଙ୍ଗଳସୂତ୍ର ନେଇଯାଇଥିଲେ। ପାଟି ଶୁଣି ଯା ଓ ଦିଅର ସେଠାରେ ପହଞ୍ଚି ଘଟଣାକୁ ବିରୋଧ କରିଥିଲେ। ସରୋଜକାନ୍ତଙ୍କୁ ମାଓବାଦୀ କେସରେ ଭର୍ତ୍ତିକରି ଏନ୍‌କାଉଣ୍ଟରରେ ମାରିଦେବୁ ବୋଲି କହି ଜିପରେ ବସାଇ ଥାନାକୁ ନେଇ ଯାଇଥିଲେ ବୋଲି ଦୀପଶିଖା ଅଭିଯୋଗ କରିଛନ୍ତି। ଦିଅର ହେମକାନ୍ତଙ୍କୁ ମଧ ମାରପିଟ କରିବା ସହ ଥାନାକୁ ନେଇ ଯାଇଛନ୍ତି ବୋଲି ଦୀପଶିଖା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ମାରପିଟ କରାଯାଇଛି। ସାନ ଦିଅର ପିଙ୍କି ମହାପାତ୍ର ରାୟଗଡାରୁ ଫେରିବା ପରେ ଘଟଣା ନେଇ ଆଇଆଇସିଙ୍କ ଦ୍ୱାରସ୍ଥ ହୋଇଥିଲେ। ୧ ତାରିଖରେ ଜନୈକ ପୋଲିସ ଏଏସ୍‌ଆଇଙ୍କ ସହ ସରୋଜଙ୍କ କଥା କଟାକଟି ଏବଂ ଝଗଡା ହୋଇଥିଲା ବୋଲି ଆଇଆଇସି କହିଛନ୍ତି। ୪ ତାରିଖରେ ୩୦୭ ସହ ଅନ୍ୟ ଦଫାରେ ସରୋଜଙ୍କୁ ଗିରଫ କରାଯାଇ ଗୁଣପୁର କୋର୍ଟ ଚାଲାଣ କରାଯାଇଛି।

## ଶହୀଦ ମିନାରରେ ପିସିସି ସଭାପତି

ପାପଡାହାଣ୍ଡି,୮।୭(ଡି.ଏନ୍.ଏ.)

ପିସିସି ସଭାପତି ଶରତ ପଟ୍ଟନାୟକ ପାପଡାହାଣ୍ଡି ଶହୀଦ ମିନାର ପରିଦର୍ଶନ କରିଥିଲେ। ମିନାରରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କୁ ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଜି. ଅନନ୍ତମୂର୍ତ୍ତି ଓ ଦଳୀୟ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ସହ ଏକାଠି ହୋଇ ଡାବୁଗାଁ ନିର୍ବାଚନ ମଣ୍ଡଳୀକୁ ଆହୁରି ସୁଦୃଢ଼ କରିବାକୁ କହିଥିଲେ। ଏହିଗସ୍ତ ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ କୋଡ଼ିଙ୍ଗା ବିଧାୟକ ସଦନ ନାୟକ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପାପଡାହାଣ୍ଡି ଜୋନ ୨ ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ବ୍ଲକ ଉପସଭାପତି ଶଶୀ ମୋହନ ଶର୍ମା, ସମ୍ପାଦକ ବିଭୁତି ପ୍ରସାଦ ପଣ୍ଡା, ରାଜକିଶୋର ରାଓ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବର୍ଷକରେ ଜିଲାରେ ସରିଛି ୪୯୮୩ ଆବାସ ଘର କାମ

ନବରଙ୍ଗପୁର,୮।୭(ବି.ପ୍ର.)

ନବରଙ୍ଗପୁର ଜିଲାପରିଷଦର ସମୀକ୍ଷା ବେଠକ ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବେଠକରେ ଜିଲାପାଳ ଡଃ.କମଳ ଲୋଚନ ମିଶ୍ର, ଅତରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବ ପ୍ରସାଦ ଟାଲି ଓ ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି ଯୋଗ ଦେଇଥିଲେ । ୫ଟି ସ୍କୁଲ, ସ୍ୱଚ୍ଛ ଭାରତ ମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗ୍ରାମୀଣ ଆବାସ ପ୍ରମୁଖ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, କମ୍ପ୍ୟୁଟର ପ୍ରୋଗ୍ରାମର, ଗ୍ରାମୀଣ ଆବାସ ର ବିପିସି ଓ ବିପିଏ, ମିଶନ ଶକ୍ତିର ବ୍ଲକ ଅଧିକାରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ସ୍ୱଚ୍ଛଭାରତ ଯୋଜନା ପରିଚାଳନା କରୁଥିବା କର୍ମଚାରୀମାନେ ଯୋଗଦେଇଥିଲେ। ଏହି ସମୀକ୍ଷା ବେଠକରେ ୨୦୨୧-୨୨ ଆର୍ଥିକ ବର୍ଷରେ ଗ୍ରାମୀଣ ଆବାସରେ ସର୍ବାଧିକ ଘର ସମ୍ପୂର୍ଣ୍ଣ କରିଥିବା ଡାବୁଗାଁ ବ୍ଲକକୁ ପ୍ରଥମ, କୋଷାଗୁମୁଡା ବ୍ଲକକୁ ୨ୟ ଓ ନନ୍ଦାହାଣ୍ଡି ବ୍ଲକକୁ ୩ୟ ଭାବେ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଭାବେ ଗ୍ରାମୀଣ ଆବାସ କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଦେବସ୍ମିତା କର, ପ୍ରକଳ୍ପ ସଂଯୋଜକ ସଂଗ୍ରାମ ସାମନ୍ତରାୟ, ପ୍ରକଳ୍ପ ନିର୍ବାହୀ ଅଧିକାରୀ ରୋଷନ କୁମାର ସାହୁଙ୍କ ସମେତ ସମସ୍ତ ବ୍ଲକର ବିପିସି ଓ ବିପିଏଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟର ୨୦୨୧-୨୨ ଆର୍ଥିକ ବର୍ଷରେ ନବରଙ୍ଗପୁର ଜିଲା ମୋଟ ୧୨୦୩୯ ଆବାସ ମଧ୍ୟରୁ ୪୯୮୩ ଘର ସମ୍ପୂର୍ଣ୍ଣ କରି ୫ ମ ସ୍ଥାନରେ ରହିଥିଲା।

## ଜାତୀୟ ନିରାପତ୍ତା ଦିବସ, ବନ ମହୋତ୍ସବ ପାଳିତ

ଚନ୍ଦାହାଣ୍ଡି, ୮।୭(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଅଧୀନସ୍ଥ ସମସ୍ତ ସ୍କୁଲରେ ବିଦ୍ୟାଳୟ ନିରାପତ୍ତା ଦିବସ ପାଳିତ ହୋଇଯାଇଛି। ନିରାପତ୍ତା ପାଳନ ଶେଷ ଦିନରେ ଚନ୍ଦାହାଣ୍ଡି ବିଇଓ ଈଶ୍ୱର ମାଝୀ, ଏବିଇଓ ବିଜୟା ନନ୍ଦ ସୋରି, ନୀଳକଣ୍ଠ ଦାଶ, ଧୋଡିପାଣି ସିଆରସିସି ରବୀନ୍ଦ୍ର ନାୟକ, ମୋହରା ସିଆରସିସି ଏମ୍. ବିଘ୍ନେଶ୍ୱର ଆଚାରୀ, ଜମାଦାରପଡା କ୍ଲଷ୍ଟର ସିଆରସିସି ତ୍ରିପତୀ ଦଳେଇ, ବିଶ୍ୱ ରଂଜନ ପଣ୍ଡା, ଦଳବେଡା ହାଇସ୍କୁଲ, ଜାମପଡା ପ୍ରାଥମିକ ବିଦ୍ୟାଳୟ, ପୂଜାରୀଗୁଡା ହାଇସ୍କୁଲ, ଜମାଦାରପଡା ହାଇସ୍କୁଲ, ଖୁଟୁଗୁଡା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଜମାଦାରପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ନୀଳାମ୍ବର ପଟେଲ, ସମସ୍ତ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ତାଲୁକ ଆଇନ୍ ସେବା କମିଟିର ଚାରା ରୋପଣ

ବିଷମକଟକ, ୮।୭(ଡି.ଏନ୍.ଏ.)

ରାୟଗଡା ଜିଲା ବିଷମକଟକ ବ୍ଲକ ଅଧୀନ ହାଟ ମୁନିଗୁଡା ପଞ୍ଚାୟତରେ ଥିବା ରାମକୃଷ୍ଣ ମିଶନ ଆଶ୍ରମ, ବିଷମକଟକ ଏବଂ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ସିଭିଲ୍ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ ଅରୁନ୍ଧତୀ ଆଚାର୍ଯ୍ୟ, ବିଚାର ବିଭାଗୀୟ ଦଣ୍ଡାଧୀକାରୀ କୁମାର ସ୍ୱନ୍ଦନ, ମୁନିଗୁଡା ରେଞ୍ଜର ଆର୍. କାଲାଇଭାନନ୍, ଫରେଷ୍ଟର ଉମ୍ବରୁଧର ସେନାପତି, ଫରେଷ୍ଟଗାର୍ଡ କମଳ ନାଗ, ରତ୍ନ ମହାରଣା, ପ୍ରସାଦ ପରିଚ୍ଛା ଓ ମଞ୍ଜୁ ବେହେରା ଉପସ୍ଥିତ ଥିଲେ। ରାମକୃଷ୍ଣ ମିଶନ ଆଶ୍ରମର ଛାତ୍ରୀଛାତ୍ର, ଶିକ୍ଷକ, ବିଷମକଟକ ବାର୍ ଆସୋସିଏସନ ଓକିଲ, ପାରାଲିଗାଲ୍ ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ କୋର୍ଟର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାୟ ୫୦୦ ଚାରା ହାଟ ମୁନିଗୁଡା ଏବଂ ବିଷମକଟକ ଅଞ୍ଚଳରେ ଲଗାଯାଇଛି।

## ଜିଆଇଇଟିରେ ବନ ମହୋତ୍ସବ




ଅତିଥିମାନେ ଚାରା ରୋପଣ କରୁଛନ୍ତି ।

ଗୁଣପୁର,୮।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏବଂ ଗୁଣପୁର ବନ ବିଭାଗ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ଆଇଟିଡିଏ କାର୍ଯ୍ୟାଳୟରୁ ଗୁଣପୁର ମହାବିଦ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତା ଡିଭାଇଡରରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଣପୁର ପୌର ପରିଷଦ ଅଧକ୍ଷା ମମତା ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍.ଭି.ଜେ. ରାଓ ଉପସ୍ଥିତ ରହି ଚାରା ଲଗାଇଥିଲେ। ବିଭାଗୀୟ ମୁଖ୍ୟ ମନୋଜ ଦାସ, ଆଶିଷ ସାମଲ, ସନ୍ତୋଷ କୁମାର ପଣ୍ଡା, ଅଶୋକ ମିଶ୍ର, ଅଧାପକ ଭି.ଗଣେଶ, ଶଶାଙ୍କ ଶେଖର ପଣ୍ଡା, ଗୋପାଳକୃଷ୍ଣ ମହାନ୍ତିଙ୍କ ସମେତ ଛାତ୍ରୀଛାତ୍ର ଓ କର୍ମଚାରୀ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ବନାଞ୍ଚଳର ଶିବାନୀ ପାତ୍ର, ବନରକ୍ଷୀ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆବାହକ ଡ.ପ୍ରେମାଂଶୁ ଶେଖର ରଥ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ତ୍ରିଲୋଚନ ନାୟକ, କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ବ୍ରଜସୁନ୍ଦର ଦାସ, ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ମଦ ବିକ୍ରି ବନ୍ଦ ଦାବିରେ ଜିଲାପାଳଙ୍କୁ ଭେଟିଲେ ଏସ୍‌ଏଚ୍‌ଜି ମହିଳା

ରାୟଗଡା ଅଫିସ, ୮।୭



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ।

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ପ୍ରତ୍ୟେକ ସାହି ଗଳି କନ୍ଦିରେ ଦେଶୀ ମଦ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଛି। ଏହାର ବନ୍ଦ ଦାବି କରି ସ୍ଥାନୀୟ ମହିଳାମାନେ ଏକତ୍ରିତ ହୋଇ ଶୁକ୍ରବାର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟିଛନ୍ତି।

ଦୀର୍ଘ ଦିନ ହେଲା ସ୍ଥାନୀୟ ପୋଲିସ ଓ ଅବକାରୀ କର୍ମଚାରୀଙ୍କୁ ଲାଞ୍ଚ ଦେଇ ବେଆଇନ ଭାବେ ଦେଶୀମଦ କାରବାର ଚାଲିଛି। ତେଣୁ ଏହି ଅଞ୍ଚଳରେ ମଦ ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ଘଟିଛି। ବାରମ୍ବାର ଏନେଇ ଚନ୍ଦ୍ରପୁର ଥାନାରେ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାମାନେ ଫେରାଦ ହୋଇଥିଲେ ମଧ ଅଭିଯୋଗପତ୍ର ଥାନାଧିକାରୀ ଗ୍ରହଣ କରୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ପି ଓ ଅବକାରୀ ଅଧିକ୍ଷକଙ୍କୁ ମହିଳାମାନେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ସିନାମି କାଡ୍ରାକା, ମୀରାମାଣ ବିଶୋୟୀ, ଜମୁନା ପାତ୍ରଙ୍କ ସମେତ ଅନେକ ମହିଳା ଉପସ୍ଥିତ ଥିଲେ।

## ଲାଗିଲା ୫ଶହରୁ ଉର୍ଦ୍ଧ୍ୱ ପ୍ରଜାତିର ଚାରା

ନବରଙ୍ଗପୁର,୮।୭(ବି.ପ୍ର.)

ନବରଙ୍ଗପୁରସ୍ଥିତ ରିଜର୍ଭ ପଡିଆରେ ଜିଲା ପୋଲିସ ପକ୍ଷରୁ ଚାରା ରୋପଣ କରାଯାଇଛି। ଏସପି ଏସ୍. ସୁଶ୍ରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୫ଶହରୁ ଉର୍ଦ୍ଧ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା, ଡିଏସ୍‌ପି ଚନ୍ଦ୍ର ଶେଖର ହୋତା, ଏସିଏଫ ଧନୁର୍ଯ୍ୟୟ ମହାପାତ୍ର ସମେତ ବନ ବିଭାଗ କର୍ମଚାରୀ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ।

## ଜଙ୍ଗଲୀ ଛତୁ ଖାଇ ୪ ଗୁରୁତର

ପାପଡ଼ାହାଣ୍ଡି, ୮।୭ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦଲି ଗ୍ରାମରେ ଜଙ୍ଗଲୀ ଛତୁ ଖାଇ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗାଁର ଲେବ ଗୌଡ଼ଙ୍କ ସ୍ତ୍ରୀ ନବୀନା, ପୁଅ ମହ୍ଲାର (୧୩), ତ୍ରିପତି ଗୌଡ଼ (୮) ଓ ପଡ଼ିଶା ଘରର ମହେନ୍ଦ୍ର ଗୌଡ଼(୫)। ଗୁରୁତରମାନେ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନାନୁଯାୟୀ ଗୁରୁବାର ଜଙ୍ଗଲୀ ଛତୁ ଆଣି ଜଣେ ମହିଳା ଚାନ୍ଦଲି ଗ୍ରାମରେ ବିକ୍ରି କରୁଥିଲେ। ନବୀନା ଉକ୍ତ ଛତୁ କିଣି ରାନ୍ଧିଥିଲେ। ଉକ୍ତ ତରକାରିକୁ ପଡ଼ିଶାଘରେ ଦେବା ସହ ନିଜ ଘରେ ସମସ୍ତେ ଖାଇଥିଲେ। ରାତି ପ୍ରାୟ ୧୨ଟାରେ ନବୀନା, ମହ୍ଲାର, ତ୍ରିପତି ଓ ମହେନ୍ଦ୍ରଙ୍କ ଦେହ ଅସୁସ୍ଥ ଲାଗିଥିଲା। ଏହାପରେ ସେମାନଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ଆକ୍ରାନ୍ତଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।



ଡାକ୍ତରଖାନାରେ ଆକ୍ରାନ୍ତମାନେ।

## ଘରୋଇ କ୍ଲିନିକରୁ ଶିଶୁପୁତ୍ର ନିଖୋଜ ଘଟଣାରେ ପୋଲିସ ହାତ ଖାଲି

- ଥାନାରେ ଏତଲାକୁ ବିତିଲା ୧ ମାସ ୮ ଦିନ
- ଶିଶୁ ଜୀବିତ କି ମୃତ ଟେର ପାଉନି ପୋଲିସ

ରାୟଗଡା ଅଫିସ, ୮।୭

ଏକ ଘରୋଇ କ୍ଲିନିକ୍‌ରୁ ଶିଶୁ ନିଖୋଜ ଘଟଣାର ଟେର୍ ପାଉନି ପୋଲିସ। ଶିଶୁ ମୃତ ନା ଜୀବିତ ତାହା ମଧ ଆଜିସୁଦ୍ଧା ଜାଣିପାରୁନାହିଁ ପୋଲିସ। ଏହା ମଧରେ ଘଟଣାକୁ ନେଇ ପୋଲିସରେ ଏତଲା ଦେବାକୁ ପୂରିଲାଣି ୧ମାସ ୮ଦିନ। ଏହି ବିଳମ୍ବ ପଛରେ କାରଣ କ'ଣ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

ଟଙ୍କା ଦେଇ ନ ପାରିବାରୁ ରାୟଗଡ଼ା ସହରର ଏକ ନର୍ସିଂହୋମ୍ କର୍ତ୍ତୃପକ୍ଷ ଶିଶୁ ପୁତ୍ରକୁ ବନ୍ଧକ ରଖିଥିବା ପିଲାର ବାପା ରାୟଗଡ଼ା ଜିଲା ସଦର ବ୍ଲକ କାରୁବାଇ ଗ୍ରାମର ରାଇସିଂ ମେଲେକା ଅଭିଯୋଗ କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ କିନ୍ତୁ ଶିଶୁଟି ମୃତ ବୋଲି କହିଥିଲେ । ଶିଶୁର କୌଣସି ଖବର ନ ମିଳିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏନେଇ ରାୟଗଡ଼ା ଟାଉନ ଥାନାରେ ୧ ଜୁନ୍‌ରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ୧୩୩/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା। ଏତଲା ଦେବାର ଦୀର୍ଘ ୧ ମାସ ୮ ଦିନ ବିତିଯାଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଶିଶୁଟିର ପରିବାର ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ। ପିଲାଟି ମୃତ କି ଜୀବିତ ତାହା ଜଣାପଡ଼ିନାହିଁ। ତଦନ୍ତ କରାଯାଉ ଥିବା କହି ଅହେତୁକ ବିଳମ୍ବ ପଛରେ ରହସ୍ୟ କ'ଣ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ୫-ଟିରେ ସବୁ କାମ ସହଜ ହେବ ବୋଲି ସରକାର କହୁଥିଲେ ହେଁ ତୃଣମୂଳସ୍ତରରେ ତାହା କାର୍ଯ୍ୟକାରୀ ହେଉନାହିଁ। ସ୍ତ୍ରୀ ତ ଆରପାରିକୁ ଚାଲିଗଲେ। ନିଜ ଶିଶୁପୁତ୍ରକୁ ବି ଦେଖିପାରୁନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ରାଇସିଂ। ପୋଲିସ ଆଜି ସୁଦ୍ଧା ଆମକୁ ନ୍ୟାୟ ଦେବାରେ ବିଫଳ ବୋଲି ସେ କହିଛନ୍ତି। ରାୟଗଡ଼ା ସହରର କ୍ଲିନିକ୍‌ରେ ଏପରି ଘଟଣା ତୁରନ୍ତ ଲୋକଲୋଚନକୁ ଆସିବା ଦରକାର। ଶିଶୁ କିମ୍ବା ପ୍ରସୂତିଙ୍କୁ କ୍ଲିନିକ୍‌କୁ ନେବାକୁ ଅସୁରକ୍ଷିତ ମଣୁଥିବା କହିଛନ୍ତି ରାମା ଟକିଜ୍ ଅଞ୍ଚଳର ସୁପ୍ରଭା ମିଶ୍ର । ଏନେଇ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ପୋଲିସକୁ ବାରମ୍ବାର ଏ ନେଇ ପ୍ରଶ୍ନ କଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ ବୋଲି ସେ କହିଛନ୍ତି। ଘଟଣାର ତଦନ୍ତକାରୀ ଅଧିକାରୀ ରାୟଗଡ଼ା ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ଘଟଣାରେ ଜଡ଼ିତ ସମସ୍ତଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୯ ଜୁଲାଇ, ୨୦୨୨



**ସୁରକ୍ଷା ଉପକରଣ ବ୍ୟବହାର ନେଇ ତାଲିମ**

ସେମିଲିଗୁଡ଼ା,୮।୭(ସ୍ୱ.ପ୍ର.)- ବିଦ୍ୟୁତ୍ ବିଭାଗରେ କାମ କରିବା ସମୟରେ ଅସାବଧାନତା ଯୋଗୁ ଅସମୟରେ ବହୁ ମୂଲ୍ୟବାନ୍ ଜୀବନ ଚାଲିଯାଉଛି। ସୁରକ୍ଷା କବଚ ପରିଧାନ କରି କାମ କରିବା ନେଇ ସୁନାବେଡ଼ା ଟିପିସୋଲର ଡିଭିଜନଠାରେ ଏକ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀମାନଙ୍କୁ ବୁଡାମ କମ୍ପାନୀ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। କର୍ମଚାରୀଙ୍କୁ କାମ କରିବା ସମୟରେ ନିଜ ସୁରକ୍ଷାକୁ ନେଇ ଆବଶ୍ୟକ ଉପକରଣଗୁଡ଼ିକ କିଭଳି ଓ କେଉଁ ସମୟରେ ବ୍ୟବହାର କରିବେ ସେ ନେଇ ଅବଗତ କରାଯାଇଥିଲା। ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ଏକ ପିପିଇ କିଟ୍ ପ୍ରଦାନ କରାଯାଇଥିଲା। କାମ କରିବା ସମୟରେ ମୁଣ୍ଡରେ ହେଲମେଟ୍, ହାତରେ ଗ୍ଲୋଭ୍ସ, ଦେହରେ ବେଲ୍ଟ ରହିବା ନିହାତି ଜରୁରୀ ବୋଲି ତାଲିମଦାତା ପ୍ରମୋଦ ବେହେରା ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଅଟୋ ଚୋରି କରି ଜଣେ ଗିରଫ

ଜୟପୁର, ୮।୭ (ନି.ପ୍ର.)-ଜୟପୁର ସହର ଖ୍ରୀଷ୍ଟିଆନ ସାହିର କୋର୍ଟ ଲାଇନରେ ଥିବା ଏକ ଅଟୋ ଚୋରି ହୋଇଯାଇଥିଲା। ଏନେଇ ଅଟୋ ମାଲିକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା ଏବେ ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଦେବିଗୁଡ଼ାର ଲକ୍ଷ୍ମଣ ହରିଜନ। ତାଙ୍କଠାରୁ ଚୋରି ହୋଇଥିବା ଅଟୋ ଜବତ ହୋଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ୪କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ



ଜୟପୁର, ୮।୭(ନି.ପ୍ର.)-ଗଞ୍ଜେଇ ଚୋରା ଚାଲାଣ ବେଳେ ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଏହାକୁ ଜବତ କରିଛି। ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଜୟପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବା ପରେ କର୍ମଚାରୀମାନେ ଖାଲିଝିଙ୍ଗୁଟ ନିକଟରେ ଚଢ଼ାଉ କରି ଏହାକୁ ଧରିଥିଲେ। ଗାଡ଼ିରୁ ୪ କୁଇଣ୍ଟାଲ ୫୯ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ଟଙ୍କା ହେବା ମାମଲାରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ସେ ହେଲେ ଭି.କୋଟେଶ୍ୱର ରାଓ। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ମନୋଜ ସେଠୀ କହିଛନ୍ତି।

# ଭିଜିଲାନ୍ସ ତଦନ୍ତ ଦାବିକଲେ ନାଚିକା, ସରପଞ୍ଚ ସହ ବ୍ଲକ ଉପାଧ୍ୟକ୍ଷା

**ନାରାୟଣପାଟଣା: ୫-ଟି ଅନ୍ତର୍ଭୁକ୍ତ ହାଇସ୍କୁଲ ଛାତରୁ ସିଲିଂ ଖସିବା ଘଟଣା**

ନାରାୟଣପାଟଣା,୮।୭(ଡି.ଏନ.ଏ.)



ଭିଜିଲାନ୍ସ ତଦନ୍ତ ଦାବି କରିଥିବା ନାଚିକାଙ୍କ ସହ ଜନ ପ୍ରତିନିଧିମାନେ।

୬ମାସ ମଧ୍ୟରେ ଦୁଇଥର ଖସିପଡ଼ିଲାଣି ବିଦ୍ୟାଳୟ ଛାତର ତିଣ ଆଉ ସିଲିଂ। ଫଳରେ ବିଦ୍ୟାଳୟରେ ପାଠ ପଢ଼ିବାକୁ ଭୟ କରୁଛନ୍ତି ଛାତ୍ରଛାତ୍ରୀ। ୫-ଟି ରୂପାନ୍ତରିତ ହୋଇଥିବା ସ୍ମାର୍ଟ ସ୍କୁଲର ଚଳିତ କଲାପରି ଏକ ଦୃଶ୍ୟ ପଦାକୁ ଆସିଛି। ୫-ଟିରେ ନାରାୟଣପାଟଣା ସରକାରୀ ହାଇସ୍କୁଲକୁ ଅନ୍ତର୍ଭୁକ୍ତ କରି ପିଲାଙ୍କୁ ପାଠ ପଢ଼ାଇବାକୁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଛ ମାସରେ ନଷ୍ଟ ହୋଇଯାଇଛି ସବୁ। ଫଳରେ ପିଲା ଏବେ ସାଇକଲ୍ ଷ୍ଟାଣ୍ଡରେ ବସ ପାଠ ପଢୁଛନ୍ତି। ସ୍ମାର୍ଟ ସ୍କୁଲର ଛାତରୁ ସିଲିଂ ପଡ଼ିବା ଘଟଣା ପ୍ରଘଟ ହେବା ପରେ ଶୁକ୍ରବାର ନାରାୟଣପାଟଣା ଚାଷୀ ମୁଳିଆ ଆଦିବାସୀ ସଂଘର ନେତା ନାଚିକା ଲିଙ୍ଗାଙ୍କ ସମେତ ସମିତିସଭ୍ୟ ଝୁନି ମାଣ୍ଡିଙ୍ଗି,ସରପଞ୍ଚ ରେବତୀ କୁନ୍ଦାରଆ, ବୋରଗୀ ସରପଞ୍ଚ ସୁରେନ୍ଦ୍ର ପାଙ୍ଗି, ସମିତିସଭ୍ୟ ସୁବାଲୁ ତାଡିଙ୍ଗି , ବ୍ଲକ ଉପାଧ୍ୟକ୍ଷ ରୁନିଦାସ ସ୍କୁଲ ପରିଦର୍ଶନ କରି ଏହାର ତଦନ୍ତ ଦାବି କରିଛନ୍ତି। ଠିକାଦାର ନିମ୍ନମାନର କାମ କରିଥିବାରୁ ସ୍କୁଲ ଛାତର ସିଲିଂ ୬ମାସ ନ ଯାଉଣୁ ଗଳି ପଡିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ସେମାନେ ଦାବି କରିଛନ୍ତି । ଏନେଇ ସ୍କୁଲ ପ୍ରଧାନ ଶିକ୍ଷକ କହିଛନ୍ତି କାମ ନିମ୍ନମାନର ହେଇଛି। ନୂତନ କୋଠା ତିଆରି ହେବାକୁ ବିଭାଗୀୟ ଅଧିକାରୀ କହିଛନ୍ତି । ଜାଗା ନ ଥିବାରୁ ବାଧ ହୋଇ ସାଇକେଲ ଷ୍ଟାଣ୍ଡରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତ।

# କୋଟିଆ ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ପାଇଁ ବସ୍ ଯୋଗାଇ ଦେଲା ନାଲ୍‌କୋ




ନାଲ୍‌କୋ ଅଧିକାରୀମାନେ ବସ୍ ସେବାର ଶୁଭାରମ୍ଭ କରୁଛନ୍ତି।

ପଟ୍ଟାଙ୍ଗୀ/ଦାମନଯୋଡି, ୮।୭(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ପଡୋଶୀ ଆନ୍ଧ୍ର ସୀମାକୁ ଲାଗିଥିବା କୋଟିଆ ପଞ୍ଚାୟତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ପାଇଁ ଜିଲା ପ୍ରଶାସନର ପ୍ରସ୍ତାବକ୍ରମେ ଏକ ବସ ଯୋଗାଇ ଦେଇଛି ନାଲକୋ। ଏହି ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ପରିସରରେ ହଷ୍ଟେଲ ସୁବିଧା ଆରମ୍ଭ ହୋଇ ନାହିଁ। ଏପରିସ୍ଥଳେ ଛାତ୍ରୀଛାତ୍ରମାନେ ଦୂରଦୂରାନ୍ତ ଗ୍ରାମରୁ ବିଦ୍ୟାଳୟକୁ ଆସୁଛନ୍ତି। ସେମାନେ ଠିକ ସମୟରେ ବିଦ୍ୟାଳୟରେ ପହଞ୍ଚି ପାରୁନାହାନ୍ତି। ଏପରି ସମସ୍ୟାକୁ ଦୃଷ୍ଟିରେ ରଖି ହଷ୍ଟେଲ ଆରମ୍ଭ ହେବା ଯାଏ ଏକ ବସ୍ ଯୋଗାଇ ଦେବାକୁ ନାଲ୍‌କୋକୁ ଜିଲା ପ୍ରଶାସନ ପ୍ରସ୍ତାବ ଦେଇଥିଲା। ଏହାକୁ ଗୁରୁତ୍ୱ ଦେଇ ଆଦର୍ଶ ବିଦ୍ୟାଳୟ ପାଇଁ ବସ୍ ସେବା ଯୋଗାଇ ଦେଇଛି। ଉକ୍ତ ସେବାକୁ ନାଲକୋର ଇଡି (ଏମ୍ ଆଣ୍ଡ ଆର) ସୁଶୀଲ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ସମୟରେ ଅମରେନ୍ଦ୍ର ମିଶ୍ର, ସରୋଜ ନାଥଙ୍କ ସମେତ ନାଲକୋ ଫାଉଣ୍ଡେଶନର କର୍ମକର୍ତ୍ତା, ସରପଞ୍ଚ ଲିପ୍ସୁ ଗେମେଲ, ଅଧକ୍ଷ ଦାୟିତ୍ୱରେ ଥିବା ପଟ୍ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଗାଇତ୍ରୀ ମଲ୍ଲିକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବସଟି କୁନ୍ଦୁଲି ହାଟପଦାରୁ ସକାଳ ୮ଟାରେ ବାହାରି ତଳବାରାବନ୍ଦ ଉପରବାରାବନ୍ଦ, ଥୁଣିଆ, ଟାଉପଦର, ଦେଓମାଳି ପ୍ରମୁଖ ଗ୍ରାମ ଛକ ନିକଟରୁ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ନେବ। ତେବେ ଅବଶିଷ୍ଟ ଗ୍ରାମ ସିପାଇପୁଟ, ଏରାସାନ୍ତାଗୁଡା, ଗାଲିଗାବଡାର, ନାଗିଙ୍ଗିପଦର, ମାଳିଗୁଡା, ବିଲାକରାଇ, ରାଜଶଙ୍କର, ଟାଙ୍ଗୁବେଡା, ତଳକାଣ୍ଟି, ମାଲକାରବନ୍ଦ, ସମ୍ଭାଇ ଏବଂ ଖଙ୍ଗରଗୁଡା ଗ୍ରାମର ଛାତ୍ରୀଛାତ୍ର ବିଦ୍ୟାଳୟରେ କିପରି ପହଞ୍ଚିବେ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୮।୭

୧୬ନଂ. ଜାତୀୟ ରାଜପଥର ହଳଦିଆପଦରରେ ଥିବା ଏକ ହୋଟେଲ ନିକଟରେ ଶିଶିର ସାହୁଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣା ପରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୋଷାଣି ନୁଆଗାଁ ପୋଲିସ ଗିରଫ କରିଛି। ସେ ହେଲେ କୃଷ୍ଣ ଚରଣ ରାଉତ।

# ୩ ସାମ୍ବାଦିକ ସଂଘର ସମନ୍ୱୟ କମିଟି ବୈଠକ

ମାଲକାନଗିରି,୮।୭(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କାର୍ଯ୍ୟରତ ତିନୋଟି ସାମ୍ବାଦିକ ସଂଘ ଯଥା ଉତ୍କଳ ସାମ୍ବାଦିକ ସଂଘ, ମାଲକାନଗିରି ୟୁନିୟନ ଅଫ୍ ଜର୍ନାଲ, ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟର ମିଳିତ ସମନ୍ୱୟ କମିଟି ବୈଠକ ଜିଲା ସଦର ମହକୁମା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ୧୪୦ରୁ ପ୍ରତିନିଧିଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ଆଚରଣ, ଉଚ୍ଚାରଣ, ବ୍ୟବହାର, କର୍ତ୍ତବ୍ୟ ଓ ନିଷ୍ଠାପରତା ଉପରେ ଆଲୋଚନା କରାଯାଇଥିଲା। ସାମ୍ବାଦିକ ଏବଂ ସାମ୍ବାଦିକତାକୁ କଳଙ୍କିତ କରୁଥିବା ଜଣେ ବ୍ୟକ୍ତିଙ୍କ କାର୍ଯ୍ୟକୁ ବୈଠକରେ ନିନ୍ଦା କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଜିଲାର ତିନିଜଣ ବରିଷ୍ଠ ଖବରଦାତା ଥାନାରେ ଅଭିଯୋଗ କରିଛନ୍ତି। ଖବରଦାତାଙ୍କ ବିଭିନ୍ନ ସମସ୍ୟା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲାପାଳ ବିଶାଳ ସିଂ, ଆରକ୍ଷୀ ଅଧୀକ୍ଷକ ନୀତୀଶ୍ ବାଧବାନିଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ମାଲକାନଗିରି ୟୁନିୟନ ଅଫ୍ ଜର୍ନାଲ ସଭାପତି ଦେବପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଷ୍ଟେଟ ୟୁନିୟନ ଅଫ୍ ଜର୍ନାଲର ସମ୍ପାଦକ ତ୍ରିଲୋଚନ ଦାସ, ରତ୍ନାକର ଦାସ, ଈଶ୍ୱର ପ୍ରସାଦ ପଟ୍ଟନାୟକ, ଦେବବ୍ରତ ସାନା, ଜିତେନ୍ଦ୍ର ବେଉରିଆ, ମନୋଜ ମହାନ୍ତି, ଅଶୋକ ମିଶ୍ର, ଶ୍ରୀନିବାସ ପାତ୍ର, ଗୋପୀକୃଷ୍ଣ ପଟ୍ଟନାୟକ, ଦୁର୍ଗାପ୍ରସାଦ ପଟ୍ଟନାୟକ, ପଞ୍ଚାନନ ଦାସ, ସନ୍ତୋଷ ନାଗ, ସତ୍ୟନାରାୟଣ ପଣ୍ଡା, ସତ୍ୟନାରାୟଣ ଦାସ, ଅସୀମ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ପିଲାଙ୍କୁ ନିସ୍ତୁକ ମାଡ଼ ମାରୁଛନ୍ତି ଶିକ୍ଷୟିତ୍ରୀ

ମାଲକାନଗିରି, ୮।୭ (ଡି.ଏନ.ଏ.)

ସରକାରୀ ବିଦ୍ୟାଳୟରେ ପାଠ ପଢାଉଛନ୍ତି ଜଣେ ମାନସିକ ବିକାରଗସ୍ତ ଶିକ୍ଷୟିତ୍ରୀ। ଶ୍ରେଣୀଗୃହରେ ମନ ଇଚ୍ଛା ପାଠ ପଢାଉଛନ୍ତି। ଯେତିକି ପାଠ ପଢାଉ ନାହାନ୍ତି ଛାତ୍ରୀଛାତ୍ରଙ୍କୁ ତାହାଠାରୁ ଅଧିକ ମାଡ ମାରୁଛନ୍ତି। ମାଲକାନଗିରି ଜିଲା ଚମ୍ପାନଗର ପ୍ରାଥମିକ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ଚକ୍ ଖଡି ବଦଳରେ କେତେ ବେଳେ ଶିକ୍ଷୟିତ୍ରୀଙ୍କ ହାତରେ ବାଡି ତ ଆଉ କେତେ ବେଳେ ଚୌକି ଦେଖିବାକୁ ମିଳୁଛି। କେବେକେବେ ଶ୍ରେଣୀ ଗୃହ ଭିତର କବାଟ ଝରକା ବନ୍ଦ କରି ପିଲାଙ୍କୁ ବାହାରେ ବସେଇ ଦେଉଛନ୍ତି ସେ। ଚମ୍ପାନଗର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ଏଠାରେ ରହିଛନ୍ତି ୩ ଜଣ ଶିକ୍ଷୟିତ୍ରୀ। ସେମାନଙ୍କ ମଧ୍ୟରେ ରହିଥିବା ଶିକ୍ଷା ସହାୟକ ବନିତା ସ୍ୱାଇଁ ଜଣେ ମାନସିକ ବିକାରଗସ୍ତ। ଏହା ଜାଣିବା ପରେ ଗାଁ ଲୋକେ ଏବେ ନିଜ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଭୟ କରୁଛନ୍ତି। ସିଆରସିସିଠାରୁ ଆରମ୍ଭ କରି ଅନ୍ୟ କର୍ତ୍ତପକ୍ଷଙ୍କୁ ବନିତା ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ ହେଁ ଜିଲା ଶିକ୍ଷା ବିଭାଗ ଏଯାଏ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହି। ଏନେଇ ଶୁକ୍ରବାର ଗ୍ରାମରେ ଏକ ବୈଠକ କରିବା ପରେ ଗ୍ରାମବାସୀ ବନିତାଙ୍କୁ ବିଦ୍ୟାଳୟରୁ ବାହାର କରିବା ପାଇଁ ବିଦ୍ୟାଳୟରେ ପହଞ୍ଚିଥିଲେ। ବନିତା ଗ୍ରାମବାସୀଙ୍କୁ ଦେଖି ଦୀର୍ଘ ସମୟ ଧରି ଶ୍ରେଣୀ ଗୃହ ଭିତରେ କବାଟ ଝରକା ବନ୍ଦ କରି ଲୁଚି ରହିଥିଲେ। ପରେ ସେ ବାହାରକୁ ଆସି ଲୋକଙ୍କ ଉପରକୁ ଚେୟାରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ମଧ ବିଦ୍ୟାଳୟରୁ ବାହାରକୁ ଚାଲିଯିବାକୁ କହିଥିଲେ। ଏହାର ବିରୋଧ କରିବାରୁ ଜିଲାପାଳଙ୍କ ନିକଟକୁ ଯାଇ ମୋ ନାମରେ ଅଭିଯୋଗ କର ବୋଲି ବନିତା କହିଥିଲେ। ଘଟଣା ନେଇ ଜିଲା ଶିକ୍ଷା ଅଧିକାରୀ ମାନସ ଜେନାଙ୍କ ନଜରକୁ ଆଣିବାରୁ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଚାକିରି ଛାଡ଼ି ସଫଳ ମାଛଚାଷୀ ପାଲଟିଲେ ସଂଗ୍ରାମ

ଏମ୍‌ଭି ୭୯,୮।୭(ଡି.ଏନ.ଏ.)



ମାଲକାନଗିରି ଜିଲା କାଲିମେଳା ମତ୍ସ୍ୟ ବିଭାଗ ଅନ୍ତର୍ଗତ ଏମଭି-୭୯ ଗ୍ରାମର ସଂଗ୍ରାମ ମଲିକ। ଇଞ୍ଜିନିୟରିଂ ଚାକିରି ଛାଡି ଆଜି ଜଣେ ସଫଳ ମତ୍ସ୍ୟଚାଷୀ ହୋଇପାରିଛନ୍ତି। ଏବେ ସେ ଅଞ୍ଚଳର ଜଣେ ସୁପରିଚିତ ମତ୍ସ୍ୟଚାଷୀ ରୂପେ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି। ଦୀର୍ଘ ୧୫ ବର୍ଷ ଧରି ମହାରାଷ୍ଟ୍ରରେ ଏକ କମ୍ପାନୀରେ ସହାୟକ ଇଞ୍ଜିନିୟର ଭାବେ କାମ କରୁଥିଲେ ସଂଗ୍ରାମ। କରୋନା ସମୟରେ ନିଜ ଘରକୁ ଫେରିଥିଲେ। ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଚିନ୍ତିତ ଥିଲେ। ଏହି ସମୟରେ ୟୁଟ୍ୟୁବ୍‌ରେ ବେଁବ ପୁଞ୍ଜ ପଦ୍ଧତିରେ ମାଛ ଚାଷ ଦେଖି ପଡିଆ ମତ୍ସ୍ୟଚାଷ ବିଭାଗ ସହଯୋଗରେ ୬ଟି ଟାଙ୍କିରେ ମାଛ ଚାଷ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ହଜାର ତେଲାପୋଇ ଯାଆଁଳାକୁ ନେଇ ଚାଷ ଆରମ୍ଭ କରିଥିବା ସଂଗ୍ରାମ ଏବେ ରୋହି, ଭାକୁର, ଦେଶୀ ମାଗୁର ଭଳି ଏକାଧିକ ପ୍ରଜାତିର ମାଛ ଯାଆଁଳା ନେଇ ଚାଷ କରୁଛନ୍ତି। ଆଖପାଖ ଅଞ୍ଚଳକୁ ମାଛ ପଠାଇ ବେଶ୍ ଆୟ କରୁଛନ୍ତି। ତାଙ୍କର ଏଭଳି ଚାଷ ପଦ୍ଧତି ସ୍ଥାନୀୟ ଅଞ୍ଚଳରେ ମତ୍ସ୍ୟ ଅଭାବକୁ ପୂରଣ କରିବ ବୋଲି ସେ ମଧ ଆଶାବ୍ୟକ୍ତ କରିଛନ୍ତି।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ-୮, ଭୁବନେଶ୍ୱର-୭୫୧୦୧୨
Email:paribesh1@ospcboard.org. Website:www.ospcboard.org.
ନଂ.11847/IND-I-CON(Misc) 1263 ତା.07.07.2022

**ବିଜ୍ଞପ୍ତି**

**No.CAD-1056:** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୯ତମ ପ୍ରତିଷ୍ଠା ଦିବସ ତା.୧୪.୦୯.୨୦୨୨ ଅବସରରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ଏବଂ ଉତ୍କର୍ଷତା ପୁରସ୍କାର-୨୦୨୨ ବିତରଣ ପାଇଁ ଶିଳ୍ପାନୁଷ୍ଠାନ, ଖଣି, ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗୁଡ଼ିକୁ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଅଛି । ଆବେଦନ କରିବାର ଦରଖାସ୍ତ ଫର୍ମ, ନିଜସ୍ୱ ମୂଲ୍ୟାଙ୍କନ ଫର୍ମ, ଆମ୍ଭର ୱେବସାଇଟ୍ www.ospcboard.org ରେ ଉପଲବ୍ଧ ଅଛି । ଏହାଛଡ଼ା ଆମ୍ଭର ଆଞ୍ଚଳିକ କାର୍ଯ୍ୟାଳୟ ତଥା ମୁଖ୍ୟ କାର୍ଯ୍ୟାଳୟରୁ ଫର୍ମ ହସ୍ତଗତ ହୋଇପାରିବ, ନିର୍ଦ୍ଧାରିତ ଫର୍ମରେ ପୂରଣ ହୋଇଥିବା ଦରଖାସ୍ତ ଗୁଡ଼ିକ ସଦସ୍ୟ ସଚିବ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କଠାରେ ୧୫ ଅଗଷ୍ଟ ୨୦୨୨ ସୁଦ୍ଧା ବୋର୍ଡର Email- cto17category@ospcboard.org ରେ ଦେବା ସହିତ ଏ ସମ୍ବନ୍ଧୀୟ ଦସ୍ତାବିଜ୍ ମଧ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ଭୁବନେଶ୍ୱରଙ୍କଠାରେ ଦାଖଲ କରିବେ ।

ସ୍ୱା./ - ସଦସ୍ୟ ସଚିବ
OIPR-08012/11/0139/2223

**DIRECTORATE OF AGRICULTURE & FOOD PRODUCTION, ODISHA**
No. L-47

**REQUEST FOR PROPOSAL**

**SELECTION OF MEDIA CONSULTING AGENCY FOR IEC STRATEGY AND CREATIVE PRODUCTIONS**

RFP No 1206 Dt. 08.07.2022 : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites sealed RFP proposal from the eligible bidders for Selection of a Media Consulting Agency For IEC strategy and Creative Productions.

The detail RFP document can be download from the website of Agriculture & Farmers' Empowerment Department at **http://agri.odisha.gov.in/agrisnetodisha.ori.nic.in and tendersodisha.gov.in.**

**The proposal complete in all respect must reach the undersigned by Speed Post/ Registered Post or can be dropped in the tender box placed at Joint Director of Agriculture (Information), Baramunda, Bhubaneswar latest by 02.08.2022 upto 5.30PM**

The proposals received beyond the scheduled last date and time will be rejected outrightly. The Director of Agriculture & Food Production, Odisha, Bhubaneswar reserves the right to reject any/ all proposals without assigning any reason thereof.

Director of Agriculture & Food Production, Odisha
2nd Floor, Krushi Bhawan, Gopabandhu Marg, Bhubaneswar-751001
Website : https://agri.odisha.gov.in, agrisnetodisha.ori.nic.in & tendersodisha.gov.in
Phone: 0674-2354843, Email : jdainfo.dag@nic.in
OIPR-01034/11/0017/2223

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

**No.CAD-1059:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୭ ରେ ପ୍ଲଟ ନଂ.7MC/47 ଟିକୁ ଶ୍ରୀମତୀ ପ୍ରଣିତା ମହାନ୍ତି, ସ୍ୱାମୀ-ଡକ୍ଟର ବସନ୍ତ କୁମାର ମହାନ୍ତି, ସା/ପୋ-ଗରଜଙ୍ଗା, ଥା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡା-754213ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପ୍ରଣିତା ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ୧.ଡକ୍ଟର ନିର୍ମଳ ଚନ୍ଦ୍ର ସାହୁ, ପିତା-ରଘୁନାଥ ସାହୁ, ୨. ଡକ୍ଟର ଲିମ୍ପାଶ୍ରୀ ମଞ୍ଜରୀ ସ୍ୱାଇଁ, ସ୍ୱାମୀ-ଡକ୍ଟର ନିର୍ମଳ ଚନ୍ଦ୍ର ସାହୁ, ସା-ରଘୁନାଥପୁର, ପୋ-ଏରବାଙ୍କ, ଭାୟା-ସୁଜନପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./-ସଚିବ
OIPR-13037/11/0069/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1058 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2892/RE/OSIC Dt.07.07.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for "**Design, Supply and installation of coffee pulping unit at-Khadaput, Koraput**". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/ modifications will appear in OSIC Ltd. website **www.osicltd.in** only.

Sd/-GENERAL MANAGER(O)
OIPR-14073/11/0042/2223

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone: 0680-2404096, E-Mail: eerwgmt@yahoo.co.in

**Government of Odisha, 'e' - Procurement Notice**
Bid Identification No. Online Tender/04/SERWD-II/2022-23
No. O-609 Memo No. 4503/RWD-IIGB, Date: 27.06.2022

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated Cost | : | Rs.12.39 to 44.25 lakh |
| 3 | Period of Completion | : | 2 (Two) Months as per Annexure |
| 4 | Date & time of availability of Bid documents in the portal | : | From 08.07.2022 at 11.00 A.M. to 18.07.2022 upto 5.00 P.M. |
| 5 | Last date/time for receipt of Bids in the portal | : | 18.06.2022 upto 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in/nicgep/app**.

Sd./- Superintending Engineer
OIPR-25073/11/0003/2223 R.W. Division-II, Ganjam, Berhampur

**DIRECTOR OF HEALTH SERVICES, ODISHA**
No.13255/Date:8.7.22

**NOTICE**

**No.E-295:** The On-line Counseling of 550 numbers of candidates who have been selected for the post of Laboratory Technicians as initial appointees of the Odisha Laboratory Technicians Service vide OSSSC Notification No.64 dt.29.03.2022 and finalized after due verification of their documents by the concerned appointing authority, will be held through NIC, Odisha, Bhubaneswar from 11.07.2022 to 20.07.2022.

Accordingly, the concerned Laboratory Technician has to participate in the online Counseling and to lock his/her choice in order of preference in the website http//:dhsodisha.nic.in.

The Counseling Serial numbers of 550 numbers of Laboratory Technician fixed as per the Resolution No.-14327, dt.-04.07.2017 of GA & PG Department is available in the website of Director, Health Services i.e. http//:dhsodisha.nic.in.

Hence, the 550 numbers of selected candidates, whose documents have been verified, are hereby requested to participate in the online counseling from 11.07.2022 to 20.07.2022 in the website http//:dhsodisha.nic.in. They can do so by clicking the 'e-counseling' link.

Sd./- Director of Health Services, Odisha

**DISCLAIMER**

The candidates are allowed to exercise as many options, for place of posting, as available in the website. The place of posting of the candidates, who fail to obtain their choice of posting after the outcome of this counseling, will be done randomly by the system.

Sd./- Director of Health Services, Odisha
OIPR-10002/11/0002/2223

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**(ଅବକାରୀ ବିଭାଗ)**

**ଅନୁଗୋଳ ଜିଲ୍ଲାରେ ଦୁଇ ଗୋଟି ବାହାର ଭାଟି ମଦ ଦୋକାନ ଏବଂ ଗୋଟିଏ ପ୍ରିମିୟମ ବିଦେଶୀ ଠିପି ବନ୍ଦ ମଦ ଦୋକାନ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି**

ପତ୍ର ସଂଖ୍ୟା 1733 &1735/ଅ.ତା.07.07.22 ରିଖ

**No.F-125:** ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଅନୁଗୋଳ ଜିଲ୍ଲାରେ ୨ (ଦୁଇ) ଗୋଟି ବାହାର ଭାଟି ମଦ ଦୋକାନ (ଲୋଧାବନ୍ଧ ଓ ଅନାଦିପୁର) ଏବଂ ଗୋଟିଏ ପ୍ରିମିୟମ ବିଦେଶୀ ଠିପି ବନ୍ଦ ମଦ ଦୋକାନ (ଅନୁଗୋଳ ଟାଉନ ନମ୍ବର-୧) ର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି ।

ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି http://stateexcise.odisha.gov.in. ୱେବ୍‌ସାଇଟରେ ଉପଲବ୍ଧ Form-"B"ରେ ଅନ୍‌ଲାଇନ ମାଧ୍ୟମରେ ତା୦୮.୦୭.୨୦୨୨ ରିଖ ଠାରୁ ତା୨୧.୦୭.୨୦୨୨ ରିଖ (ଅପରାହ୍ନ ୫.୦୦ ଘଟିକା ମଧ୍ୟରେ) ଆବେଦନ କରିପାରିବେ । ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୨୭.୦୭.୨୦୨୨ (ବୁଧବାର) ରିଖ ଦିବା ୧୧.୦୦ ଘଟିକା ଠାରୁ ଜିଲ୍ଲା ପରିଷଦ ସଭାଗୃହ ହଲ, ଅନୁଗୋଳଠାରେ ଆରମ୍ଭ ହେବ ।

ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅନୁଗୋଳ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

ବି.ଦ୍ର.:-ସେବା ପାଇଁ ଟୋଲ ଫ୍ରି ନମ୍ବର- ୧୫୫୩୩୫ ୧୮୦୦୩୪୫୬୭୭୦
ସେବା ସମୟ- ରବିବାର ବ୍ୟତୀତ ସପ୍ତାହର ଅନ୍ୟ ସବୁ ଦିନ (ସକାଳ ୭ ରୁ ସନ୍ଧ୍ୟା ୭ ଘଟିକା ମଧ୍ୟରେ)

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ
OIPR-24012/11/0037/2223

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

No. 8910 Dated: 08.07.2022
**Bid Identification No. MC/RMC/54/2022**

No. C-729: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/54/2022 for 11 Nos. Different Civil works with value of Rs.6.39 lakh to 44.26 lakh.

1. Bid documents will be available in website www. **tendersorissa.gov.in** from 08.07.2022.
2. Bids must be submitted on "Online" on or before 18.07.2022 by 17.00 hours.
3. Bids shall be opened at 11.00 hours on 19.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in.**

Sd./- Municipal Commissioner
Rourkela Municipal Corporation

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

No. 8907 Dated: 08.07.2022
**Bid Identification No. MC/RMC/55/2022**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/55/2022 for 02 Nos. Electrical work with value of Rs.55.18 lakh.

1. Bid documents will be available in website www. **tendersorissa.gov.in** from 08.07.2022.
2. Bids must be submitted on "Online" on or before 19.07.2022 by 17.00 hours.
3. Bids shall be opened at 11.00 hours on 20.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in.**

Sd./- Municipal Commissioner
Rourkela Municipal Corporation
OIPR-13131/11/0064/2223

Odisha Tourism
Paryatan Bhawan, Lewis Road,
Bhubaneswar-751014
Fax No.+91674 2430887,
E-mail:info@odishatourism.gov.in.

ODISHA
INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ,ଲୁଇସ ରୋଡ୍,
ଭୁବନେଶ୍ୱର-୭୫୧୦୧୪

ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department

No.5646/TSM, Bhubaneswar Dated 08.07.22
PT1-TCT-TSP-MISC-0079-2022

**REQUEST FOR PROPOSAL (RFP) FOR SELECTION OF AGENCY(S) FOR SET UP, OPERATION AND MANAGEMENT OF ECO RETREATS AT MULTIPLE LOCATIONS IN ODISHA FOR A PERIOD OF 4 YEARS (2022 - 2026)**

**No.R-02:** Department of Tourism (DoT) invites proposals from prospective applicant(s) for Request for Proposal (RFP) for Selection of agency(s) for set up, operation and management of Eco Retreats at multiple locations in Odisha for a period of 4 Years (2022 - 2026) in accordance with the conditions and manner prescribed in the Request for Proposal (RFP) document.

The Proposals should be submitted by interested parties to the Director, Tourism, Paryatan Bhawan, Lewis Road, Bhubaneswar-751014 on or before 06.08.2022 upto 15:00 Hrs. The detail terms of RFP may be downloaded from our website: https://dot.odishatourism.gov.in/?q=tender.

Sd./- Director & Addl. Secretary to Govt.
OIPR-37001/11/0003/2223

ଧରିତ୍ରୀ
DHARITRI
Saturday, July 9, 2022



### ଗ୍ଲେନ୍ମାର୍କର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର:** ଗ୍ଲେନ୍ମାର୍କ ଫାର୍ମାସ୍ୟୁଟିକାଲ ଲିମିଟେଡ୍‌ର ନୂତନ ଉତ୍ପାଦ (ଅଭିନବ ଔଷଧ) ସାଇଟା ଗ୍ଲିପ୍ଟିନର ଉନ୍ମୋଚିତ ସହ ଏହାର ନିର୍ଦ୍ଧାରିତ ଡୋଜ କମ୍ବିନେଶନକୁ ସୁଲଭ ମୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହା ଭାରତର ଟାଇପ୍-୨ ଡାଇବେଟିସ ରୋଗୀଙ୍କ ପାଇଁ କମ୍ ମୂଲ୍ୟରେ ଉପଲବ୍ଧ। ଏହା ରୋଗୀଙ୍କ ଗ୍ଲାଇସେମିକ ସ୍ତରକୁ ଉପଯୁକ୍ତ ଭାବରେ ପରିଚାଳନା କରିବାରେ ସହାୟତା ଦେବ। ଏହାକୁ ବରିଷ୍ଠ ନାଗରିକମାନେ ନିରାପଦରେ ଗ୍ରହଣ କରିପାରିବେ। ଟାଇପ-୨ ଡାଇବେଟିସ ପରି କ୍ରୋନିକ ରୋଗରେ ରୋଗୀମାନେ ଦୀର୍ଘ ସମୟ ଧରି ଏକାଧିକ ଆଣ୍ଟି ଡାଇବେଟିକ ଔଷଧ ଗ୍ରହଣ କରିଥାନ୍ତି। ଏହି ଔଷଧ ସିଟାଜିତ, ସିଟାଜିଟ ଏମ୍, ସିଟାଜିତ ଏମ୍ଇଆର୍ ଓ ସିଟାଜିତ ଡି କ୍ରମରେ ଉପଲବ୍ଧ ହେବ। ଏହାର ସବୁ ବ୍ରାଣ୍ଡ ୨ ପ୍ରକାର ୫୦ଏମ୍‌ଜି ଓ ୧୦୦ଏମ୍‌ଜିରେ ଉପଲବ୍ଧ।

# ହିରୋ ପ୍ୟାସନ 'ଏକ୍ସଟେକ୍'ର ବଜାର ପ୍ରବେଶ

କଟକ,୮ ।୭

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ହିରୋ ପ୍ୟାସନ 'ଏକ୍ସଟେକ୍'ର ବଜାର ପ୍ରବେଶ ନିକଟରେ ହୋଇଯାଇଛି।




ଜେଏମ୍‌ଜି ଅଟୋମୋବାଇଲ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲ୍ ହିରୋ ପ୍ୟାସନ 'ଏକ୍ସଟେକ୍'କୁ ଉନ୍ମୋଚନ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ କମ୍ପାନୀ ସ୍ୱୀକୃତିପ୍ରାପ୍ତ ଡିଲର ତଥା ସ୍ଥାନୀୟ ପ୍ରଫେସରପଡ଼ାର ପ୍ରମୁଖ ଶୋ'ରୁମ୍ 'ଜେଏମ୍‌ଜି ଅଟୋମୋବାଇଲ' ପରିସରରେ ଶୁକ୍ରବାର ଉକ୍ତ ମଡେଲ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲ୍‌ଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଗ୍ରାହକ ଉପସ୍ଥିତ ଥିଲେ। ଅପରପକ୍ଷରେ କଟକର ପ୍ରମୁଖ ୨ ଚକିଆ ଅଟୋ ଶୋ'ରୁମ୍ ସନି ମୋଟର୍ସ (କନିକା ଛକ) ଓ ଇସାନ ଅଟୋମୋବାଇଲ୍ସ (ଶିଖରପୁର)ର ମିଳିତ ସହଯୋଗରେ ସ୍ଥାନୀୟ ବାଲିଯାତ୍ରା ପଡ଼ିଆ ମୁଖ୍ୟ ଗେଟ୍ ସମ୍ମୁଖରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ସନି ମୋଟର୍ସର ଏମ୍‌ଡି ଅର୍ସଦୀପ ସିଂ ଏବଂ ଇସାନ ଅଟୋମୋବାଇଲ୍ସର ଏମ୍‌ଡି ସୌରଭ ଠାକ୍‌ରେଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବିଶେଷକରି ଏହାର ଡିଜାଇନିଂ ଶୈଳୀ, ନିରାପତ୍ତା, ସଂଯୋଗୀକରଣ ଏବଂ ଆରାମଦାୟକର ଏକ ସମ୍ପୂର୍ଣ୍ଣ ମିଶ୍ରଣ। କମ୍ପାନୀ ଉକ୍ତ ସେଗ୍‌ମେଣ୍ଟରେ ପ୍ରଥମ ପ୍ରୋଜେକ୍ଟର ଏଲ୍ଇଡି ହେଡ୍ ଲ୍ୟାମ୍ପ, ବ୍ଲୁ ଟୁଥ୍ କନେକ୍ଟିଭିଟି ସହ ସମ୍ପୂର୍ଣ୍ଣ ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର,ଏସ୍ଏମ୍ଏସ୍ ଏବଂ କଲ୍ ଆଲର୍ଟ, ବାସ୍ତବ ସମୟ ମାଇଲେଜ ସୂଚକ, ନିମ୍ନ ଇନ୍ଧନ ସୂଚକ, ସାଇଡ ଷ୍ଟାଣ୍ଡ ଇଞ୍ଜିନ କଟ୍‌ଅଫ୍ ଏବଂ ସେବା ସ୍ମାରକ ଭଳି ଅନେକ ବୈଶିଷ୍ଟ୍ୟ ସହ ଯୁବବର୍ଗଙ୍କୁ ଆକୃଷ୍ଟ କଲାଭଳି ଲୁକ୍ ମଧ୍ୟ ରହିଛି। ସେହିଭଳି ଏହାର ବୈଶିଷ୍ଟ୍ୟ ଏବଂ ପ୍ୟାସନ ବ୍ରାଣ୍ଡର ଭରସା ଓ ବିଶ୍ୱସନୀୟତା ପ୍ୟାସନ ଏକ୍ସଟେକ୍‌କୁ ଅନ୍ୟମାନଙ୍କଠାରୁ ଆଗରେ ରଖିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ସାରା ଦେଶରେ ହିରୋ ମୋଟୋକର୍ପ ଡିଲର ପଏଣ୍ଟଗୁଡ଼ିକରେ ଏହା ଉପଲବ୍ଧ ରହିଛି। ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୭୪,୫୯୦ ଟଙ୍କା (ଡ୍ରମ୍ ପ୍ରକାର) ଏବଂ ୭୮,୯୯୦ ଟଙ୍କା (ଡିସ୍କ ପ୍ରକାର) ରହିଛି।




ଶୁକ୍ରବାର ଉଭୟ ସନି ମୋଟର୍ସ ଏବଂ ଇସାନ ଅଟୋମୋବାଇଲ୍ସର ମିଳିତ ସହଯୋଗରେ ସ୍ଥାନୀୟ ବାଲିଯାତ୍ରା ପଡ଼ିଆ ମୁଖ୍ୟ ଗେଟ୍ ସମ୍ମୁଖରେ ହିରୋ ପ୍ୟାସନ 'ଏକ୍ସଟେକ୍'ର ଅନାବରଣ ସହ ପ୍ରଦର୍ଶନ କରାଯାଉଛି।

# ଆଜି ଜୀ ସାର୍ଥକରେ ବାହୁଡ଼ାର ସିଧା ପ୍ରସାରଣ

ଭୁବନେଶ୍ୱର,୮ ।୭




## ସୁନାବେଶ, ନୀଳାଦ୍ରିବିଜେର ମଧ୍ୟ ହେବ ଟେଲିକାଷ୍ଟ

ଓଡ଼ିଶାର ପ୍ରମୁଖ ମନୋରଞ୍ଜନଭିତ୍ତିକ ଟିଭି ଚାନେଲ 'ଜୀ ସାର୍ଥକ'ରେ ଚଳିତ ବର୍ଷର 'ବାହୁଡ଼ାଯାତ୍ରା'ର ସିଧା ପ୍ରସାରଣ ହେବ। ଶନିବାର ସକାଳ ୬ ଘଟିକାରୁ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମେତ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କ ବାହୁଡ଼ାଯାତ୍ରାର ସିଧା ପ୍ରସାରଣ ଆରମ୍ଭ ହୋଇ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଜାରି ରହିବ। ସେହିଭଳି ଜୁଲାଇ ୧୦ରେ ମହାପ୍ରଭୁଙ୍କ ସୁନାବେଶ ଓ ୧୨ ତାରିଖରେ ନୀଳାଦ୍ରିବିଜେର ସିଧା ପ୍ରସାରଣ ମଧ୍ୟ ଦର୍ଶକମାନେ ଘରେ ବସି ଜୀ ସାର୍ଥକ ଟିଭି ପରଦାରେ ଦେଖିପାରିବେ। ବିଶ୍ୱପ୍ରସିଦ୍ଧ ନବଦିନାତ୍ମକ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଜନ୍ମବେଦୀରୁ ରତ୍ନବେଦୀକୁ ବିଜେ କରିବେ ଶ୍ରୀଜୀଉ। ତେଣୁ ପବିତ୍ର ବାହୁଡ଼ା ଯାତ୍ରା, ସୁନାବେଶ ଓ ନୀଳାଦ୍ରିବିଜେ ଦର୍ଶନର ଅପୂର୍ବ ସୁଯୋଗ ଜୀ ସାର୍ଥକ ଜରିଆରେ ଭକ୍ତମାନେ ଦେଖିପାରିବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରସିଦ୍ଧ ପ୍ରବଚକ ପଣ୍ଡିତ ସୂର୍ଯ୍ୟକାନ୍ତ ରଥଶର୍ମା, ପଣ୍ଡିତ ଭଜରାମ ଶତପଥୀ, ଚରଣ ପାର୍ଥସାରଥି, ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀ, ଶାଶ୍ୱତୀ ସୌମ୍ୟା ମିଶ୍ର, ଅଧ୍ୟାପକ ଡ. ରବିନାରାୟଣ ପ୍ରମୁଖ ଶ୍ରୀଜୀଉଙ୍କ ଅନ୍ତିମ ଯାତ୍ରାର ସମ୍ପୂର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିବେ ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

# ଉଜ୍ଜୀବନ ସ୍ମଲ୍ ଫାଇନାନ୍ସର ସିଏସ୍ଆର୍ କାର୍ଯ୍ୟକ୍ରମ

UJJIVAN
UJJIVAN SMALL FINANCE BANK
Build a Better Life

**ଭୁବନେଶ୍ୱର,୮ ।୭:** ଦେଶର ପ୍ରମୁଖ ଘରୋଇ ବ୍ୟାଙ୍କ 'ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ'ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଜରିଆରେ ଚଳିତ ବର୍ଷର ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁମାନଙ୍କ ଶୋଷ ମେଣ୍ଟାଇବା ପାଇଁ ବ୍ୟାଙ୍କ ପକ୍ଷରୁ ବଡ଼ଦାଣ୍ଡରେ ପାନୀୟ ଜଳ ଷ୍ଟଲ୍ ସ୍ଥାପନ କରାଯାଇଛି। ପ୍ରତିଦିନ ଉକ୍ତ ଷ୍ଟଲ୍ ପରିସରରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କ୍ଷେତ୍ରୀୟ ବାଣିଜ୍ୟିକ ମୁଖ୍ୟ ରାଜ କିରନ, ବ୍ୟାଙ୍କର ଆର୍‌ବିଏମ୍ (ମାଇକ୍ରୋ ବ୍ୟାଙ୍କିଙ୍ଗ୍, ଇଷ୍ଟ) ରୁଦ୍ର ଚକ୍ରବର୍ତ୍ତୀ ଏବଂ ବ୍ୟାଙ୍କର ଆର୍ଏମ୍ଏମ୍,ଇଷ୍ଟ ଅଭିକ କୁମାର ରଏ ପ୍ରମୁଖ ଉପସ୍ଥିତ ରହି ପାନୀୟ ଜଳ ବିତରଣ କରିଥିଲେ। ସାରା ଦେଶରେ ବ୍ୟାଙ୍କର ୫୭୫ ଶାଖା ଥିବା ବେଳେ ୬୨ ଲକ୍ଷରୁ ଅଧିକ ଗ୍ରାହକ ରହିଛନ୍ତି। ସେହିଭଳି ଓଡ଼ିଶାରେ ବ୍ୟାଙ୍କର ୧୯ଟି ଶାଖାରେ ୧.୫ ଲକ୍ଷରୁ ଅଧିକ ଗ୍ରାହକ ଅଛନ୍ତି। ବ୍ୟାଙ୍କ ପକ୍ଷରୁ ରାଜ୍ୟରେ ବିଭିନ୍ନ ସିଏସ୍ଆର୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ରବିବାର ଷ୍ଟାର କିରଣରେ 'ପ୍ରେମମ୍'

ଭୁବନେଶ୍ୱର,୮ ।୭

ଓଡ଼ିଶାର ପ୍ରମୁଖ ମନୋରଞ୍ଜନଭିତ୍ତିକ ଟିଭି ଚାନେଲ 'ଷ୍ଟାର କିରଣ 'ରେ ଆସନ୍ତା ରବିବାର ସନ୍ଧ୍ୟା ୬ ଘଟିକାରେ ନୂଆ ଓଡ଼ିଆ ସିନେମା 'ପ୍ରେମମ୍'ର ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି। ଏକ ନିଛକ ପ୍ରେମ କାହାଣୀ କିପରି ମୋଡ ବଦଳାଉଛି ତାହା ହିଁ ଉକ୍ତ ସିନେମାର କ୍ଲାଇମାକ୍ସ ରହିଛି। ଏଥିରେ ଓଡ଼ିଆ ସୁପରଷ୍ଟାର ବାବୁସାନଙ୍କ ସହ ଚୁଲ୍‌ବୁଲି ନାୟିକା ପ୍ରକୃତି ମିଶ୍ରଙ୍କ ପ୍ରେମ କାହାଣୀକୁ ପ୍ରଯୋଜକ ସୁନ୍ଦର ଭାବେ ପରିକଳ୍ପନା କରିଛନ୍ତି ଏବଂ ଉଭୟ ବାବୁସାନ ଓ ପ୍ରକୃତିଙ୍କ ନିଖୁଣ ଅଭିନୟ ଦର୍ଶକ ଦେଖିବାକୁ ପାଇବେ ବୋଲି ଷ୍ଟାର କିରଣ ପକ୍ଷରୁ କୁହାଯାଇଛି। ବିଶେଷକରି ସଞ୍ଜୁ ଓ ପଦ୍ମିନୀକୁ ନେଇ 'ପ୍ରେମମ୍'ର ପ୍ରେମ କାହାଣୀର ପରିକଳ୍ପନା ହୋଇଛି। ଅପରପକ୍ଷରେ ସଞ୍ଜୁ (ବାବୁସାନ) ପଦ୍ମିନୀ (ପ୍ରକୃତି)ର ପ୍ରେମକୁ ପାଇବା ପାଇଁ କିଛି ବି କରିପାରେ, କିନ୍ତୁ ଏହା (ଉଭୟଙ୍କ ଯୋଡ଼ି) ମଧ୍ୟରେ ବାବୁ (ସିଦ୍ଧାନ୍ତ ମହାପାତ୍ର) ଙ୍କ ପ୍ରବେଶ ସିନେମାକୁ ଆଉ ଏକ ଦିଗକୁ ନେଇଯାଇଛି। ପ୍ରେମ ସମ୍ପର୍କ ମଧ୍ୟରେ ବାବୁର ପ୍ରବେଶ (ଆସିଲା) ପରେ କାହାଣୀରେ ଅନେକ ପରିବର୍ତ୍ତନ ସହ ମୋଡ ମଧ୍ୟ ବଦଳିଯାଉଛି। ଜୀବନର ଛୋଟ ଛୋଟ ଭୁଲ୍ କେମିତି ଜଣେ ମଣିଷ ଜୀବନରେ ବିରାଟ ସମସ୍ୟା ଆଣିପାରେ ତା' ହିଁ ଏହି ଫିଲ୍ମରେ ସୁନ୍ଦର ଭାବେ ଦର୍ଶାଯାଇଛି। ୧୦ ଜୁଲାଇ ସନ୍ଧ୍ୟା ୬ଟା ସମୟରେ ଉକ୍ତ ସିନେମାର ପ୍ରସାରଣ ହେବ।




# ଆଇଏଏଫ୍ ସହ ଆକ୍ସିସ୍ ବ୍ୟାଙ୍କର ବୁଝାମଣାପତ୍ର

ଭୁବନେଶ୍ୱର,୮ ।୭

ଭାରତୀୟ ବାୟୁସେନା (ଆଇଏଏଫ୍) ସହ ଆକ୍ସିସ୍ ବ୍ୟାଙ୍କର ଏକ ବୁଝାମଣାପତ୍ର ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବାୟୁସେନା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଏମ୍ଓୟୁ ସ୍ୱାକ୍ଷର କରାଯାଇଛି। ଏହି ଅବସରରେ ଏୟାର ଭାଇସ୍ ମାର୍ଶଲ ଅଶୋକ ସାଇନି, ଏୟାର ଚିଫ୍ ମାର୍ଶଲ ଭି. ଆର୍. ଚୌଧୁରୀ ଏବଂ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଉପସଭାପତି ରେନଲ୍ଡ ଡି'ସୁଜା ଓ ନ୍ୟାଶନାଲ ଆକାଉଣ୍ଟ ମୁଖ୍ୟ କର୍ନେଲ ଏମ୍.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ପ୍ରତିରକ୍ଷା ସେବା ବେତନ ପ୍ୟାକେଜ୍ ଜରିଆରେ ବ୍ୟାଙ୍କ ପକ୍ଷରୁ ଭାରତୀୟ ବାୟୁସେବାର କର୍ମଚାରୀ, ଭେଟେରାନ, କ୍ୟାଡେଟ୍ ଆଦିଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରାଯିବ। ଏପରିକି ଆଇଏଏଫ୍‌ର ସବୁ ବର୍ଗର କର୍ମଚାରୀଙ୍କୁ ୫୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଦୁର୍ଘଟଣାଜନିତ ବୀମା ସୁରକ୍ଷା ମିଳିବ। ସେହିଭଳି ଏହା ଜରିଆରେ ବିଭିନ୍ନ ସୁବିଧା ଓ ସହାୟତା ମଧ୍ୟ କର୍ମଚାରୀ ଓ କର୍ମଚାରୀଙ୍କ ପରିବାର ବର୍ଗଙ୍କୁ ଯୋଗାଇ ଦିଆଯାଉଛି।

# ମାରୁତି ସୁଜୁକି ନ୍ୟୁ 'ବ୍ରିଜା'ର ଅନାବରଣ




ଶୁକ୍ରବାର ସ୍ଥାନୀୟ ରସୁଲଗଡ଼ସ୍ଥିତ 'ନାରାୟଣୀ ମୋଟର୍ସ' ପରିସରରେ ଅଲ୍ ନ୍ୟୁ 'ବ୍ରିଜା'ର ଅନାବରଣ ଉତ୍ସବ ଆୟୋଜିତ ହୋଇଯାଇଛି।

ଭୁବନେଶ୍ୱର,୮ ।୭

ଦେଶର ପ୍ରମୁଖ ୪ଚକିଆ ଯାନ ନିର୍ମାତା 'ମାରୁତି ସୁଜୁକି'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ 'ବ୍ରିଜା'ର ବଜାର ପ୍ରବେଶ ନିକଟରେ ହୋଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା ରସୁଲଗଡ଼ସ୍ଥିତ 'ନାରାୟଣୀ ମୋଟର୍ସ' ପରିସରରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଅନାବରଣ କରାଯାଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଏମ୍ ସଞ୍ଜୟ କୁମାର ଝା, ନାରାୟଣୀ ମୋଟର୍ସର ଏମ୍‌ଡି ପୁରୁଷୋତ୍ତମ ବୁଦ୍ଧରାଜ, ସିଇଓ ପ୍ରଣୟ ବୁଦ୍ଧରାଜ,ଭାରତୀୟ ଷ୍ଟେଟ ବ୍ୟାଙ୍କର ଆର୍ଏମ୍ ଶ୍ରୀକାନ୍ତ ଦାସଙ୍କ ସମେତ ନାରାୟଣୀ ମୋଟର୍ସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ଏହି ମଡେଲଟି ନେକ୍ସଟ୍-ଜେନ୍ କମ୍ଫର୍ଟ ଓ ସୁବିଧାଜନକ ଫିଚରଗୁଡିକ ସହ ଅତ୍ୟାଧୁନିକ ଜ୍ଞାନକୌଶଳର ଏକ ଶୃଙ୍ଖଳା ସହ ସୁସଜ୍ଜିତ ରହିଛି। ଏହି ସିଟି-ବ୍ରିଡ୍ ଏସ୍ୟୁଭି ଏକ ଷ୍ଟାଇଲିଶ୍ ଓ ଉତ୍ସାହଜନକ ନୂଆ ଡିଜାଇନ, ଶକ୍ତିଶାଳୀ ପ୍ରଦର୍ଶନ ପ୍ରଦାନ କରୁଛି। ଏହାର ଅତ୍ୟାଧୁନିକ ସୁରକ୍ଷା ଫିଚରଗୁଡ଼ିକରେ ପ୍ୟାକ୍ ହୋଇ ରହିଛି। ବିଶେଷକରି ଏହା ୨ଟି ବର୍ଗରେ ୪ଟି ମଡେଲ ଓ ୯ଟି ରଙ୍ଗରେ ଉପଲବ୍ଧ ହେଉଛି। ଏହାର ବଜାର ମୂଲ୍ୟ ୭,୯୯,୨୯୦ ଟଙ୍କା (ପ୍ରାରମ୍ଭିକ ଏକ୍ସ ଶୋ'ରୁମ୍) ରହିଛି।

## ଫୁରସତ୍

# 'ଡେରେଚୋ' : ସବୁଜ ହୋଇଗଲା ଆକାଶ

**ସାଧାରଣତଃ ଆକାଶର ରଙ୍ଗ ନୀଳା ହେଲେ ଆମେରିକାରେ ସୃଷ୍ଟି ହୋଇଥିବା ଭିନ୍ନ ଧରଣର ଘୂର୍ଣ୍ଣିଝଡ଼ 'ଡେରେଚୋ' ପାଇଁ ସବୁଜ ରୂପ ଧାରଣ କରିଛି ଆକାଶର ରଙ୍ଗ। ସମ୍ଭବତଃ ଏଭଳି ଘଟଣା ପ୍ରଥମ ଥର ଘଟିଥିବା ସେଠାକାର ବୟସ୍କ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।**


**ୱାଶିଂଟନ:** ପ୍ରତିବର୍ଷ ଭୟଙ୍କର ଝଡ଼ର ସମ୍ମୁଖୀନ ହୋଇଆସୁଛି ଆମେରିକାର ଟ୍ରପିକାଲ ଅଞ୍ଚଳ। ଟର୍ନାଡୋ, ହରିକେନ୍ ଭଳି ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟୁଛି। ନିକଟରେ ନେବ୍ରାସ୍କା, ମିନେସୋଟା ଏବଂ ଇଲିନୋଇସ୍ ଅଞ୍ଚଳରେ ସୃଷ୍ଟି ହୋଇଥିବା ଭିନ୍ନ ଧରଣର ଘୂର୍ଣ୍ଣିବାତ୍ୟାକୁ ନେଇ ବିଶ୍ୱବ୍ୟାପୀ ଆରମ୍ଭ ହୋଇଛି ଚର୍ଚ୍ଚା। ଗତ ମଙ୍ଗଳବାର ଏହି ଝଡ଼ ପ୍ରଭାବରେ ୧୪୦ କିଲୋମିଟର ବେଗରେ ପବନ ବହିଥିଲା। ଫଳରେ ସମ୍ପୃକ୍ତ ଅଞ୍ଚଳ ଏକ ପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ସବୁଠାରୁ ବଡ଼କଥା ଏହି ତୋଫାନ ସମୟରେ ଆକାଶର ରଙ୍ଗ ନୀଳରୁ ସବୁଜରେ ରୂପାନ୍ତରିତ ହୋଇଯାଇଥିଲା।

ଏଭଳି ସବୁଜ ବାଦଲର ସ୍ଥିର ଚିତ୍ର ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଫଟୋ ଦେଖିଲେ ଏମିତି ପ୍ରତ୍ୟୟମାନ ହେଉଛି, ଯେମିତି କେହି ଜଣେ ସବୁଜ ରଙ୍ଗର ଚଷମା ପ୍ରଚ୍ଛଦପଟରୁ ଉକ୍ତ ଫଟୋଗୁଡ଼ିକୁ ଉତ୍ତୋଳନ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବାଦଲର ଏଭଳି ରଙ୍ଗ ପରିବର୍ତ୍ତନ ହେବା ସମ୍ଭବତଃ ପ୍ରଥମ ଘଟଣା। ଆମେରିକାର ଜାତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, 'ଡେରେଚୋ' ଏକ ସ୍ପେନୀୟ ଶବ୍ଦ। ଏହା 'ଡେରୋଚା'ରୁ ଆସିଛି, ଯାହାର ଅର୍ଥ ସିଧା ବା ସଳଖ। ଡେରେଚୋ ଦୀର୍ଘ ସମୟ ଧରି ଅନୁଭୂତ ହୁଏ ଏବଂ ସଳଖ ଭାବେ ଆଗକୁ ବଢ଼େ। ଏହା ଟର୍ନାଡୋ ଭଳି ଘୂର୍ଣ୍ଣୟମାନ ନୁହେଁ, ବରଂ ଶହ ଶହ କିଲୋମିଟର କ୍ଷେତ୍ର ଯାଏ ପରିବ୍ୟାପ୍ତ ହୋଇଥାଏ। ଟର୍ନାଡୋ ଏବଂ ହରିକେନ ପ୍ରତିବର୍ଷ ଆସୁଥିବାବେଳେ 'ଡେରେଚୋ' କାଁ ଭାଁ ଦେଖିବାକୁ ମିଳେ। ଏହାର ପ୍ରଭାବରେ ଘଣ୍ଟା ପ୍ରତି ସର୍ବନିମ୍ନ ୯୩ କିମି ବେଗରେ ପବନ ପ୍ରବାହିତ ହୁଏ। ତେବେ ୪୦୦ କିଲୋମିଟର ଯାଏ ଏହାର ପ୍ରଭାବ ଅନୁଭୂତ ହୋଇପାରେ। ଏହା ୩ ଘଣ୍ଟା ମଧ୍ୟରେ ଦୁର୍ବଳ ହୋଇପଡ଼େ। ତେବେ ସେତିକି ସମୟ ମଧ୍ୟରେ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଥାଏ।



'ଡେରେଚୋ' ସମୟରେ ଆକାଶରେ ପୁଞ୍ଜୀଭୂତ ମେଘ ସାମାନ୍ୟଠାରୁ ଅଧିକ ପରିମାଣର ଜଳକଣା ଧାରଣ କରିଥାଏ। ଏହା ସୂର୍ଯ୍ୟକିରଣ ସହ ମିଶି ପ୍ରତିକ୍ରିୟା ଦେଖାଏ। ବାଦଲ ପ୍ରଭାବରେ ଆକାଶର ନୀଳ ରଙ୍ଗ ଦୃଶ୍ୟମାନ ହୁଏନାହିଁ। ସକାଳ ଏବଂ ସନ୍ଧ୍ୟା ସମୟରେ ଲାଲ୍ ଏବଂ ହଳଦିଆ କିରଣ ମିଶ୍ରଣରେ ଆକାଶ ସବୁଜ ରଙ୍ଗରେ ଆଚ୍ଛାଦିତ ହୋଇଯାଏ। ପ୍ରକାର ଭେଦରେ 'ଡେରେଚୋ' ୩ ପ୍ରକାରର। ପ୍ରୋଗ୍ରେସିଭ୍, ସିରିୟଲ, ହାଇବ୍ରିଡ୍। ପ୍ରୋଗ୍ରେସିଭ୍ 'ଡେରେଚୋ' ସହସ୍ରାଧିକ ଛୋଟ ଛୋଟ ବାଦଲର ସମ୍ମିଳିତ ରୂପ। ଏହା ଶତାଧିକ କିମି ଅଞ୍ଚଳକୁ ବ୍ୟାପୁଥିଲେ ବି ପତଳା। ସାଧାରଣତଃ ଖରାଦିନେ ଏଥିପାଇଁ ପାଗ ଅନୁକୂଳ ହୋଇଥାଏ। ସେହିପରି ସିରିୟଲ 'ଡେରେଚୋ' ଅଧିକ ଘନ ଏବଂ ଦୀର୍ଘ ମାଇଲ୍ ପର୍ଯ୍ୟନ୍ତ ଘେରିବା କ୍ଷମତା ରଖିଥାଏ। ବସନ୍ତ ଋତୁରେ ଏଭଳି 'ଡେରେଚୋ' ଆକାଶରେ ଦୃଶ୍ୟମାନ ହୋଇଥାଏ। ହାଇବ୍ରିଡ୍ 'ଡେରେଚୋ' ଉଭୟଙ୍କ ମିଶ୍ରଣ।

# ପିମ୍ପୁଡ଼ି ଖାଇଲେ ରଣବୀର



**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣବୀର ସିଂ ଏବଂ ବିଶ୍ୱ ପରିଭ୍ରମଣକାରୀ ବିୟର ଗିଲ୍‌ଙ୍କ ଜଙ୍ଗଲ ଶୋ' ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଛି। ସେଥିରେ ରଣବୀର ତାଙ୍କ ଦୁଃସାହସିକ ଯାତ୍ରାର ଅନୁଭୂତି ବାଣ୍ଟିଛନ୍ତି। ଏହି ଯାତ୍ରା ସମୟରେ ସେ ତାଙ୍କ ସ୍ତ୍ରୀ ତଥା ବଲିଉଡ୍ ନାୟିକା ଦୀପିକା ପାଦୁକୋନ୍‌ଙ୍କ ପାଇଁ 'ସର୍ବିକା ରମୋଣ୍ଡା' ଫୁଲ ଆଣିବାକୁ ଯାଇଥିଲେ, ଏହାର ଅନୁଭୂତି ଅନନ୍ୟ ବୋଲି ସେ କହିଛନ୍ତି। ଜଙ୍ଗଲ ଭ୍ରମଣ ସମୟରେ ରଣବୀର ପତ୍ର ଘୋଡ଼େଇ ହୋଇ ରାତି ବିତାଇଥିଲେ। ତାଙ୍କୁ ବିଷାକ୍ତ ସାପଠାରୁ ଜୀବନ ରକ୍ଷା କରିବାକୁ ପଡ଼ିଥିଲା। ଖାଦ୍ୟ ନ ମିଳିବାରୁ ଗିଲ୍ ତାଙ୍କୁ ପିମ୍ପୁଡ଼ି ଖାଇ ଜୀବନ ବଞ୍ଚାଇବା କୌଶଳ ଶିଖାଇଥିଲେ। ପିମ୍ପୁଡ଼ି ଶରୀରରେ ଭିଟାମିନ୍-ସି ରହିଛି। ପିମ୍ପୁଡ଼ି ସ୍ୱାଦ ସାମାନ୍ୟ ଖଟା ବୋଲି ରଣବୀର କହିଛନ୍ତି। ଏହି ଆଡ୍‌ଭେଞ୍ଚର୍ ଯାତ୍ରାରେ ସ୍ତ୍ରୀ ଦୀପିକାଙ୍କ ଅନୁପସ୍ଥିତିକୁ ଗିଲ୍‌ଙ୍କ ଆଗରେ ପ୍ରକାଶ କରିଥିଲେ ରଣବୀର। ସୂଚନାଯୋଗ୍ୟ, ରଣବୀରଙ୍କୁ ଶେଷଥର ପାଇଁ ଫିଲ୍ମ 'ଜଏସ୍ ଭାଇ ଜୋରଦାର୍'ରେ ଦେଖିବାକୁ ମିଳିଥିଲା। ସେଥିରେ ସେ ଜଏସ୍ ଭାଇ ଭୂମିକାରେ ଅଭିନୟ କରିଥିଲେ। ରଣବୀରଙ୍କ ୨ଟି ନୂଆ ସିନେମା 'ସର୍କସ' ଏବଂ 'ରକି ଓର୍ ରାଣୀ କି ପ୍ରେମ କାହାଣୀ' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି।

# ଡାକ୍ତରଖାନାରେ ଅଭିନେତା ବିକ୍ରମ



**ମୁମ୍ବାଇ:** ଦକ୍ଷିଣ ଭାରତୀୟ ସିନେ ଜଗତର ଖ୍ୟାତନାମା ଅଭିନେତା ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯାଇଛି। ତାଙ୍କୁ ଚେନ୍ନାଇସ୍ଥିତ କାବେରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ସେ ହୃଦ୍‌ଘାତର ଶିକାର ହୋଇଥିବା ଚର୍ଚ୍ଚା ହେଉଛି। ତେବେ ଡାକ୍ତରଖାନା କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ବିକ୍ରମଙ୍କ ଚିକିତ୍ସା ଚାଲିଛି। ଖୁବ୍‌ଶୀଘ୍ର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ଡାକ୍ତର କହିଛନ୍ତି। ନିର୍ଦ୍ଦେଶକ ମଣିରତ୍ନମ୍‌ଙ୍କ ସିନେମା 'ପୋନିୟିନ୍ ସେଲଭାନ୍-୧'ରେ ବିକ୍ରମଙ୍କ ଦମ୍‌ଦାର ଅଭିନୟକୁ ଦର୍ଶକମାନେ ଅପେକ୍ଷା କରିଥିବାବେଳେ ଏଭଳି ଶାରୀରିକ ଅସୁସ୍ଥତା ତାଙ୍କ ପ୍ରଶଂସକଙ୍କୁ ଚିନ୍ତାରେ ପକାଇଛି। ଏହି ସିନେମାରେ ସେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟ ରାୟ ବଚ୍ଚନଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୩୦ରେ ଏହି ସିନେମା ମୁକ୍ତିଲାଭ କରିବ।

# ଦେଶ ଗଠନରେ ବିଦ୍ୟାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜାତୀୟ ବିଦ୍ୟାର୍ଥୀ ଦିବସ

**ଦେଶ** ଗଠନରେ ବିଦ୍ୟାର୍ଥୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୯ ରେ ବିଶ୍ୱର ସର୍ବବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଜାତୀୟ ବିଦ୍ୟାର୍ଥୀ ଦିବସ ପାଳନ କରାଯାଇଥାଏ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ହେଉଛି ଏକ ଭାରତୀୟ ଛାତ୍ର ସଂଗଠନ। ଯାହାର ଉଦ୍ଦେଶ୍ୟ ହେଉଛି ଛାତ୍ରଙ୍କ ମଧ୍ୟରେ ଦେଶ ଗଠନ ପ୍ରତି ଆଗ୍ରହ ସୃଷ୍ଟି କରିବା। ବିଦ୍ୟାର୍ଥୀ ପରିଷଦର ସ୍ଲୋଗାନ ହେଉଛି ଜ୍ଞାନ, ନମ୍ରତା ଏବଂ ଏକତା। ବିଶ୍ୱର ସର୍ବବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗତ ୬୭ ବର୍ଷ ଧରି ଜାତୀୟ ସ୍ୱାର୍ଥ ଏବଂ ବିଦ୍ୟାର୍ଥୀଙ୍କ ହିତ ପାଇଁ ସର୍ବଦା ସହଯୋଗ କରିଆସୁଛି। ଦେଶ ପ୍ରତି ସେମାନଙ୍କର ଦାୟିତ୍ୱ ବିଷୟରେ ଅବଗତ କରାଇବା କାର୍ଯ୍ୟ ଜାରି ରଖିଛି। ଅଖିଳ ଭାରତ ବିଦ୍ୟା ପରିଷଦ ୧୯୪୮ରେ ପ୍ରତିଷ୍ଠିତ ହୋଇଥିଲା। କିନ୍ତୁ ଏହା ପଞ୍ଜୀକୃତ ହେବାପରେ ୯ ଜୁଲାଇ ୧୯୪୯ରୁ ଆନୁଷ୍ଠାନିକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲା। ଏହା ଛାତ୍ର ଓ ଶିକ୍ଷକମାନଙ୍କ ଏକ ଦଳ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର କାର୍ଯ୍ୟକଳାପ ନାମମାତ୍ର ଥିଲା କିନ୍ତୁ ୧୯୫୮ରେ ମୁମ୍ବାଇର ପ୍ରଫେସର ଯଶଓ୍ୱନ୍ତରାଓ କେଲକରଙ୍କୁ ଏହାର ମୁଖ୍ୟ ସଂଯୋଜକ ଭାବରେ ନିଯୁକ୍ତ କରାଯିବା ପରେ ଏହାର କାର୍ଯ୍ୟକଳାପ ଯଥେଷ୍ଟ ବୃଦ୍ଧି ପାଇଲା ଏବଂ ଏହା ସମଗ୍ର ଦେଶରେ ବିସ୍ତାର ହେବାକୁ ଲାଗିଲା। ତେଣୁ ପ୍ରଫେସର ଯଶଓ୍ୱନ୍ତରାଓ କେଲକରଙ୍କୁ ଏହାର ପ୍ରକୃତ ପ୍ରତିଷ୍ଠାତା ସଦସ୍ୟ ଭାବରେ ବିବେଚନା କରାଯାଇଥାଏ।



ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ପକ୍ଷରୁ ବିଧାନସଭା ସମ୍ମିଳନୀ କକ୍ଷ ସମ୍ମୁଖରେ ସ୍ୱାଗତ କରାଯାଉଛି।



ରାଜ୍ୟ ଅତିଥି ଭବନରେ ଭାଜପା ଏମ୍‌ପି ଓ ବିଧାୟକଙ୍କ ଗହଣରେ ଦ୍ରୌପଦୀ ମୁର୍ମୁ।

# ‘ଆପଣମାନଙ୍କ ଭିତରୁ ମୁଁ ଜଣେ’

## ଭାଜପା ବିଧାୟକ, ଏମ୍‌ପିଙ୍କୁ ଦ୍ରୌପଦୀଙ୍କ ସମ୍ବୋଧନ

ଭୁବନେଶ୍ୱର,୮।୭(ବ୍ୟୁରୋ)

ଓଡ଼ିଶାକୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ପ୍ରଚାରରେ ଆସିଛନ୍ତି। ଏହି ଅବସରରେ ଦ୍ରୌପଦୀଙ୍କୁ ଭାଜପା ଏବଂ ବିଜେଡି ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବାଜା, ବାଣରେ ଭାଜପା ନେତାମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ଏହାପରେ ସବୁ କାର୍ଯ୍ୟକ୍ରମ ଶେଷ କରିବା ପରେ ସେ ରାଜ୍ୟ ଅତିଥି ଭବନରେ ଭାଜପା ଏମ୍‌ପି ଓ ବିଧାୟକମାନଙ୍କୁ ସମ୍ବୋଧିତ କରି ଭାବବିହ୍ୱଳ ହୋଇଥିଲେ। ଭାଷଣ ଆରମ୍ଭରୁ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ‘ମୁଁ ଆପଣମାନଙ୍କ ଭିତରୁ ଜଣେ’ ବୋଲି କହିଛନ୍ତି।

ଏହି ଅବସରରେ ଦ୍ରୌପଦୀ କହିଛନ୍ତି, ବର୍ତ୍ତମାନ ସେ ଯାହା ବି ହୋଇଛନ୍ତି, ସବୁ ଭାଜପା ଯୋଗୁ ସମ୍ଭବ ହୋଇପାରିଛି। ତାଙ୍କ ପରିଚୟ ଭାଜପା। ତାଙ୍କ ଭଳି ଜଣେ ଉପାନ୍ତ ଅଞ୍ଚଳର ସାଧାରଣ ମହିଳାଙ୍କୁ କାଉନସିଲରରୁ ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ ଅବର୍ଣ୍ଣନୀୟ। ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ତାଙ୍କ ଭଳି ସାଧାରଣ ଲୋକଙ୍କୁ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ଦଳର କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରୁଛି। ଘରକୁ ଝିଅ ଆସିଲେ ଘର ଯେଉଁଳି ଉତ୍ସବମୁଖର ହୁଏ ସେହିଭଳି ଆଜି ଉତ୍ସବମୁଖର ବାତାବରଣ ଥିଲା, ଏଥିପାଇଁ ମୁଁ ଓଡ଼ିଶାବାସୀଙ୍କ ନିକଟରେ କୃତଜ୍ଞ। ଦେଶର ବିଭିନ୍ନ ରାଜ୍ୟ ବୁଲିବା ବେଳେ ଆଶାରୁ ଅଧିକ ଜନସମର୍ଥନ ଓ ଭଲ ପାଇବା ଦେଖି ଅନୁଭବ ହେଉଛି, ତାଙ୍କ ଦଳ ପ୍ରତି ଲୋକଙ୍କ ଅନେକ ଅପେକ୍ଷା ଅଛି, ସେଥିପାଇଁ ଆମକୁ ଅଧିକରୁ ଅଧିକ ପରିଶ୍ରମ କରି ଲୋକଙ୍କ ସେବାରେ ନିୟୋଜିତ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ଅତିଥି ଭବନରେ ଭାଜପା ଏମ୍‌ପି ଏବଂ ବିଧାୟକ ଦଳ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି। ଦେଶର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓଡ଼ିଆ ଲୋକ ମୁଖ୍ୟ ଭୂମିକା ନେଇଛନ୍ତି। ରାଜ୍ୟପାଳଠାରୁ ଆରମ୍ଭକରି କେନ୍ଦ୍ରମନ୍ତ୍ରୀ ପଦବୀରେ ଆଜି ଓଡ଼ିଆ ସମ୍ମାନିତ। ମୋଦି ସରକାରରେ ପଦ୍ମ ପୁରସ୍କାର ସମେତ ଓଡ଼ିଶାର ମାଣବସା ଗୁରୁବାର, ରାବଣ ଛାୟା, ଛଉନୃତ୍ୟ ଆଜି ଜାତୀୟସ୍ତରରେ ପରିଚୟ ପାଇଛି ବୋଲି ସମୀର କହିଛନ୍ତି।

# ରାଷ୍ଟ୍ରପତି ନିର୍ବାଚନର ୨ ଦିନ ପୂର୍ବରୁ ଦିଲ୍ଲୀରେ ପହଞ୍ଚିବେ ଭାଜପା ଏମ୍‌ପି

ନୂଆଦିଲ୍ଲୀ,୮।୭ (ପି.ଟି.)

ଆସନ୍ତା ୧୮ ତାରିଖରେ ହେବ ରାଷ୍ଟ୍ରପତି ନିର୍ବାଚନ। ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ୧୬ ତାରିଖ ସୁଦ୍ଧା ଭାଜପା ପକ୍ଷରୁ ସମସ୍ତ ଦଳୀୟ ଏମ୍‌ପିଙ୍କୁ ନୂଆଦିଲ୍ଲୀରେ ପହଞ୍ଚିବାକୁ କୁହାଯାଇଛି। ଏହାଦ୍ୱାରା ନିର୍ବାଚନ ବେଳେ ସମସ୍ତ ଦଳୀୟ ଏମ୍‌ପିଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରାଯାଇପାରିବ। କିଭଳି ଠିକ୍ ଭାବେ ଭୋଟ ଦିଆଯିବ ସେନେଇ ଦଳୀୟ ଏମ୍‌ପିଙ୍କୁ ଉକ୍ତ ଦୁଇଦିନରେ ପ୍ରଶିକ୍ଷଣ ଦିଆଯିବ। ଦଳର ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ୧୬ ତାରିଖ ରାତିରେ ସମସ୍ତ ଏମ୍‌ପିଙ୍କ ପାଇଁ ନୈଶଭୋଜିର ଆୟୋଜନ କରିଥିବା ଜଣାପଡ଼ିଛି। ସୂଚନାଥାଉ କି, ରାଷ୍ଟ୍ରପତି ନିର୍ବାଚନ ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ବିଶିଷ୍ଟ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଛି। ଦ୍ରୌପଦୀଙ୍କୁ ୱାଇଏସ୍‌ଆର୍ କଂଗ୍ରେସ, ବିଜେଡି, ଶିରୋମଣି ଅକାଳୀ ଦଳ, ଜନତା ଦଳ(ଏସ୍), ଜେଏମ୍‌ଏମ୍ ଭଳି କେତେକ ଅଣ ଏନ୍‌ଡିଏ ଦଳ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ମିଳିତ ବିରୋଧୀଙ୍କ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା। ସେ ପ୍ରାର୍ଥୀ ହେବା ପୂର୍ବରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ଇସ୍ତଫା ଦେଇଥିଲେ।

# ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଜେ.ପି. ନଡ୍ଡା

## ପ୍ରଦୀପ୍ତ କହିଲେ ରାଷ୍ଟ୍ରୀୟ ସଭାପତି ଭେଟିବା ପରେ ଅଧିକ ସୁସ୍ଥ ଅନୁଭବ ହେଉଛି

ଭୁବନେଶ୍ୱର,୮।୭(ବ୍ୟୁରୋ)

ଓଡ଼ିଶା ବିଧାନସଭା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଏବେ ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। କୋଭିଡ୍ ମହାମାରୀରେ ସଂକ୍ରମିତ ହେବାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। କୋଭିଡ୍ ପରବର୍ତ୍ତୀ ଜଟିଳତା ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅତ୍ୟନ୍ତ ଖରାପ କରିବା ପରେ ସେ ଦିଲ୍ଲୀରେ ଚିକିତ୍ସିତ ହେଉଛନ୍ତି। ତେବେ ଗୁରୁବାର ପ୍ରଦୀପ୍ତ ଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାକୁ ନେଇ ପ୍ରଦୀପ୍ତ ନାଏକ ଟୁଇଟ୍ ଜରିଆରେ ନଡ୍ଡା ଏବଂ ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂଙ୍କୁ ସାକ୍ଷାତ ସମୟର ଏକ ଫଟୋଚିତ୍ର ଶେୟାର କରିଛନ୍ତି। ପ୍ରଦୀପ୍ତ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ନଡ୍ଡା ଏବଂ ଅରୁଣ ସିଂ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଭାଜପା ତାଙ୍କ ପରିବାର। ଭାଜପା ସବୁବେଳେ ତାଙ୍କ ସହ ଠିଆ ହୋଇଛି। ଏହାସହ ତାଙ୍କ ମନୋବଳକୁ ମଧ୍ୟ ସୁଦୃଢ଼ କରିଛି। ନଡ୍ଡାଙ୍କୁ ଭେଟିବା ପରେ ସେ ଅଧିକ ସୁସ୍ଥ ଅନୁଭବ କରିଛନ୍ତି। ଏହି ସମୟରେ ତାଙ୍କୁ ନଡ୍ଡା ଭେଟିଥିବାରୁ ସେ ରାଷ୍ଟ୍ରୀୟ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ତେବେ କିଛିଦିନ ହେଲା ବିଧାନସଭାରେ ବିରୋଧୀ ଦଳ ନେତାଙ୍କ ଦୀର୍ଘଦିନ ଅନୁପସ୍ଥିତି କାରଣରୁ ଦଳ ନିଜର ରଣନୀତି ପ୍ରସ୍ତୁତ କରିପାରୁ ନ ଥିବା କେତେଜଣ ବିଧାୟକ ମତ ରଖିଥିଲେ। ଏହାସହ କିଛିଦିନ ମଧ୍ୟରେ ଦଳକୁ ନୂଆ ବିରୋଧୀ ଦଳ ନେତା ମିଳିପାରନ୍ତି ବୋଲି କେତେଜଣ କହିଥିଲେ। ନଡ୍ଡାଙ୍କୁ ମଧ୍ୟ ଏଥିଲାଗି ବିଧାୟକମାନେ ଦାବି କରିଥିବା କେତେଜଣ ମତ ରଖିଥିଲେ।



ନୂଆଦିଲ୍ଲୀରେ ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଭେଟୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅରୁଣ ସିଂ।



ପାର୍ଲାମେଣ୍ଟ ସେକ୍ରେଟାରିଏଟ୍‌ରେ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟମାନେ ଶୁକ୍ରବାର ଶପଥ ନେଇଛନ୍ତି। (କ୍ଲକ୍‌ୱାଇଜ୍ ବାମରୁ ଡାହାଣ) ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ପୀୟୂଷ ଗୋୟଲ, ଜୟରାମ ରମେଶ, ମୁକୁଳ ୱାସନିକ୍, ଜୟନ୍ତ ଚୌଧୁରୀ, କେ. ଲକ୍ଷ୍ମଣ, ଲକ୍ଷ୍ମୀକାନ୍ତ ବାଜପେୟୀ ଓ ବିବେକ ତନ୍‌ଖା।

# ୩ ଭାଜପା ଏମ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ରାହୁଲ ଗାନ୍ଧୀଙ୍କ ଜାଲ୍ ଭିଡିଓ ଶେୟାର ଘଟଣା

## ଲୋକ ସଭା ବାଚସ୍ପତିଙ୍କୁ ଚିଠି ଲେଖିଲେ ୧୧ କଂଗ୍ରେସ ଏମ୍‌ପି

ନୂଆଦିଲ୍ଲୀ,୮।୭ (ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ପ୍ରସ୍ତୁତ ଜାଲ୍ ତଥା ବିକୃତ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରି ଭାଜପା ଏମ୍‌ପି ରାଜ୍ୟବର୍ଦ୍ଧନ ସିଂ ରାଠୋର, ସୁବ୍ରତ ପାଠକ ଏବଂ ଭୋଳା ସିଂ ଅଡୁଆରେ ପଡ଼ିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୧୧ଜଣ କଂଗ୍ରେସ ଏମ୍‌ପି ଶୁକ୍ରବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖିଛନ୍ତି। ୩ ଭାଜପା ଏମ୍‌ପି ଅନୁଚିତ କାର୍ଯ୍ୟ ଯୋଗୁ ଦେଶର ସାମାଜିକ ସଂହତି ପ୍ରତି ବିପଦ ସୃଷ୍ଟି ହୋଇପାରେ। ତେଣୁ ବାଚସ୍ପତି ତୁରନ୍ତ ହସ୍ତକ୍ଷେପ କରିବା ସହ ସେମାନଙ୍କ ଅଭିଯୋଗକୁ ସଂସଦୀୟ ନୈତିକ କମିଟି ନିକଟକୁ ପଠାଇବାକୁ କଂଗ୍ରେସ ଏମ୍‌ପିମାନେ ଚିଠିରେ ଉଲ୍ଲେଖ କରିଛନ୍ତି।

ସୂଚନାଥାଉ କି, କେରଳର ୱାୟନାଡ୍‌ରେ ଥିବା ରାହୁଲ ଗାନ୍ଧୀଙ୍କ ଅଫିସ ଉପରେ ଏସ୍‌ଏଫ୍‌ଆଇ କର୍ମୀମାନେ ଆକ୍ରମଣ କରିଥିଲେ। ତେବେ ରାଜସ୍ଥାନ ଉଦୟପୁରର କେହ୍ନୟାଲାଲ ତେଲି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କ ପ୍ରତି ରାହୁଲ ସହାନୁଭୂତି ଦେଖାଇଥିବାରୁ ତାଙ୍କ ୱାୟନାଡ୍ ଅଫିସ୍ ଉପରେ ଆକ୍ରମଣ ହୋଇଥିବା ନେଇ ଏକ ବିକୃତ ଭିଡିଓ ପ୍ରସ୍ତୁତ ହୋଇଥିଲା। ତାହାକୁ ଏହି ଟିଭି ଚ୍ୟାନେଲରେ ଦେଖିବାକୁ ମିଳିଥିଲା। ପରେ ତାହାକୁ ଟିଭି ଚ୍ୟାନେଲ ପକ୍ଷରୁ ପ୍ରତ୍ୟାହାର କରିନିଆଯିବା ସହ କ୍ଷମାପ୍ରାର୍ଥନା କରାଯାଇଥିଲା। କିନ୍ତୁ ଉକ୍ତ ବିକୃତ ଭିଡିଓକୁ ଭାଜପାର ଉପରୋକ୍ତ ୩ ନେତା ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ରାହୁଲଙ୍କୁ ବଦନାମ କରିବା ଏବଂ ତାଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ସୁଚିନ୍ତିତ ଭାବେ ଏହି ଜାଲ୍ ଭିଡିଓ ପ୍ରସ୍ତୁତ ହୋଇଥିବା କଂଗ୍ରେସ ଏମ୍‌ପିମାନେ ଅଭିଯୋଗ କରିଛନ୍ତି। ଚିଠିରେ ଦସ୍ତଖତ କରିଥିବା କଂଗ୍ରେସ ଏମ୍‌ପିମାନେ ହେଲେ ଅଧୀର ରଞ୍ଜନ ଚୌଧୁରୀ, ଗୌରବ ଗୋଗୋଇ, କେ. ସୁରେଶ, ମାନିକାମ ଟାଗୋର, ରବନିତ୍ ସିଂ, ଏମ୍. କେ. ରାଘବନ, ଡି. କେ. ସୁରେଶ, ସନ୍ତୋଷ ସିଂ ଚୌଧାରୀ, କେ. ଜୟକୁମାର, ଆଣ୍ଟୋ ଆଣ୍ଟୋନି ଏବଂ ଏସ୍. ଜୋଥି ମଣି।

# ସୀତାରାମନ, ଗୋୟଲଙ୍କ ସମେତ ୨୭ ରାଜ୍ୟ ସଭା ସଦସ୍ୟ ଶପଥ ନେଲେ

## ମାନସ ମଙ୍ଗରାଜ, ସୁଲତା ଦେଓଙ୍କ ମଧ୍ୟ ଶପଥ ଗ୍ରହଣ

ନୂଆଦିଲ୍ଲୀ,୮।୭ (ପି.ଟି.)

କେନ୍ଦ୍ର ମନ୍ତ୍ରୀ ନିର୍ମଳା ସୀତାରାମନ, ପୀୟୂଷ ଗୋୟଲ, ବିଜେଡି ନେତା ମାନସ ମଙ୍ଗରାଜ ଏବଂ ସୁଲତା ଦେଓଙ୍କ ସମେତ ୨୭ ଜଣ ନବନିର୍ବାଚିତ ରାଜ ସଭ୍ୟ ସଦସ୍ୟ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ତାଙ୍କ ଚାମ୍ବରରେ ଏହି ନବନିର୍ବାଚିତ ସଦସ୍ୟମାନଙ୍କୁ ସମ୍ବିଧାନର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବା ନିମନ୍ତେ ଶପଥ ପାଠ କରାଇଥିଲେ। ମୋଟ ୫୭ଜଣ ନବନିର୍ବାଚିତଙ୍କ ମଧ୍ୟରୁ ୧୦ ରାଜ୍ୟର ୨୭ଜଣ ୯ ଭାଷାରେ ତଥା ହିନ୍ଦୀରେ ୧୨ଜଣ, ଇଂଲିଶ୍‌ରେ ୪, ସଂସ୍କୃତ, କନ୍ନଡ଼, ମରାଠୀ, ଓଡ଼ିଆରେ ୨ଜଣ ଲେଖାଏ ଏବଂ ପଞ୍ଜାବୀ, ତାମିଲ, ତେଲୁଗୁରେ ଜଣେ ଲେଖାଏ ସଦସ୍ୟ ଶପଥ ନେଇଛନ୍ତି। ନିକଟରେ ୪ଜଣ ନୂଆ ସଦସ୍ୟ ଶପଥ ନେଇସାରିଛନ୍ତି। ଏହି ଅବସରରେ ରାଜ୍ୟ ସଭା ଅଧ୍ୟକ୍ଷ ନାଇଡୁ କହିଛନ୍ତି ଯେ, ଏଯାଏ ଶପଥ ନେଇ ନ ଥିବା ନିର୍ବାଚିତ ସଦସ୍ୟମାନେ ମଧ୍ୟ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଭାଗନେଇପାରିବେ। ଏହାର କାରଣ ସମ୍ପର୍କରେ ସେ ସ୍ପଷ୍ଟ କରିଦେଇଛନ୍ତି ଯେ, ରାଜ୍ୟ ସଭା ନିର୍ବାଚନରେ ଜଣେ ବିଜେତା ଘୋଷଣା ହେବା ଦିନଠାରୁ ତାଙ୍କୁ ଗୃହର ସଦସ୍ୟ ଭାବେ ବିବେଚନା କରାଯାଇଥାଏ। ତେବେ ଗୃହ ଏବଂ ଏହାର କମିଟି କାର୍ଯ୍ୟ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ନବନିର୍ବାଚିତ ସଦସ୍ୟଙ୍କୁ ଶପଥ ପାଠ କରାଯାଇଥାଏ ବୋଲି ନାଇଡୁ କହିଛନ୍ତି। ଶୁକ୍ରବାର ଶପଥ ନେଇଥିବା ନୂଆ ଏବଂ ପୁନଃ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରେ ଜୟରାମ ରମେଶ, ବିବେକ କେ ତଙ୍ଖା, ମୁକୁଲ ୱାସନିକ୍ (କଂଗ୍ରେସ), ସୁରେନ୍ଦ୍ର ସିଂ ନାଗର, କେ. ଲକ୍ଷ୍ମଣ, ଲକ୍ଷ୍ମୀକାନ୍ତ ବାଜପେୟୀ (ଭାଜପା), ଜୟନ୍ତ ଚୌଧାରୀ, କଳ୍ପନା ସାଇନି ଏବଂ ଆର୍. ଧରମାର ପ୍ରମୁଖ ରହିଛନ୍ତି।





ରାଜ୍ୟସଭା ଏମ୍‌ପି ଭାବେ ଶପଥ ପାଠ କରୁଛନ୍ତି ମାନସ ମଙ୍ଗରାଜ ଓ ସୁଲତା ଦେଓ।

# ନବରଙ୍ଗପୁରରେ କଂଗ୍ରେସର ଜନସମ୍ପର୍କ ପଦଯାତ୍ରା

## ରାଇଘରରେ କଂଗ୍ରେସର ମିଶ୍ରଣ ପର୍ବ

ଉମରକୋଟ/ରାଇଘର, ୮।୭(ସ୍ୱ.ପ୍ର./ଡି.ଏନ୍.ଏ.)

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ନବରଙ୍ଗପୁର ଗ୍ରସ୍ତ କରି ରାଇଘରରେ ଏକ ସଂକଳ୍ପ ସମାବେଶ ଓ ମହାମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ଜିଲା କଂଗ୍ରେସ କମିଟି ଆୟୋଜନ କରିଥିବା ବେଳେ ଜନ ସମ୍ପର୍କ ଯାତ୍ରା ମଧ୍ୟ ଜିଲାରେ ଆରମ୍ଭ କରାଯାଇଛି। ରାଜ୍ୟ ନେତୃବୃନ୍ଦ ନବରଙ୍ଗପୁରରେ ପହଞ୍ଚିବା ପରେ ସ୍ଥାନୀୟ ସର୍କିଟ ହାଉସରୁ ବିଭିନ୍ନ ପଦାଧିକାରୀଙ୍କ ସହ ଜନ ସମ୍ପର୍କ ଯାତ୍ରା ଶୁଭାରମ୍ଭ କରିଥିଲେ। ପ୍ରଥମେ ନବରଙ୍ଗପୁରରୁ ବାହାରି ପାପଡାହାଣ୍ଡି ଯାଇଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଓ ପ୍ରଭାରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉମରକୋଟ ଠାରେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ ରେ ଯୋଗ ଦେବା ସହ କରୋନା ରେ ପ୍ରାଣହରାଇଥିବା କରୋନା ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉମରକୋଟରୁ ଯାଇ ରାଇଘରରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ପିସିସି ସଭାପତି ରାଇଘରରେ ପହଞ୍ଚିବା ପରେ ରାଇଘର ବ୍ଲକ ଅଫିସ ନିକଟରୁ ଅନେକ କର୍ମୀ ଓ ବାଜା ବଜାଇ ନାରାବାଜି କରି ତାଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥି, ଜୟପୁର ବିଧାୟକ ତାରା ବାହିନୀପତି, ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ସମେତ ନବରଙ୍ଗପୁର ଜିଲାର ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ କୁନ୍ଦେଇର ପୂର୍ବତନ ସରପଞ୍ଚ ସନରାଜ ଗଣ୍ଡଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ମିଶିଥିଲେ। ଯୋଗଦେଇଥିବା ଜଣାପଡିଛି। ବୈଠକ ଆରମ୍ଭରୁ ବର୍ଷା ଲଗାତର ହୋଇଥିବାରୁ ବୈଠକ ଫିକା ପଡିଥିବା ଦେଖିବାକୁ ମିଳିଥିଲା। ଏହି ବୈଠକ ରେ ୨୦୦୦ ରୁ ଊର୍ଦ୍ଧ୍ୱ ଜନ ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା।



ନବରଙ୍ଗପୁର ରାଇଘରରେ ଜନସମ୍ପର୍କ ପଦଯାତ୍ରା ବେଳେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟ ନେତୃବୃନ୍ଦ।

# ପରିବା ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଧାରଣା: କଂଗ୍ରେସ

ଭୁବନେଶ୍ୱର,୮।୭(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶା ପନିପରିବା ଚାଷୀଙ୍କୁ ଅଣଦେଖା କରୁଛନ୍ତି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ଧାନଚାଷକୁ ଛାଡ଼ିଦେଲେ ଅନ୍ୟାନ୍ୟ ଅର୍ଥକରୀ ଚାଷରେ ଓଡ଼ିଶା ପଛୁଆ। ଚାଷୀଙ୍କ ଆଗ୍ରହ ଓ ପ୍ରାକୃତିକ ସମ୍ବଳର ସୁଯୋଗ ଥାଇ ମଧ୍ୟ ବର୍ତ୍ତମାନ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଓଡ଼ିଶା ଆନ୍ଧ୍ର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟ ଉପରେ ଆଳୁ, ପିଆଜ, ଫୁଲ, ମାଛ, ଅଣ୍ଡା ପ୍ରଭୃତି ଉପରେ ନିର୍ଭର କରୁଛି। ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଗୋଟିଏ ପରେ ଗୋଟିଏ କୃଷି ଯୋଜନାର ସ୍ୱପ୍ନ ଚାଷୀଙ୍କୁ ଦେଖାଉଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଏକ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିମୂଳକ ବ୍ୟବସ୍ଥା କରାଗଲା ନାହିଁ। ଆଳୁ ମିଶନ ଓ ପିଆଜ ମିଶନ ଫେଲ୍ ମାରିଛି। ଉଦ୍ୟାନ ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓ ଚାଷୀଙ୍କ ପ୍ରତି ଖାମଖିଆଲ ମନୋଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ଏପରିକି ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସୁବିପଣନ, ସଂଗ୍ରହ ଓ ସଂରକ୍ଷଣ, ରପ୍ତାନି, ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହାର ସୁଫଳ ମିଳି ନାହିଁ। ଚାଷୀ ପନିପରିବା ଚାଷ କରିବାକୁ ପୂର୍ବ ତୁଳନାରେ ଏବେ ଅଧିକ ଆଗ୍ରହୀ। କିନ୍ତୁ ସରକାରଙ୍କ ଚରମ ଅବହେଳା ଓ ଦଲାଲ ବେପାରୀମାନଙ୍କ କବ୍‌ଜାରେ ପନିପରିବା ଚାଷୀ ବହୁ କ୍ଷତିଗ୍ରସ୍ତ। ପୂର୍ବରୁ ଥିବା ଶୀତଳଭଣ୍ଡାରଗୁଡ଼ିକ ଏବେ ଅଚଳ। ନିକଟ ଅତୀତରେ ସରକାର ଯେଉଁ କେତୋଟି ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି ତାହା କାର୍ଯ୍ୟକାରୀ ହେଉନାହିଁ। ପନିପରିବା ଉତ୍ପାଦନ ଓ ସାଇତି ରଖିବାରେ ବିଦ୍ୟୁତ୍ ଶୁଳ୍କ ଚାଷୀର ମୁଣ୍ଡରେ ଚଡ଼କ ପଡୁଛି। ଦୀର୍ଘ ୨୨ ବର୍ଷ ମଧ୍ୟରେ ରାଜ୍ୟ ବିଜେଡି ସରକାର ଅଣଧାନ ଅର୍ଥକରୀ ଚାଷ ପ୍ରତି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଅବିଳମ୍ବେ ରାଜ୍ୟ ସରକାର ରାଜ୍ୟର ଚାହିଦା ଅନୁଯାୟୀ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ପନିପରିବା ଉତ୍ପାଦନ ଅଞ୍ଚଳର ସମ୍ପ୍ରସାରଣ, ସୁବିପଣନ, ରୋଗପୋକ ପରିଚାଳନା, ସଂଗ୍ରହ, ସଂରକ୍ଷଣ, ରପ୍ତାନି, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରସ୍ତୁତିକରଣ ୟୁନିଟ୍, ଜିଲାୱାରି ଅଞ୍ଚଳ ଭିତ୍ତିରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାକୁ ଅମିୟ ସରକାରଙ୍କ ନିକଟରେ ଦୃଢ଼ଦାବି କରିଛନ୍ତି। ଯଦି ଏହାର ଆଶୁ ସମାଧାନ କରା ନ ଯାଏ କିଷାନ କଂଗ୍ରେସ ପକ୍ଷରୁ କୃଷି ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ଅବହେଳା ରାଜ୍ୟ ବିଭାଜନର କାରଣ ହେବ

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

### ଚେତାବନୀ ସମାବେଶରେ ୭୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ସାମିଲ

**ସମ୍ବଲପୁର,୮।୭(ବ୍ୟୁରୋ)**

ପ୍ରାୟ ୪୫ବର୍ଷ ଧରି ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ପଶ୍ଚିମ ଓଡ଼ିଶାବାସୀ ଆନ୍ଦୋଳନ କରିଆସୁଛନ୍ତି। ଟ୍ରେନ୍ ରୋକୋ, ବନ୍ଦ ପାଳନ, କୋର୍ଟ ଅଚଳ କରିବା, ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ଭଳି ଉପାୟ ଆପଣାଯାଉଛି। ହେଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏ ଦିଗରେ ଆନ୍ତରିକତା ନାହିଁ। ରାଜ୍ୟ ସରକାର ବଜେଟ, ଜମି, ସ୍ଥାନ ନେଇ କେନ୍ଦ୍ରକୁ ରିପୋର୍ଟ ଦେଇଥିବା ବେଳେ କେନ୍ଦ୍ର ପୁଣି ପୂର୍ଣ୍ଣାଙ୍ଗ ରିପୋର୍ଟ ପାଇଁ ରାଜ୍ୟକୁ ଚିଠି କରୁଛନ୍ତି। ଏଭଳି ଭାବେ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ଯଦି ଏଭଳି ଅବହେଳା କରାଯାଏ ତା'ହେଲେ ରାଜ୍ୟ ବିଭାଜନ ପାଇଁ ଏହା ଏକ କାରଣ ହେବ। ତେଣୁ ସରକାର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆୟୋଜିତ ଚେତାବନୀ ସମାବେଶରେ ମତପ୍ରକାଶ ପାଇଥିଲା।

କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଜିଲା ଓକିଲ ସଂଘ ଓ ନାଗରିକ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୭୦ ଊର୍ଦ୍ଧ୍ୱ ଅନୁଷ୍ଠାନ ସହ ବିଜେଡି, କଂଗ୍ରେସ, ଭାଜପା ଭଳି ରାଜନୈତିକ ଦଳ ଯୋଗଦେଇ ସମର୍ଥନ ଜଣାଇଥିଲେ। ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ରଘୁନାଥ ମିଶ୍ର, ପ୍ରଫୁଲ୍ଲ ହୋତା, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ପୂର୍ବତନ ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ, ନାଗରିକ କମିଟି ସଭାପତି ଅରବିନ୍ଦ ମହାପାତ୍ର, ପ୍ରମୋଦ ଦାସ, କୃଷକ ନେତା ସରୋଜ ମହାନ୍ତି, ହରିଶଙ୍କର ପୁରୋହିତ, ଓକିଲ ସଂଘ ସମ୍ପାଦକ ସରୋଜ ସାହୁ ପ୍ରମୁଖ ଯୋଗଦେଇ ଉଭୟ ସରକାର ବିଳମ୍ବ ନ କରି ଶୀଘ୍ର ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ସମାବେଶ ପୂର୍ବରୁ ହୀରାକୁଦ, ବୁର୍ଲା ଅଞ୍ଚଳରୁ ବିଶାଳ ବାଇକ୍ ରାଲି ବାହାରି ଅଇଁଠାପାଲି ବୁଢାରଜା ଦେଇ ଆର୍‌ଡିସି ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେହିପରି ସମଲେଇ ମନ୍ଦିରରୁ ଏକ ବାଇକ୍ ରାଲି ଆସି ସମାବେଶରେ ସାମିଲ ହୋଇଥିଲା। ଧନୁପାଲି ଅଞ୍ଚଳରୁ ମଧ୍ୟ ଶତାଧିକ ଲୋକ ସମାବେଶରେ ଯୋଗଦେଇ ସମର୍ଥନ ଜଣାଇଥିଲେ। ସମାବେଶ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଚେତାବନୀ ସମାବେଶରେ ସାମିଲ ହୋଇଥିବା କର୍ମକର୍ତ୍ତା।


ପଞ୍ଚମ ଜନ୍ମ ବର୍ଷର ଶୁଭେଚ୍ଛା



ଭୂମିନ୍ ପ୍ରିୟଦର୍ଶୀ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ବଡ଼ବାପା, ବଡ଼ମାମା, ଜେଜେ ଓ ଜେଜେମା, ଅଜା, ଆଈ, ପିଉସା, ପିଉସୀ, ତିତି ଓ ଡାଡା ଏବଂ ପରିବାରବର୍ଗମାନଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଧ-୮୮୬

ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



(ରୁଦ୍ର)
ପୃଥ୍ୱୀ ବୀର
ଧଉଳି, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ, ତୋତେ ଦୀର୍ଘାୟୁ କରନ୍ତୁ ଏତିକି ଆମ୍ଭର କାମନା।
ଶୁଭେଚ୍ଛା ସହ: ବାବା: ଭଗବାନ (ଭିକି), ମାମା (ପ୍ରିୟଙ୍କା, ଜେଜେମା(କୁନ୍ତଳା, ଉର୍ମିଳା), ଦାଦା, ଖୁଡୀ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୩୫


## ଜାମିନରେ ବାହାରିଲେ ଅଭିଯୁକ୍ତ ଗୋବିନ୍ଦ ସାହୁ

### ମମିତା ମେହେର ହତ୍ୟା ମାମଲା

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୮।୭(ଡି.ଏନ୍.ଏ.)**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ୧୪ଦିନିଆ ଜାମିନ ମିଳିଛି। ଏହି ଜାମିନ ବଳରେ ମୁଖ୍ୟ ଅଭିଯୁକ୍ତ ସାହୁ କଣ୍ଟାବାଞ୍ଜି ଉପକାରାଗାରରୁ ବାହାରିଥିବା ଜଣାପଡ଼ିଛି। ଅଭିଯୁକ୍ତ ସାହୁ ତାଙ୍କ ସ୍ତ୍ରୀ ଏବଂ ପୁଅ ଅସୁସ୍ଥ ଥିବା ଦର୍ଶାଇ ସେମାନଙ୍କ ଚିକିତ୍ସା ଲାଗି ଓକିଲଙ୍କ ଜରିଆରେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଏହି ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟ ଅଭିଯୁକ୍ତଙ୍କୁ ଦୁଇ ସପ୍ତାହର ସର୍ତ୍ତମୂଳକ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ବେଲ୍‌ବଣ୍ଡ ଶୁକ୍ରବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ପ୍ରଦାନ କରାଯାଇଥିଲା। ଅଭିଯୁକ୍ତ ମଧ୍ୟ ଏଡିଜେ କୋର୍ଟରେ ହାଜର ହୋଇଥିଲେ। ହାଇକୋର୍ଟଙ୍କ ଜାମିନ ବଳରେ ଅଭିଯୁକ୍ତ ସାହୁ ଶୁକ୍ରବାର ଅପରାହ୍ନରେ କଣ୍ଟାବାଞ୍ଜି ଉପକାରାଗାରରୁ ବାହାରିଛନ୍ତି। ଜାମିନ ଅବଧିରେ ଅଭିଯୁକ୍ତ ନିୟମିତ ଭାବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ। ଏଥିସହ କୌଣସି ପ୍ରମାଣ ନଷ୍ଟ କରିବେ ନାହିଁ କି ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ ବୋଲି ସର୍ତ୍ତ ରଖାଯାଇଛି। ଜାମିନ ଅବଧିରେ ଗଣମାଧ୍ୟମକୁ ମଧ୍ୟ କିଛି କହିପାରିବେ ନାହିଁ ବୋଲି ସର୍ତ୍ତ ରଖାଯାଇଛି। କେବଳ ସ୍ତ୍ରୀ ଓ ପୁଅଙ୍କ ଚିକିତ୍ସା ଲାଗି ତାଙ୍କୁ ଜାମିନ ପ୍ରଦାନ କରାଯାଇଛି ବୋଲି କୁହାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କ ଓକିଲ ଏଡିଜେ କୋର୍ଟରେ ବେଲ୍‌ବଣ୍ଡ ଦାଖଲ କରିବା ସମୟରେ ସରକାରୀ ଓକିଲ ମଧ୍ୟ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରେ ମହାଲିଙ୍ଗ ଯିବା ରାସ୍ତାରୁ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସର ଖୋଳତାଡ଼ ପରେ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଅକ୍ଟୋବର ୮ ତାରିଖ ଦିନ ମମିତାଙ୍କୁ ନିଜ କାରରେ ଚାନ୍ଦୋତରା ଛକରୁ ଅପହରଣ କରିନେଇ କାର ଭିତରେ ତଣ୍ଟିଚିପି ହତ୍ୟା କରିବା ପରେ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତଖୋଳି ପୋତି ଦେଇଥିବା ଜଣାପଡ଼ିଥିଲା।



ଜାମିନ ପାଇଁ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ହାଜର କରାଯାଉଛି।

## ଚାନ୍ଦବାଲି କୋର୍ଟରେ ଚାର୍ଜଶିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

### କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା



**ଚାନ୍ଦବାଲି,୮।୭(ଡି.ଏନ.ଏ.)**

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଶୁକ୍ରବାର କ୍ରାଇମବ୍ରାଞ୍ଚ ଭଦ୍ରକ ଜିଲା ଚାନ୍ଦବାଲି ଜେଏମ୍ଏଫ୍‌ସିରେ ୮ ଅଭିଯୁକ୍ତଙ୍କ ନାଁ ସମେତ ୯୦୫ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ସେଥିରେ ୩୪ଜଣ ସାକ୍ଷୀ ରହିଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି କଳ୍ପନା ସାହୁଙ୍କ ନେତୃତ୍ୱରେ ଆସିଥିବା ଏକ ୪ଜଣିଆ ଟିମ୍ ଏହି ଚାର୍ଜଶିଟ ଦାଖଲ କରିଛି। ଅଭିଯୁକ୍ତ ତାଲିକାରେ ଜଣେ ନାବାଳକ ରହିଛନ୍ତି। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ନିରଞ୍ଜନ ସେଠୀ, ଝୁନା ଭୋଇ, ପରମେଶ୍ୱର ରାଉତ, ନିରଞ୍ଜନ ନାୟକ, ଭାଗ୍ୟଧର ନାୟକ, କୃଷ୍ଣଚନ୍ଦ୍ର ନାୟକ ଓ ଜଣେ ନାବାଳକ ନାଁରେ ୩୬୦, ୩୬୩, ୩୬୪, ୩୦୨, ୪୬୫, ୪୭୧, ୨୦୧, ୨୧, ୩୪ ଆଇପିସି ଦଫା ଲାଗିଥିବା ସୂଚନା ମିଳିଛି।

## ବିଚ୍ଛିନ୍ନାଞ୍ଚଳ ଗଲା 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ'ର 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା' ପ୍ରକାଶ ପାଇଛି। ଝାଡ଼ଖଣ୍ଡ ତଥା ଓଡ଼ିଶାର ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହାନ୍ ସଂସ୍କୃତି ଓ ମହିମା ସହିତ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ସଂଖ୍ୟାକୁ ସ୍ୱତନ୍ତ୍ର ଗାଡ଼ିରେ ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ଷଢେଇକଳା, ଖରସୁଆଁ, ଚାଇଁବସା, ଚକ୍ରଧରପୁର ଆଦି ଅଞ୍ଚଳରେ ଏହାକୁ ବଣ୍ଟନ କରାଯିବ। ଶୁକ୍ରବାର ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ପ୍ରମୁଖ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରାବନ୍ଧିକ ଡ. ଭାସ୍କର ମିଶ୍ର, ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ବିଭାଗର ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଏବଂ ଲୋକସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ବିଭାଗର ଦୁଇଜଣ ସ୍ୱତନ୍ତ୍ର ଅଧିକାରୀ ଅଛନ୍ତି। ସେମାନେ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟାକୁ ବଣ୍ଟନ କରିବେ। ଏଥି ସହିତ ସେମାନଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଭାବ ବିନିମୟ କରିବେ। ସେହିପରି ଆଗାମୀ ଦିନରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାବର୍ତ୍ତୀ ଟିକାଲି, ମଞ୍ଜୁଷା ଆଦି ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ପାଇଁ ଖୁବ୍‌ଶୀଘ୍ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ଉତ୍କଳ ପ୍ରସଙ୍ଗ ପ୍ରେରଣ କରାଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୪ରୁ ଓଡ଼ିଶାର ସୀମାବର୍ତ୍ତୀ ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶର ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭଉଣୀଭାଇଙ୍କ ପାଇଁ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଧାରିତ ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ରଥଯାତ୍ରା ସଂଖ୍ୟା ପଠାଯାଇଆସୁଛି। ତେବେ କୋଭିଡ୍-୧୯ କଟକଣା ପରିପ୍ରେକ୍ଷୀରେ ଏହି ଯାତ୍ରା ବନ୍ଦ ରହିଥିଲାବେଳେ ଏବେ ପୁନଃ ଆରମ୍ଭ ହୋଇଛି। ଲେନିନ୍ ମହାନ୍ତିଙ୍କ ସମ୍ପାଦନାରେ ଚଳିତବର୍ଷ ରଥଯାତ୍ରା ଉତ୍କଳ ପ୍ରସଙ୍ଗ: ଏବଂ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ସଂଖ୍ୟାରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ପରମ୍ପରା ସମ୍ବନ୍ଧୀୟ ସ୍ୱନାମଧନ୍ୟ ଲେଖକ ଓ ଗବେଷକଙ୍କ ବହୁ ଉଚ୍ଚକୋଟୀର ଲେଖାମାନ ପ୍ରକାଶ ପାଇଛି।

# ଖେଳ ଖବର

## ଜାତୀୟ ଉଷୁ ପାଇଁ ଓଡ଼ିଶା ଦଳ



କର୍ମକର୍ତ୍ତାଙ୍କ ଗହଣରେ ଉଷୁ ଖେଳାଳି।

**ଭୁବନେଶ୍ୱର, ୮।୭ (କ୍ରୀଡ଼ା ପ୍ରତିନିଧି):** ହିମାଚଳପ୍ରଦେଶର ବିଳାସପୁରସ୍ଥିତ ଲୁହାନୁ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୨୨ତମ ଜାତୀୟ ସବଜୁନିୟର ଉଷୁ ପ୍ରତିଯୋଗିତା ଶନିବାରଠାରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗନେବା ପାଇଁ ୩୩ ଜଣିଆ ଓଡ଼ିଶା ଦଳ ହିମାଚଳ ପ୍ରଦେଶରେ ପହଞ୍ଚିଛି। କୋଚ୍ ଉଦୟନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ଏମାନେ ଉଷୁ ପ୍ରଶିକ୍ଷଣ ନେଇଥିଲେ। ଦଳର କୋଚ ଭାବେ ପଙ୍କଜ ମହାନ୍ତ, ଉଦୟନାଥ ରାଉତ ଓ ମ୍ୟାନେଜର ଭାବେ ସୁଜନ ରଥ ଓ କ୍ରିଷ୍ଣା ସାହୁ ଦାୟିତ୍ୱ ତୁଲାଇବେ। ଓଡ଼ିଶା ଉଷୁ ଆସୋସିଏଶନ ସଭାପତି ସୁଧାଂଶୁଶେଖର ହରିଚନ୍ଦନ, ଉପସଭାପତି ଶିବାନନ୍ଦ ରାଉତ, ବିକାଶ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ସାୟୋନ ମହାନ୍ତୋ, ପପୁ ମୁଣ୍ଡା, ଯୋଗେଶ୍ୱର ମହାନ୍ତୋ, ରାମଚନ୍ଦ୍ର ମହାନ୍ତୋ, ଅମିତ କୁମାର ବାବାଙ୍ଗା, ଅର୍ନବ ମହାପାତ୍ର, ମଦନ ମୁଣ୍ଡା, ରମେଶ ମୁଣ୍ଡା, ବିଷ୍ଣୁ ମୁଣ୍ଡା, ପ୍ରବିଲ ମୁଣ୍ଡା, ଲୋକେଶ ରଞ୍ଜନ ନେଲ୍, ସାବିନା ମୁଣ୍ଡା, ସୁମିତ୍ରା ମୁଣ୍ଡା, ଶ୍ୱେତାରାଣୀ ମାହାତୋ, ଉନ୍ନତି ପ୍ରସାଦ, ସବିତା ମୁଣ୍ଡା, ଶ୍ରୀସିତ ସିଂ, ସମୃଦ୍ଧି କୁମାରୀ, ଅନିଶା ମିଶ୍ର, ବିଶ୍ୱଜିତ ପାଣି, ଲାବଣ୍ୟ ପତି, ଦିବ୍ୟାଂଶୀ ମହାନ୍ତି, ଭାଗ୍ୟଜ୍ୟୋତି ନାୟକ, ଆକାଶ ନନ୍ଦ, ରୁଦ୍ର ପ୍ରତାପ ରାଉତ, ପ୍ରତିଜ୍ଞା ବେହେରା, ମୋୟାନ ବାଗ, ଯସ୍ମିନା ବାନୋ, ଆୟାସା ବାନୋ, ଆୟୁଷ ବୋଷ, ମାନସ ମହାପାତ୍ର, ଶୁଭଶ୍ରୀ ପାତ୍ର, ବନିଷ୍କା ପତି।

## ବିରାଟ କୋହଲିଙ୍କ ଉପରେ ଚାପ

### ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ଆଜି

**ବର୍ମିଂହାମ, ୮।୭ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଟି୨୦ ମ୍ୟାଚ ଶନିବାର ଏଠାରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ବିରାଟ କୋହଲିଙ୍କ ସମେତ କେତେଜଣ ସିନିୟର ଖେଳାଳି ଦଳରେ ସାମିଲ ହୋଇଛନ୍ତି। ଯୁବ ଦଳକୁ ନେଇ ଭାରତ ଗୁରୁବାର ପ୍ରଥମ ଟି୨୦ରେ ଦମ୍‌ଦାର ବିଜୟ ହାସଲ କରିଥିଲା। ତେଣୁ ଦ୍ୱିତୀୟ ଟି୨୦ରେ ପ୍ରଭାବୀ ପ୍ରଦର୍ଶନ ପାଇଁ କୋହଲିଙ୍କ ଉପରେ ଚାପ ରହିବ। କୋହଲି ୫ ମାସ ପରେ ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଗତ ଫେବୃୟାରୀରେ ଶେଷଥର ପାଇଁ ଟି୨୦ ଅନ୍ତର୍ଜାତୀୟ ଖେଳିଥିଲେ। ଏହାପରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଟି୨୦ ମ୍ୟାଚ ଖେଳିଥିଲେ ହେଁ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ବିଶ୍ରାମ ଏବଂ ରୋଟେଟ ପଲିସି ଅନୁସାରେ କୋହଲି ଓ ଅନ୍ୟ ସିନିୟର ଖେଳାଳିଙ୍କୁ ପ୍ରଥମ ଟି୨୦ରୁ ବ୍ରେକ୍ ଦିଆଯାଇଥିଲା। ଏଥିରେ ଦୀପକ ହୁଡାଙ୍କ ସମେତ ଅନ୍ୟ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିଥିଲା। ଗତ ମ୍ୟାଚରେ ହୁଡା ଯେପରି ବ୍ୟାଟିଂ କରିଛନ୍ତି ତାଙ୍କୁ ଶନିବାର ମ୍ୟାଚରେ ଡ୍ରପ୍ କରିବା ସହଜ ହେବନାହିଁ। କୋହଲିଙ୍କ ପୋଜିଶନରେ ଖେଳୁଥିବା ହୁଡା ପ୍ରଥମ ଟି୨୦ରେ ମାତ୍ର ୧୭ ବଲ୍‌ରୁ ୩୩ ରନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଯଦି ହୁଡାଙ୍କୁ ଦଳରେ ରଖାଯାଏ ତେବେ କୋହଲି ଅଧିନାୟକ ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିପାରନ୍ତି। ଏ କ୍ଷେତ୍ରରେ ଇଶାନ କିଷନଙ୍କୁ ବାହାରେ ବସିବାକୁ ପଡ଼ିବ। ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ଶ୍ରେୟାସ ଆୟାର, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଆଭେଶ୍ ଖାଁ, ହର୍ଷଲ ପଟେଲ, ଉମ୍ରାନ ମଲିକ। ଇଂଲଣ୍ଡ ଦଳ: ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ହ୍ୟାରୀ ବ୍ରୁକ୍, ସାମ୍ କୁରାନ, ରିଚାର୍ଡ ଗ୍ଲିସନ, କ୍ରିସ୍ ଜୋର୍ଡାନ, ଲିଆମ ଲିଭିଂଷ୍ଟୋନ, ଡାଭିଡ ମଲନ, ଟାଇମଲ ମିଲ୍ସ, ମାଥ୍ୟୁ ପାର୍କିନସନ, ଜାସନ ରୟ, ଫିଲ୍ ସଲ୍ଟ, ରିସି ଟୋପ୍‌ଲେ, ଡେଭିଡ ୱିଲି।





**ମ୍ୟାଚ ଆରମ୍ଭ: ରାତି ୭ଟା**

## ଫିଫା ଦୁର୍ନୀତି ମାମଲାରେ ବ୍ଲାଟର ଓ ପ୍ଲାଟିନି ଦୋଷମୁକ୍ତ

**ବେଲିଞ୍ଜୋନା, ୮।୭ (ପି.ଟି):** ଫିଫାରେ ୨ ମିଲିୟନ୍ ଡଲାର ଦୁର୍ନୀତି ମାମଲାରୁ ସେପ୍ ବ୍ଲାଟର୍ ଓ ମାଇକେଲ ପ୍ଲାଟିନି ଦୋଷମୁକ୍ତ ହୋଇଛନ୍ତି। ସ୍ୱିସ୍ ଅପରାଧିକ କୋର୍ଟ ପକ୍ଷରୁ ଉଭୟଙ୍କୁ ଦୋଷ ମୁକ୍ତ ଘୋଷଣା କରାଯାଇଛି। ୧୧ ଦିନର ଟ୍ରାଏଲ ପରେ ଉଭୟଙ୍କୁ ବେଲିଞ୍ଜୋନାର ଫେଡେରାଲ କ୍ରିମିନାଲ କୋର୍ଟ ପକ୍ଷରୁ ମୁକ୍ତ କରାଯାଇଛି। ୨୦୧୧ ମସିହାରେ ଫିଫା ପକ୍ଷରୁ ପ୍ଲାଟିନିଙ୍କୁ ୨ ମିଲିୟନ୍ ଡଲାରର ଟ୍ରାନ୍ସଫର କରାଯାଇଥିଲା। ଏହି ଟ୍ରାନ୍ସଫର ସମୟରେ ତତ୍କାଳୀନ ମୁଖ୍ୟ ସେପ୍ ବ୍ଲାଟର ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହି ମାମଲା ସାମ୍ନାକୁ ଆସିବା ପରେ ବିଶ୍ୱ ଫୁଟବଲ୍‌ର ଏହି ଦୁଇ ଶକ୍ତିଶାଳୀ ପ୍ରଶାସକଙ୍କ କ୍ୟାରିୟର ସ୍ଥାଣୁ ପାଲଟି ଯାଇଥିଲା। ଏହି ଟ୍ରାଏଲ ସମୟରେ ବାସ୍ତବ ସତ୍ୟ ଲୋକଙ୍କ ସାମ୍ନାକୁ ଆସିଛି ବୋଲି ପ୍ଲାଟିନି ଏକ ବିବୃତ୍ତିରେ କହିଛନ୍ତି। ଦୀର୍ଘ ବର୍ଷର ମିଛ ଆଉ ଛଳନା ଉପରୁ ପରଦା ଉଠି ଯାଇଥିବା ନେଇ ମଧ୍ୟ ସେ କହିଛନ୍ତି। ଅନ୍ୟାୟ ବିରୋଧରେ ତାଙ୍କର ଏହି ଲଢେଇ ରହିଥିବା କହିଛନ୍ତି ପ୍ଲାଟିନି। ମାମଲାର ଅସଲ ଦୋଷୀ କାଠଗଡାରୁ ବାହାରେ ରହିଛନ୍ତି। ସେମାନଙ୍କୁ ଦଣ୍ଡିତ କରିବାକୁ ଚେଷ୍ଟା ଜାରି ରଖିବି ବୋଲି ପ୍ଲାଟିନି କହିଛନ୍ତି। ସ୍ୱିସ୍ ପ୍ରସିକ୍ୟୁଟର ଥୋମାସ ହିଲ୍ଡବ୍ରାଣ୍ଡ ଉଭୟଙ୍କୁ ୨୦ ମାସ ନିଲମ୍ବନ କରିବା ପାଇଁ ଦାବି କରିଥିଲେ। ଏହି ଦୁର୍ନୀତି ଅଭିଯୋଗ ଆସିବା ପରେ ୨୦୧୫ରେ ବ୍ଲାଟର ସଭାପତି ପଦରୁ ଇସ୍ତଫା ପ୍ରଦାନ କରିଥିଲେ।

## ଭାରତକୁ ଜିତାଇଲେ ହାର୍ଦ୍ଦିକ

**ସାଉଥାମ୍ପଟନ, ୮।୭:** ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଭାରତ ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ୫୦ ରନରେ ଜିତିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ହାର୍ଦ୍ଦିକ ଭାରତର ଟପ୍ ସ୍କୋରର ଭାବେ ୫୧ ରନ୍ ସଂଗ୍ରହ କରିଥିଲେ। ପରେ ଚମତ୍କାର ବୋଲିଂ କରି ୩୩ ରନରେ ୪ ଉଇକେଟ ଅକ୍ତିଆର କରିଥିଲେ। ଭାରତ ଦ୍ୱାରା ଧାର୍ଯ୍ୟ ୧୯୯ରନ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଇଂଲଣ୍ଡ ୧୯.୩ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଯାଇଥିଲା। **ଭାରତ ଇନିଂସ:** ୨୦ ଓଭରରେ ୧୯୮/୮ (ହାର୍ଦ୍ଦିକ ପାଣ୍ଡ୍ୟା-୫୧, ସୂର୍ଯ୍ୟକୁମାର ଯାଦବ-୩୯, ଦୀପକ ହୁଡା-୩୩, ରୋହିତ ଶର୍ମା-୨୪; ମୋଇନ ଅଲି-୨/୨୬, କ୍ରିସ୍ ଜୋର୍ଡାନ-୨/୨୩, ରିସ୍ ଟପ୍‌ଲେ-୧/୩୪)। **ଇଂଲଣ୍ଡ ଇନିଂସ:** ୧୯.୩ ଓଭରରେ ୧୪୮/ଅଲଆଉଟ (ମୋଇନ ଅଲି-୩୬, ହ୍ୟାରି ବ୍ରୁକ୍-୨୮, କ୍ରିସ୍ ଜୋର୍ଡାନ-୨୬*, ଡାଭିଡ ମଲାନ-୨୧; ହାର୍ଦ୍ଦିକ ପାଣ୍ଡ୍ୟା-୪/୩୩, ଯୁଜବେନ୍ଦ୍ର ଚହଲ-୨/୩୨, ଅର୍ଶଦୀପ ସିଂ-୨/୧୮,ଭୁବନେଶ୍ୱର କୁମାର-୧/୧୦, ହର୍ଷଲ ପଟେଲ-୧/୨୪)।

## ଅଷ୍ଟ୍ରେଲିଆ ୨୯୮/୫

**ଗାଲେ,୮।୭ :** ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ମାର୍ନସ୍ ଲାବୁଶେନ। ଫଳରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭ୍ରମଣକାରୀ ଅଷ୍ଟ୍ରେଲିଆ ୫ ଉଇକେଟ ବିନିମୟରେ ୨୯୮ ରନ୍ ସଂଗ୍ରହ କରିଛି। ଖେଳ ଶେଷ ହେବା ବେଳକୁ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୧୦୯ ରନ କରି ଅପରାଜିତ ରହିଛନ୍ତି। ମାର୍ନସ ଲାବୁଶେନ ୧୦୪ ରନ କରି ଆଉଟ୍ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପଦାର୍ପଣକାରୀ ପ୍ରଭାତ ଜୟସୂରିୟା ୯୦ ରନ ବ୍ୟୟ କରି ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଛନ୍ତି।

## ପ୍ରଣୟ ସେମିରେ, ସିନ୍ଧୁ ପରାସ୍ତ

**କୁଆଲାଲମ୍ପୁର, ୮।୭ (ପି.ଟି.)**

ଭାରତର ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁଙ୍କୁ ପୁଣି ବାଧା ଦେଇଛନ୍ତି ଚାଇନିଜ ତାଇପେଇର ତାଇ ଜୁ ୟିଙ୍ଗ୍। ପୂର୍ବତନ ଟପ୍ ଟେନ୍ ଖେଳାଳି ପ୍ରଣୟ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବିଶ୍ୱର ୧୪ ନମ୍ବର ମାନ୍ୟତାପ୍ରାପ୍ତ ଟିସୁନେୟାମାକୁ ୨୫-୨୩, ୨୨-୨୦ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ୮ମ ସିଡ୍ ଏନ୍‌ଜି କା ଲଙ୍ଗ୍ ଆଙ୍ଗସଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସିନ୍ଧୁ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ତାଇ ଜୁ'ଙ୍କଠାରୁ ୧୩-୨୧, ୨୧-୧୨, ୧୨-୨୧ରେ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ସପ୍ତାହକ ପୂର୍ବେ ମାଲେସିଆ ଓପନ କ୍ୱାର୍ଟରଫାଇନାଲରେ ଚାଇନିଜ ତାଇପେଇର ଏହି ଖେଳାଳି ମଧ୍ୟ ସିନ୍ଧୁଙ୍କୁ ହରାଇ ଦେଇଥିଲେ।



CLASSIFIED DISPLAY ALL EDITION - B/W (Everyday)
MORE SPACE ' SAME PRICE
0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

ପ୍ରଥମ ଶ୍ରାର୍ଦ୍ଧବାର୍ଷିକୀ



ଶ୍ରୀ ଇଂ. ରଘୁନାଥ ପଣ୍ଡା
ପ୍ଲଟ ନଂ ୫୫, ୟୁନିଟ୍-୬, ଭୁବନେଶ୍ୱର
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପରୋପକାରିତା ଆମର ସର୍ବଦା ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ
ସହଧର୍ମିଣୀ-ବିନୋଦିନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାର ଶୁଭେଚ୍ଛୁ ବୃନ୍ଦ
ଧ-୯୪୨

ପ୍ରଥମ ଶ୍ରାଦ୍ଧବାର୍ଷିକ



ଶ୍ରୀ ଶିଶିର କୁମାର ମହାନ୍ତି
ସାନମୂଳାଇ, କଟକ
ଆବିର୍ଭାବ: ୧୮।୦୨।୧୯୬୨
ତିରୋଧାନ: ୦୯।୦୭।୨୦୨୧
ଆଜିର ଦିବସରେ ଆମେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୯୩୫

ଶ୍ରାଦ୍ଧ ଉପଲକ୍ଷେ



ସ୍ୱର୍ଗତା ହେମଲତା ରଥ
ବୀରରାମଚନ୍ଦ୍ରପୁର, ପୁରୀ
ଚାହୁଁ ଚାହୁଁ ଛଅବର୍ଷ ହୋଇଗଲା, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ। ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୯୨୩

# ରୋଗ

ସତ୍ୟରଞ୍ଜନ ମିଶ୍ର

ରମ୍ୟ ରଚନା

ମର୍ଦ୍ଦରାଜପୁର ଗାଁର ପୂର୍ବତନ ଜମିଦାର ଘନଶ୍ୟାମ ସାଆନ୍ତରାୟଙ୍କ ପୁତ୍ର ରଘୁ ସାଆନ୍ତରାୟ। ଘନଶ୍ୟାମବାବୁଙ୍କ ଅନ୍ତେ, ରଘୁ ସାଆନ୍ତରାୟ ପୈତୃକ ଚାଷଜମି ଭାଗ ଲଗେଇ, ଗାଁରେ ସାହୁକାରୀ କରି ଯେତିକି ଅର୍ଥ ଗଚ୍ଛିତ କରିଛନ୍ତି, ତାଙ୍କ ପରେ ତାଙ୍କର ଆହୁରି ତିନିପୁରୁଷ ବସି ଖାଇଲେ ବି ସେ ଧନ ଶେଷ ହବନି। ହେଲେ କ'ଣ ହବ! ଦୁର୍ଭାଗ୍ୟ ଯେ, ସେ ଧନକୁ ଭୋଗ କରିବାକୁ ଭଗବାନ୍ ତାଙ୍କୁ ଉତ୍ତରାଧିକାରୀଟିଏ ଦେଇନାହାନ୍ତି। ଏତେ ବଡ଼ ଜମିଦାର ବଙ୍ଗଳା ଭିତରେ ଲୋକ କହିଲେ ଚାରିଜଣ। ସାଆନ୍ତେ, ତାଙ୍କ ପତ୍ନୀ ସୁମିତ୍ରା ଦେବୀ, ବୋଲହାକ କରିବାକୁ ରାଧୁଆ ଆଉ ଚମ୍ପା ନାଁରେ ଦୁଇଜଣ ଚାକର ଚାକରାଣୀ। ଘର କଥା ବୁଝାବୁଝି ଦାୟିତ୍ୱ ବାଦ୍ ଫାଙ୍କା ପାଇଲେ ଟିଭି ଉପରେ ଅଧିକାର ହେଲା ସୁମିତ୍ରା ଦେବୀଙ୍କର ଦୈନନ୍ଦିନୀ। ହେଲେ ଏକୁଟିଆ ଘରେ ବସି ସମୟ କାଟିବା ଯାହା ଭୀଷଣ କଷ୍ଟଦାୟକ ହୁଏ ସାଆନ୍ତଙ୍କ ପାଇଁ। ତେଣୁ ଅପରାହ୍ଣରେ ଯୁଆଡ଼େ ବୁଲାବୁଲି କରିବାକୁ ଗଲେ ବି ସକାଳଟା ସେ ଖବରକାଗଜ ପଢ଼ାରେ କାଟନ୍ତି। ଶିକ୍ଷାଗତ ଯୋଗ୍ୟତା ଭିତରେ ମାଇନର ପାସ୍ କରି ଓଡ଼ିଆ ପଢ଼ି ଲେଖି ଜାଣିଛନ୍ତି ବୋଲି ରଘୁ ସାଆନ୍ତେଙ୍କର ଭାରି ଆଣ୍ଟ। ଆଣ୍ଟ ନ ହେବ ବି କେମିତି ଯେତେହେଲେ ଜମିଦାର ବଂଶଜ। ଖାଲି ଯାହା ସେ ଇଂଗିରାଜୀ ଭାଷାଟା ହଉଚି ତାଙ୍କ ଦୁର୍ବଳତା।

ରାଜନୀତି ଖେଳକୁଦ ଆଉ ଦୈନନ୍ଦିନ ଘଟଣାଦୁର୍ଘଟଣା ପ୍ରତି ବିମୁଖ ସାନ୍ତରାଙ୍କର ସବୁଠୁ ପ୍ରିୟ ହେଲା ଖବରକାଗଜର ଦୁଇ ନମ୍ବର ପୃଷ୍ଠା। ସେଥିରେ ବାହାରୁଥିବା ନୀତିବାଣୀ, ହସକଥା, ପୃଥିବୀର ବିଭିନ୍ନ ଆଶ୍ଚର୍ଯ୍ୟ, ଲଘୁଗଳ୍ପ ଆଦି ପଢ଼ିବାକୁ ତାଙ୍କୁ ବହୁତ ଭଲ ଲାଗେ। ବେଳେବେଳେ ସେଥିରୁ ବାହାରୁଥିବା ବିଭିନ୍ନ ରୋଷେଇ କଥା ପଢ଼ି ପତ୍ନୀ ସୁମିତ୍ରାଦେବୀଙ୍କୁ ରାନ୍ଧିବାକୁ କୁହନ୍ତି ସେ।

ହେଲେ ଗତକାଲି ଦୈବାତ୍ ତାଙ୍କ ଆଖିରେ ପଡ଼ିଲା ଭିନ୍ନ ଏକ ବିଷୟ। ସେ ବିଷୟଟି ଏକ ରୋଗ ଓ ତା'ର ଲକ୍ଷଣ ଉପରେ ପର୍ଯ୍ୟବସିତ।

ଦାଣ୍ଡ ପିଣ୍ଡାରେ ଚୌକି ଉପରେ ବସି ମନଧ୍ୟାନ ଦେଇ ସେଇ ବିଷୟଟିକୁ ପଢୁଥିଲା ବେଳେ ଗାଁର ପୁରୋହିତ ଜଗୁ ମିଶ୍ରେ ସେଇ ବାଟେ ଯାଉଥିଲେ



ଆଉ ସଂଯୋଗବଶତଃ ମିଶ୍ରେ ଆଜ୍ଞା ପଚାରିଦେଲେ କି, ''ସାଆନ୍ତେ କ'ଣ ଦେହ ଭଲ ନାହିଁ କି? ଏମିତି ଶୁଖିଲା ଦିଶୁଚ?''

ରଘୁ ସାଆନ୍ତେ ଚକିତ ହେଇ ଭାବିଲେ, କ'ଣ ମୁଁ ଶୁଖିଲା ଦିଶୁଚି? ତାହେଲେ ତ ନିଶ୍ଚୟ ମୋତେ କିଛି ରୋଗ ହେଇଚି? ଦେଖେ ଦେଖେ, ଏବେ ମୁଁ ଯେଉଁ ରୋଗ ବିଷୟରେ ପଢୁଛି ଇଏ ଆଉ ସେଇ ରୋଗ ନୁହେଁ ତ?

ଏତିକିବେଳେ ଚାକର ରାଧୁଆ ଜଳଖିଆ ଥାଳି ଆଣିକି ସାଆନ୍ତଙ୍କ ସାମ୍ନାରେ ପଡ଼ିଥିବା ଟେବୁଲ ଉପରେ ରଖୁରଖୁ କହିଲା, ''ବାବୁ, ତୁମ ବାଁ ଗୋଡ଼ ଆଙ୍ଗୁଠିଗୁଡ଼ା କାହିଁ ଫୁଲିଲା ଭଳିଆ ଦିଶୁଚି?''

ରଘୁ ସାଆନ୍ତେ ପୁଣି ଚକିତ ହେଇ ଭାବିଲେ, ''କ'ଣ ମୋ' ଗୋଡ଼ ଫୁଲିଛି... ଏ ତ ସେଇ ରୋଗର ଲକ୍ଷଣ, ଯାହା ବିଷୟରେ ମୁଁ ଏବେ ପଢୁଛି...''

ଏତିକିବେଳେ ଝଡ଼ ପରି ଦାଣ୍ଡକୁ ବାହାରି ଆସିଲେ ସୁମିତ୍ରାଦେବୀ, ଆଉ ଚିତ୍କାର କରି ରାଧୁଆ ଉଦ୍ଦେଶ୍ୟରେ କହିଲେ, ''କିରେ ରାଧୁଆ, ତୋତେ କେତେ ଥର ମନା କରିବି ବାବୁଙ୍କୁ ଏ ଛଣାଛଣି ଜିନିଷ ଜଳଖିଆରେ ଦେବୁନି ବୋଲି... ଏଗୁଡ଼ା ଖାଇଖାଇ ତାଙ୍କ ପେଟ କେମିତି ଫୁଲିଲାଣି ଦେଖୁଚୁ ତ? ସେଇଥିରେ ପୁଣି ତୁ ଏଗୁଡ଼ା ଆଣି ଦେଉଚୁ? ଚୁପଚାପ୍ ତାକୁ ନେଇକି ରୋଷେଇ ଘରେ ରଖ... ଆଉ ମୁଁ କରିଥିବା ରୁଟି ସନ୍ତୁଳା ଆଣିକି ଦେ...''

ଏଥର ରଘୁ ସାଆନ୍ତେ ଭୟରେ ଥରିବାକୁ ଲାଗିଲେ, ''ମୋ ପେଟ ବି ଫୁଲିଛି... ତା'ହେଲେ ତ ଏବେ ମୁଁ ନିଶ୍ଚିତ ହେଇଗଲି ଯେ ମୋତେ ସେ ରୋଗ ହେଇଚି... ଆଉ ଡେରି କରିବା ଜମା ବି ଭଲ ନୁହେଁ...''

କିଛି କ୍ଷଣ ପରେ ରାଧୁଆ ରୁଟି ସନ୍ତୁଳା ଆଣିଦେବାରୁ ସାଆନ୍ତେ ତାକୁ ଚିନ୍ତିତ ଅବସ୍ଥାରେ ଚଟାପଟ୍ ଉଦରସ୍ଥ କରିବାକୁ ଚେଷ୍ଟା କରନ୍ତେ, ଭକ ଭକ କରି ସେସବୁ ବାନ୍ତି ହେଇଗଲା...

''ବାନ୍ତି! ବାନ୍ତି ତ ମୁଖ୍ୟ ଲକ୍ଷଣ...ନା ନା ଆଉ ଡେରି କଲେ ଜୀବନ ପ୍ରତି ବିପଦ... ଯେମିତି ବି ହଉ ଯଥାଶୀଘ୍ର ଡାକ୍ତର ପରାମର୍ଶ କରିବାକୁ ପଡ଼ିବ।''

ପାଣି ଢୋକେ ପିଇ ମୁହଁକୁ ଟାଉଲରେ ପୋଛି ଖବରକାଗଜଟିକୁ ଧରି ଏକାନିଃଶ୍ୱାସରେ ସାଆନ୍ତେ ଦୌଡ଼ିଲେ ଡାକ୍ତରଖାନା। ପଛରୁ ସୁମିତ୍ରାଦେବୀ ହଇହୋ ତୁମର ହଠାତ୍ କ'ଣ ହେଲା, କୁଆଡ଼େ ଯାଉଛ ବୋଲି ଯେତେ ଡାକିଲେ ବି ଶୁଭୁନଥିଲା ସାଆନ୍ତଙ୍କୁ।

ଧଇଁସଇଁ ହେଇ ଦଉଡୁଥାନ୍ତି ଆଉ ଭାବୁଥା'ନ୍ତି, ''ହେ ଭଗବାନ୍! ତୁମେ ଏ କ'ଣ କଲ, ଏ ବୟସରେ ଏତେ ବଡ଼ ରୋଗ? ଯଦି ମୋର କିଛି ହେଇଯାଏ, ତା'ହେଲେ କ'ଣ ହବ ମୋ' ଘରର ଅବସ୍ଥା! କିଏ ଭୋଗ କରିବ ଏ ଅଚଳାଚଳ ସମ୍ପତ୍ତି? ମୁଁ ତ ଏ ବିଷୟରେ କିଛି ଚିନ୍ତାକରିନି! ଆଜି ଯେମିତି ହଉ ଏ ବିଷୟରେ ଚିନ୍ତା କରିବି। ପ୍ରଭୁ ହେ..ଆଉ କିଛି ଦିନ ସମୟ ଦିଅ, ବାସ୍ ମୁଁ ମୋ' ସମ୍ପତ୍ତିବାଡ଼ିର ବ୍ୟବସ୍ଥା କରିଦିଏ, ତା'ପରେ ଯାଇ ତୁମେ ମୋତେ ନେବ...''

ପନ୍ଦର ମିନିଟ୍ ପରେ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚିଯାଇ ଡାକ୍ତର ବାବୁଙ୍କ ଆଗରେ ଥକାମରା ହେଇ ବସିପଡ଼ିଲେ ସାଆନ୍ତେ। ସେଇ ଜୋର୍‌ଜୋର୍ ନିଃଶ୍ୱାସ ଚାଲୁଥିଲା ଅବସ୍ଥାରେ ଖବରକାଗଜର ଦୁଇ ନମ୍ବର ପୃଷ୍ଠା କାଢ଼ି ଡାକ୍ତର ବାବୁଙ୍କୁ ଦେଖେଇ କହିଲେ, ''ଡାକ୍ତର ବାବୁ, ଏଇଠି ଯୋଉ ମାରାତ୍ମକ ରୋଗ କଥା ଲେଖାହେଇଛି ସେଇଟା ମୋତେ ହେଇଯାଇଛି... ମୁଁ ଆଉ ବଞ୍ଚିବିନି... ଆପଣ କେମିତି କ'ଣ କରି ମୋ' ମୃତ୍ୟୁକୁ ଖାଲି ଆଉ କିଛି ଦିନ ଘୁଞ୍ଚେଇ ଦିଅନ୍ତୁ...''

ତାଙ୍କ ହାତରୁ ଖବରକାଗଜଟି ନେଇ ଡାକ୍ତର ବାବୁ ଦେଖିକି କହିଲେ, ''କ'ଣ ଏଇ ରୋଗ?''

ଆଜ୍ଞା, ହଁ ସେଇ ରୋଗ.. ପେଟ ଫୁଲା, ଗୋଡ଼ ଫୁଲା.. ଆଉ ଏବେ ଖାଉ ଖାଉ ବାନ୍ତି...

ଠୋ ଠୋ ହେଇ ହସି ଡାକ୍ତର ବାବୁ କହିଲେ, ''ସାଆନ୍ତେ, ଆପଣ ଟିକେ ରୋଗର ନାଁ ଟା ପଢ଼ିଥାନ୍ତେ ଭଲା..''

ରଘୁ ସାଆନ୍ତେ ଉତ୍ତେଜିତ ହେଇ ଉତ୍ତର ଦେଲେ- ''ମଲା ମୁଁ କେମିତି ପଢ଼ିବି ସେ ରୋଗର ନାଁ... ଓଡ଼ିଆରେ ଲେଖା ହେଲେ ବି ସେଇଟା ଗୋଟେ ଇଂଗିରାଜୀ ଶବ୍ଦଟା ମୁଁ କେମିତି ଜାଣିବି ତା'ର ଅର୍ଥ?''

ସେମିତି ହସି ହସି ଡାକ୍ତର ବାବୁ କହିଲେ, ''ବୁଝିଲେ ସାଆନ୍ତେ, ଶୀତଦିନେ ଏମିତି ଗୋଡ଼ ଫୁଲେ... ଆପଣଙ୍କର ଗ୍ୟାସ୍ଟ୍ରିକ୍ ଅଛି ତେଣୁ ପେଟ ଫୁଲିଛି... ଆଉ ବୋଧେ ତରତର ହେଇ ଖାଇଲାରୁ ବାନ୍ତି ହେଇଯାଇଛି...''

''କିନ୍ତୁ ପେପରରେ ତ ଏ କୋଉ ଭୟଙ୍କର ରୋଗର ଲକ୍ଷଣ ଭଳିଆ ଲେଖାହେଇଚି...''

ଆହୁରି ଜୋର୍‌ରେ ଠୋ ଠୋ ହେଇ ହସି ଡାକ୍ତର ବାବୁ କହିଲେ, ''ସାଆନ୍ତେ, ଏହା କୌଣସି ଭୟଙ୍କର ରୋଗ ନୁହେଁ... ଏଠି ଲେଖା ହେଇଚି ପ୍ରେଗ୍‌ନାନ୍ସିର ଲକ୍ଷଣ, ମାନେ ଏହି ସବୁ ହେଲା ଗର୍ଭବତୀ ସ୍ତ୍ରୀଙ୍କ ଲକ୍ଷଣ... ଆଉ ଆପଣ ହେଲେ ପୁରୁଷ...''

ଡାକ୍ତରଖାନାରେ ଉପସ୍ଥିତ ସମସ୍ତେ ଠୋ ଠୋ ହେଇ ହସିବାକୁ ଲାଗିଲେ ଆଉ ତତଲା ନିଆଁରେ ପାଣି ଢାଳିଦେଲା ପରି ସାଆନ୍ତେଙ୍କ ଦେହ ଲଜ୍ଜାରେ ଥଣ୍ଡା ହେଇଗଲା...

ଅଢ଼ଙ୍ଗ ଶାସନ, ଜଗତ୍‌ସିଂହପୁର
ମୋ: ୮୬୫୮୪୧୨୭୮୩

## କବିତା

### ସବୁଠୁ ନିଜର

ରଂଜନ କୁମାର ଦାସ

ତମାମ ସଫଳତାରେ ମୋର
ଖୁବ୍ ଜୋର୍‌ରେ ତାଳି ବଜେଇଥିବା
ସେଇ ହାତ ଦୁଇଟି ଅପେକ୍ଷା
ବେଶୀ ନିଜର ମୋର
ସେଇ ଆଙ୍ଗୁଠି ଦୁଇଟି
ଯିଏ ଦୁଃଖର ଦୁର୍ଦ୍ଦିନରେ
ପୋଛି ଦେଇଥିଲା ମୋ' ଆଖିରୁ
ଦୁଇ ବୁନ୍ଦା ଲୁହ।

ଶୀତ ଋତୁରେ ତ କେତେ ନା କେତେ ପକ୍ଷୀ
ଆସନ୍ତି ଚିଲିକାକୁ
ହେଲେ ମୁଁ ଭଲପାଏ
ମୋ' ଅଗଣାର ସେଇ
ପରିଚିତ ଚଢ଼େଇମାନଙ୍କୁ
ଯେଉଁମାନେ ନିତି ମତେ ନିଦରୁ ଉଠାନ୍ତି
ଭାଙ୍ଗନ୍ତି ମୋର ଏକାକୀପଣ।

ଭଲ ସମୟ ମନାଇବା ପାଇଁ
ଯେଉଁମାନେ ଆସନ୍ତି ମୋ' ପାଖକୁ
ସେମାନଙ୍କଠୁଁ ଢେର୍ ଭଲ ସେଇମାନେ
ଯେଉଁମାନେ ଖରାପ ସମୟକୁ ବି
ତାଙ୍କ ହାତର ସ୍ପର୍ଶରେ ବନାଇପାରନ୍ତି ଭଲ
ଯାହାଙ୍କ ଉପସ୍ଥିତିରେ
ଦୁର୍ଦ୍ଦିନ ଲାଗେନି ଦୁର୍ଦ୍ଦିନ ଭଳି
ଯାହାଙ୍କ ଆଲିଙ୍ଗନରେ ଜାଣିହୁଏ
ଦୁଇଟି ହୃଦୟ ଏକାଠି ସ୍ପନ୍ଦିତ ହେବାର ଶବ୍ଦ।

ମୋ: ୯୪୩୭୨୮୬୫୧୨

### ନଈ ଓ ନିର୍ମମତା

ନୃସିଂହ ତରାଇ

ନଈରେ ଥାଏ ପାଣି
ପାଣିରେ ମୁହଁ ଦେଖନ୍ତି
ଆକାଶ ତାରା ଜହ୍ନ
ଆକାଶରେ ଉଡ଼ି ଯାଉଥିବା ପକ୍ଷୀ
ନଈ ନାଚୁଥାଏ ଥିରି ଥିରି।

କେହି କେହି କୁହନ୍ତି
ନଈ ଆତ୍ମା ପରି
ସେ ଆମ ପ୍ରେମରେ ଥାଏ
ପ୍ରାଣରେ ଥାଏ
କେଉଁଠି ନ ଥାଇ ବି
ସବୁଠି ଥିଲାପରି ଲାଗେ।

ସବୁବେଳେ ନିଜର ପରି
ଲାଗୁଥିବା ନଈରେ
ଫିଙ୍ଗା ଚାଲିଛି
ପଚା ପାପ, ଘୃଣାର ଦେହ
ଅନ୍ଧକାରର ପାଶବିକତା
ଓ ନିବିଡ଼ ନର୍କମାନଙ୍କୁ
ନିର୍ବିବାଦରେ।

ଆମେ ଆଙ୍କିପାରୁରୁ କେଉଁଠି
ଗୋଟେ ନିଜ ନଈର
ଆତ୍ମୀୟ ଅନୁଭବକୁ
ଜୀବନ ସହ
ଏକାକାର କରି?

ଚାଲ... ଆଜି
ନଈ ପାଣିରେ
ଉଟେଇ ଦେବା
ସବୁ ଧୂଳି ଧୂସରିତ ଲୁହ
କାଗଜ ଡଙ୍ଗା କରି
ପାଣିସୁଅରେ ଭସେଇଦେବା
ଅନ୍ଧାର, ଦୁଃଖଭୋଗ
ଲହୁ ଓ ନିଷ୍ଠୁରତା।

ନଈ ପାଣିରେ
ପଖାଳି ନେବା ମୁହଁ
ଓ ମୁହଁରୁ ଉତାରି ଦେବା
ଯେତେ ମୁଖାର ଭ୍ରମ।

ମୋ: ୭୯୭୮୩୮୧୨୧୩

### ଭିନ୍ନ ମଣିଷ

ମୟୂରୀ ଦାଶ

ଦୁନିଆଟି ସମସ୍ତଙ୍କ ଗୋଟିଏ ହେଲେ ବି
ସମସ୍ତଙ୍କ ଦୁନିଆ ଅଲଗା...
କାହାଣୀରେ ଥାଇପାରେ
ଅନେକ ଚରିତ୍ର ହେଲେ
ସମସ୍ତଙ୍କ କାହାଣୀ ଅଲଗା... ।।
ଆଖେପାଖେ ଥାଇ ବି ନ ଥାଏ ପାଖରେ
ଦୂରରେ ଥାଇ ବି
ରହିପାରେ ହୃଦୟର ନିବିଡ଼ କୋଣରେ...
ହୁଏତ ସମସ୍ତଙ୍କ
ଦୂରତ୍ୱର ପରିଭାଷା ଅଲଗା... ।।

ତୁମେ ତୁମ କାହାଣୀର ନାୟକ ହେଇପାର
ଅବା କାହା ଅଧ୍ୟାୟର ଖଳନାୟକ
କାହା ଗପର ଅବା ପାର୍ଶ୍ୱ ଚରିତ୍ର...
ଅଭିନୟ ଚରିତ୍ର ଗୋଟିଏ ହେଲେ ବି
ସମସ୍ତଙ୍କ ଗପରେ ଚରିତ୍ର ଅଲଗା... ।।

ସମାନ ରୂପେ ବହେ ସମୟର ସ୍ରୋତ
ହେଲେ ସଭିଙ୍କ
ସମୟର ମାପଟି ଅଲଗା...
ସଙ୍ଗେ ମିଶି ଯେତେଦୂର
ବାଟ ଚାଲିଲେ ବି
ରାସ୍ତା ତ ଅଲଗା ଆଉ ଲକ୍ଷ୍ୟ ବି ଅଲଗା... ।।

ଦୁଇ ହାତ ଗୋଡ଼ ଆଖି ସହ
ଲକ୍ଷେ ସମାନତା ଥିଲେ ବି
ସମସ୍ତଙ୍କ ମୁଖାତଳର ମଣିଷ ଅଲଗା... ।।

ମୋ: ୯୯୩୭୫୬୧୩୦୧

## ପୁସ୍ତକ ପରିଚୟ

### ଏକା ଏକା ବର୍ଷା ମିଶ୍ର




**କବି:** ଅଭିରାମ ଦାସ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୨୫/-

୧୮୮ ପୃଷ୍ଠାର ଏ ବହିଟିରେ ବର୍ଷା ମିଶ୍ରଙ୍କୁ ନେଇ ୬୪ଟି କବିତା। କବିତାଗୁଡ଼ିକର ସ୍ୱତନ୍ତ୍ର ଶୀର୍ଷକ ନ ଥିବାରୁ ଏହାକୁ ଦୀର୍ଘ କବିତା କୁହାଯିବ। ଗ୍ରନ୍ଥ ଆରମ୍ଭରେ କବି 'କବିତାରେ ଶବ୍ଦ' ଶୀର୍ଷକ ଯେଉଁ ଗଦ୍ୟଟି ଲେଖିଛନ୍ତି, ତାହାର ପ୍ରଥମ ଅଂଶରେ କବିତାର ଭାବ ଓ ଭାଷାକୁ ନେଇ ତାଙ୍କର ନିଜସ୍ୱ ଅଭିମତ ରହିଛି ଓ ଦ୍ୱିତୀୟ ଅଂଶରେ ସଂକଳନସ୍ଥ କବିତାଗୁଡ଼ିକ ସମ୍ପର୍କରେ କୁହାଯାଇଛି। ଅଭିରାମ କହିଛନ୍ତି: ''ବର୍ଷା ମିଶ୍ର କିଏ ମୁଁ ଜାଣେନି, କିନ୍ତୁ ହଠାତ୍ ସିଏ ମୋ' ଚେତନା ଭିତରକୁ ପଶି ଆସେ, ତା' ସହ କଥାବାର୍ତ୍ତା, ଦୁଃଖସୁଖ ହୁଏ। ସିଏ ତା' ମାନଅଭିମାନର କଥା କହେ, ମୋ' ଉପରେ ରାଗରୋଷ କରେ। ଏସବୁ ସତ୍ତ୍ୱେ ସେ ମୋତେ ଭଲ ପାଇ ବସେ, ମୁଁ ବି ତାକୁ। ସେ ଆସିବାରୁ ମୋର ଦୃଷ୍ଟି ଓ ଦିଗନ୍ତର ପରିବର୍ତ୍ତନ ହୁଏ।'' ତାଙ୍କ ଭାଷାରେ ବର୍ଷା ମିଶ୍ର ପୁଣି ରାତି ପରି ନିଃସଙ୍ଗ, ଖରାବେଳ ପରି ନିର୍ଜନ, ଭୋର୍ ପରି ଶାନ୍ତ। ପୁସ୍ତକର କବିତାଗୁଡ଼ିକରୁ ବର୍ଷା ମିଶ୍ରଙ୍କର ଯେଉଁ ପରିଚୟ ମିଳେ, ସେଥିରୁ ଜଣାଯାଏ ଯେ ବର୍ଷା ମିଶ୍ର ଏକ ସଙ୍ଗରେ ଅବିବାହିତା, ବିବାହିତା, ସହପାଠିନୀ, ପତ୍ନୀ, ଗୃହିଣୀ ଓ ଅଧ୍ୟାପିକା। ଅର୍ଥାତ୍ ବହୁ ବ୍ୟକ୍ତିତ୍ୱର ଏକ ଫେଣ୍ଟାଫେଣ୍ଟି ପ୍ରେମରୂପ ହିଁ ବର୍ଷା ମିଶ୍ର। ସେ ଯେତିକି ବିଦେହୀ, ତତୋଽଧିକ ଦେହୀ। ତା' ଗାଲରୁ ଲିଭୁ ନ ଥାଏ ଚୁମ୍ବନର ଦାଗ, କେବେ ବି। ଓଠରେ ସରୁ ନ ଥିବା ମଧୁ ସତ୍ତ୍ୱେ ବାସରଘର ବିଛଣାରେ ସେ କାହିଁକି କାଳନାଗୁଣୀ- ବୁଝି ହୁଏନା। ସଂକଳନଟିର ଏକାଧିକ ବ୍ୟର୍ଥ ଓ ଅସଂଗଠିତ ଧାଡ଼ିଗୁଡ଼ିକୁ ଧୈର୍ଯ୍ୟ ଧରି ପାରି ହେଇଗଲେ ପାଠକ କେବେକେବେ ପାଏ ଚିତ୍ରକଳ୍ପର ଯେଉଁ ଉତ୍ତୀର୍ଣ୍ଣତା, ତାହାରି ଆଶ୍ରୟରେ ବହିଟିକୁ ପାଠକ ବାରବାର ମନେପକାଏ। ଯଥା: ୧. ''ହାତ ଧରିଲେ ବର୍ଷା ମିଶ୍ରର... ଉଦୟ ହୁଏ ପୂର୍ବଦିଗରୁ ସଜଗାଧୁଆ ନୂଆବୋହୂର ମୁହଁପରି ସୂର୍ଯ୍ୟ'' (ପୃ: ୧୦୩), ୨. ''ବର୍ଷା ମିଶ୍ର... ଶୀତ ସକାଳର, ଗଇଣ ଫୁଲ ପରି ଦିଶେ ଖୁବ୍ ସୁନ୍ଦର।'' (ପୃ: ୧୬୧)। ଓଡ଼ିଆ ପାଠକେ କ୍ଷମାଶୀଳ ବୋଲି 'ବଳି' ଜାଗାରେ 'ବାଳି' ଲେଖି କବି/ ପ୍ରକାଶକ ନିଜନିଜର ଦାୟିତ୍ୱବୋଧକୁ ଏଡ଼ାଇଯିବା ଗର୍ହିତ। 'ହୁକୁମାତି', 'ଲୋକକଥା', 'ଗୁଲିଗମାତ' ଭଳି ଶବ୍ଦର ପ୍ରୟୋଗ ଗ୍ରନ୍ଥସ୍ଥ କବିତାରେ ସାଦାପଣ ଭିତରେ ନାକଚଣା ପରି ସୁନ୍ଦର।

### ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ବୀକ୍ଷା ଓ ସମୀକ୍ଷା




**ଲେଖକ:** ଗଗନେନ୍ଦ୍ର ନାଥ ଦାଶ
**ପ୍ରକାଶକ:** ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ ୨୦ଟି ନିବନ୍ଧ ଓ ପରିଶିଷ୍ଟରେ ରହିଛି 'ଭାବେ ଅନୁପମା କବି ମନୋରମା', 'କାଞ୍ଚିକାବେରୀ ପ୍ରତ୍ୟାବର୍ତ୍ତନ' ଓ 'ଚିତ୍ରମନସ୍କ ହେବାର ଆବଶ୍ୟକତା: ଚିତ୍ର ମାନସ', ତା' ସହିତ ସମ୍ପାଦକୀୟ ଓ Foreword. 'ଅଗ୍ରଲେଖ'ରେ ଲେଖକ ସ୍ପଷ୍ଟ କରିଛନ୍ତି ଯେ ବିଭିନ୍ନ ସମୟରେ ଲିଖିତ ବିଭିନ୍ନ ସ୍ୱାଦର ଲେଖାଗୁଡ଼ିକୁ ଏଥିରେ ସଂଯୋଜିତ କରାଯାଇଛି, ଯଦିଓ ଏଗୁଡ଼ିକ ମଧ୍ୟରୁ କେତୋଟିକୁ ସଂକଳନସ୍ଥ କରିବାକୁ ସେ ସମ୍ମତ ନ ଥିଲେ। ବହିରେ ସ୍ଥାନିତ 'ନୂତନ ଇତିହାସର ସଂରଚନା: ବାଲିଯାତ୍ରା', 'ବିବର୍ତ୍ତନରେ ଗୀତଗୋବିନ୍ଦର ପରିଚିତି', 'ଜନଶ୍ରୁତିରେ ଜଗନ୍ନାଥ: ମଧ୍ୟ ଓ ଆଧୁନିକ ଯୁଗ', 'ପୁନଶ୍ଚ ଲକ୍ଷ୍ମୀପୁରାଣ ଚର୍ଚ୍ଚା', 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଓ ଫକୀରମୋହନ', 'ପୁନଶ୍ଚ ନଗେନ୍ଦ୍ରବାଳା ଓ ରାଧାନାଥ ପ୍ରସଙ୍ଗ', 'ଓଡ଼ିଆ ଅସ୍ମିତା ବିଚାର' ଓ 'ଜଗନ୍ନାଥ ଇନ୍ ଆଲିଏନ୍ ଆଇଜ୍' ଭଳି ନିବନ୍ଧଗୁଡ଼ିକ ପ୍ରଫେସର ଦାଶଙ୍କର ମୌଳିକ ଅଧ୍ୟୟନ ଓ ପୁରୋଦୃଷ୍ଟିସମ୍ପନ୍ନ ବିଷୟ ବିବେଚନାର ପରିଚୟ ଦିଏ। 'foreword' ରେ କୁହାଯାଇଛି: ''These days when moral values are getting eroded fast, this book will provide future generations with the strength to dream and the courage to fight the forces of evil.'' ସମାଜର ଅନ୍ୟାନ୍ୟ ବିଦ୍ୟା, ବିଭାବ ଓ ଅସ୍ମିତାଠାରୁ ଦାଶଙ୍କର ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚା ଯେ କଦାଚିତ୍ ବିଚ୍ଛିନ୍ନ ନୁହେଁ, ଆଲୋଚ୍ୟ ଗ୍ରନ୍ଥରେ ତାହା ପୁନଃ ସାବ୍ୟସ୍ତ।

## ଦୁଇଟି ମିନି କଥା

ଶିବ ମିଶ୍ର

### ବାପାଙ୍କ ଆସନ

ପିତୃଦିବସ ଉପଲକ୍ଷେ ଖବରକାଗଜରେ ପ୍ରକାଶ ପାଇଥିବା କେତୋଟି ଲେଖା ଭିତରୁ ଗୋଟିକର ଲେଖକ ଥିଲେ ଏଇ ଆମ ସହରର ଜଣେ ଲେଖକ। ମୁଁ ତାଙ୍କୁ ଜାଣେ, ତାଙ୍କ ବାପାଙ୍କୁ ବି ଜାଣେ। ସେ ଲେଖାଟି ମୋ' ମନକୁ ଛୁଇଁଲା। ତେତିଶ କୋଟି ଦେବତାଙ୍କ ଊର୍ଦ୍ଧ୍ୱରେ ନିଜ ବାପାଙ୍କୁ ଆସନ ଦେଇଥିବା ସେହି ପିତୃଭକ୍ତ ଲେଖକଙ୍କୁ ବଧେଇ ଜଣାଇବା ପାଇଁ ତା' ପରଦିନ ସକାଳୁ ମୁଁ ତାଙ୍କ ଘରଆଡ଼େ ଗଲାବେଳେ ବାଟରେ ତାଙ୍କ ବାପା ଦେଖାହେଲେ। ସିଏ ଲସରପସର ହୋଇ ଧାଉଁଥିବାର ଦେଖି ମୁଁ ପଚାରିଲି- ଏତେ ବ୍ୟସ୍ତ ହୋଇ ସକାଳୁ ସକାଳୁ କୁଆଡ଼େ ଯାଉଛନ୍ତି? ସିଏ କହିଲେ- ସାବୁନ କିଣିବା ପାଇଁ। ମୁଁ ପୁଣି ପଚାରିଲି- କ'ଣ ଲୁଗା ସଫା କରିବେ? ସିଏ କହିଲେ- ନାଇଁ ନାଇଁ। କଥା କ'ଣ କି କାଲି ବଜାରରୁ ଘରର ସଉଦା ନେଲାବେଳେ ବୋହୂଙ୍କର ଦେହଲଗା ସାବୁନ ନେବାକୁ ଭୁଲିଯାଇଥିଲି। ଆଜି ରାତି ପାହିବା ଆଗରୁ ପୁଅ ମୋତେ ଶୋଇଲା ଶେଯରୁ ଉଠାଇ ମୋର ସେହି ମହାଭୁଲ୍ ସମ୍ପର୍କରେ ଚେତାଇ ଦେଇ ଜୀବନ ଥିବାଯାଏଁ ଏପରି ଭୁଲ୍ ନ କରିବା ପାଇଁ ତାଗିଦା କରି ଦେଇ ଯିବା ପରେ ମୁଁ...। ସିଏ ଆଉ କିଛି ନ କହି ନୀରବ ରହିଲେ। ମୁଁ କହିଲି – ଆପଣଙ୍କ ବୋହୂ କ'ଣ ବିନା ସାବୁନରେ ଦିନଟିଏ ଗାଧୋଇ ପାରିବେନି? ସିଏ କହିଲେ- ସେକଥା ମୁଁ ଜାଣିନି, ହେଲେ ଶ୍ୱାସ ଓଷଦ ବିନା ମୁଁ ଓଳିଟିଏ ଚଳିପାରିବିନି ଏକଥା ଭଲକରି ଜାଣେ। ମୁଁ ପଚାରିଲି- ଆପଣଙ୍କ ଔଷଧ କ'ଣ ବୋହୂଙ୍କ ହାତମୁଠାରେ ଅଛି? ସିଏ କହିଲେ- ନାଇଁ ନାଇଁ, ମୋ' ଓଷଦ ପୁଅ ପାଖରେ ଅଛି। ପୁଅ ବୋହୂଙ୍କ ହାତମୁଠାରେ ଅଛି।

ଏବେ ସିଏ ଉଡ଼ନ୍ତା ପାଦ ପକାଇ ବଜାର ଆଡ଼େ ଚାଲିଲେ। ମୁଁ ସେଇଠୁ ଫେରନ୍ତାବାଟ ଧରିଲାବେଳେ ମୋତେ ଦିଶୁଥିଲା ସେ ଲେଖକ ତେତିଶ କୋଟି ଦେବତାଙ୍କ ଊର୍ଦ୍ଧ୍ୱରେ ରଖିଥିବା ତାଙ୍କ ବାପାଙ୍କ ଆସନ।

### ଧଡ଼ଡ଼ା ସାଇକେଲ




ସାଇକେଲଟିଏ ନେଇ ଦୁଆର ଦୁଆର ବୁଲି ପୁରୁଣା ବହିଖାତା, ରଦି କାଗଜ ବେପାର କରୁଥିବା ଲୋକଟିକୁ ମୁଁ ପଚାରିଲି- ତମ ବୟସ କେତେ? ସିଏ କହିଲା- ବାହା ହୋଇ ନ ପାରି ମୁହଁ ପୋତି ଘରେ ବସିଥିବା ଝିଅର ବୟସ ପଚିଶ ଡେଇଁଲାଣି। ମୁଁ ପଚାରିଲି- ତମ ବୟସ କେତେ? ଲୋକଟି କହିଲା- କାମ ଧନ୍ଦା ନ କରି, ଉପରମୁହାଁ ହୋଇ ଦାଣ୍ଡରେ ବୁଲୁଥିବା ପୁଅର ବୟସ ବତିଶକୁ ଧାପେଇଲାଣି। ଏଥର ମୁଁ କହିଲି- ତେବେ ତମେ ଏବେ ଷାଠିଏ, ପଞ୍ଚଷଠି ବର୍ଷର ବୁଢ଼ା ହୋଇଗଲଣି। ଲୋକଟି କହିଲା- ଏବେ ନୁହେଁ, କେବେଠୁ ମୁଁ ବୁଢ଼ା ହେବା ପାଇଁ ଭାବିଲିଣି, ହେଲେ ସିଏ ମୋ' ବାଟ ଓଗାଳି ବସିଛି। ମୁଁ ପଚାରିଲି- ସିଏ ପୁଣି କିଏ, ଯିଏ ତମ ବୁଢ଼ା ହେବା ବାଟ ଓଗାଳିଛି?

ମୁହଁରୁ ନିଗିଡ଼ି ପଡୁଥିବା ଝାଳକୁ କାନ୍ଧର ମସିଆ ଗାମୁଛାଟାରେ ପୋଛି ଦେଇ ସିଏ କହିଲା- ଏତେ କଥା କହିଲା ପରେ ବି ତମେ ଜାଣି ପାରିଲନି ଯେ, ମୋ' ବୁଢ଼ାହେବା ବାଟ ଓଗାଳି ବସିଛି ରଦି କାଗଜବୁହା ଏଇ ଧଡ଼ଡ଼ା ସାଇକେଲ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''ଅନ୍ଧାରକୁ ଡରୁଥିବା ଶିଶୁ ନୁହନ୍ତି, ଆଲୁଅକୁ ଡରୁଥିବା ବୟସ୍କ ଲୋକେ ହିଁ ଆମ ଦୁର୍ଦ୍ଦଶାର କାରଣ।''
– ମୁନ୍‌ସୀ ପ୍ରେମଚାନ୍ଦ

**ମୁନ୍‌ସୀ ପ୍ରେମଚାନ୍ଦଙ୍କ** ଜନ୍ମ ୩୧ ଜୁଲାଇ ୧୮୮୦ରେ ଓ ପରଲୋକ ୮ ଅକ୍ଟୋବର ୧୯୩୬ରେ, ବାରାଣସୀରେ। ତାଙ୍କର ପ୍ରକୃତ ନାମ ଧନପତ୍ ରାଏ ଶ୍ରୀବାସ୍ତବ ଓ ଛଦ୍ମନାମ ପ୍ରେମଚାନ୍ଦ। ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ସାମାଜିକ ଗଳ୍ପ ତଥା ଉପନ୍ୟାସ ରଚନା ପାଇଁ ସେ ପ୍ରସିଦ୍ଧ। ଜାତିପ୍ରଥା, ନାରୀ ଓ ଶ୍ରମିକ ସମସ୍ୟା ମୁଖ୍ୟତଃ ତାଙ୍କ ରଚନାରେ ଉଜ୍ଜ୍ୱଳ ରୂପ ଧାରଣ କରିଥାଏ। 'ଗୋଦାନ', 'କର୍ମଭୂମି', 'ଗବନ', 'ମାନସରୋବର' ଓ 'ଇଦ୍‌ଗା' ହେଉଛି ତାଙ୍କର କତିପୟ ଚର୍ଚ୍ଚିତ ରଚନା। ବିଂଶ ଶତାବ୍ଦୀର ଆଦ୍ୟପାଦରେ ପ୍ରେମଚାନ୍ଦ ଥିଲେ ପ୍ରମୁଖ ଭାରତୀୟ ଉପନ୍ୟାସକାରଙ୍କ ମଧ୍ୟରେ ପ୍ରମୁଖତମ।

## ଗଳ୍ପ

### ଶାଢ଼ି

କ୍ଷୀରାବ୍ଧି ଦାଶ

''ମଲା ମୋର। ଯେ ଅଣ୍ଡିରାଟା ଏମିତି କାହିଁ ହଉଚି ବା। ଓଃ... ଗୋଟେ ଚାକିରି କରି ପକେଇଚି ଯେ, ସତେ ଯେମିତି ଯେ ଘରର ମାଲିକ ଆଉ ମୁଁ ହେଲି ଚାକରାଣୀ।''

ସବୁଦିନ ଏଇ ସମାନ ଗାଳି। ସମାନ ଝଗଡ଼ା। ଆଉ ସମାନ କଥା। ମୋ' ଜେଜେମା' ଆଉ ଜେଜେବାପାଙ୍କ କଳି ଦେଖିଲେ ଯେତିକି ରାଗ ଲାଗିବ ସେତିକି ହସ ବି ଲାଗିବ। କଥା କ'ଣ କି। ମୋ' ଜେଜେବାପା ପୂରା ପାଞ୍ଚଖଣ୍ଡ ଗାଁର ଏକମାତ୍ର ସରକାରୀ ଚାକିରିଆ। ତେଣୁ ତାଙ୍କ ପାଖକୁ ସବୁଦିନ କେହି ନା କେହି ଲୋକ କିଛି ନା କିଛି ସମସ୍ୟା ନେଇ ଆସିବା ସ୍ୱାଭାବିକ। ଆଉ ଯେ କଥାକୁ ନେଇ ଜେଜେ ଭାରି ଗର୍ବିତ। ସେ ଚାହାନ୍ତି ଯେ ଜେଜେମା' ବି ତାଙ୍କ ସହ ବସି ନ୍ୟାୟ ନିଶାପ କରୁ। ଭଲ ମନ୍ଦ ପଚାରି ବୁଝୁ। କିନ୍ତୁ ଜେଜେମା' କ'ଣ କରୁଥିବ ଜାଣନ୍ତି! ଗୋବର ଲିପୁଥିବ ନ ହେଲେ ଗୁହାଳ ସଫା କରୁଥିବ, ତା' ପୁଣି ଲୁଗାକୁ ଆଣ୍ଠୁଯାଏ ଟେକି। ଲୁଗା କାନି ଖାଲି ଯାହା ବେକରେ ଗୁଡ଼େଇ ହେଇଥିବ। ଜେଜେଙ୍କୁ ଭାରି ରାଗ ଲାଗେ। ''ଯେ ବୁଢ଼ୀଟା ସିନା ପାଠ ପଢ଼ିନି, କିନ୍ତୁ କ'ଣ ଲୁଗା ବି ଠିକ୍‌ରେ ପିନ୍ଧିଜାଣିନି। ଓ ହୋ। କି ବେଳରେ ମଣିଷ ତାକୁ ବାହାହେଲା କେଜାଣି!''

କିନ୍ତୁ ପୁଣି ଆଉ ଦଶ ମିନିଟ୍ ପରେ ବୋଉକୁ ଯାଇ ଧୀରେ ପଚାରିବେ, ''କ'ଣ ସାଆନ୍ତାଣୀଙ୍କ ମାନଭଞ୍ଜନ ହେଲାଣି ତ।'' ମୁହଁରେ ଲୁଗା କାନି ଦେଇ ଫିକ୍ କିନା ହସି ଦିଏ ବୋଉ।


ବୋଉ ମୋର କୁଞ୍ଚ କରି ଲୁଗା ପିନ୍ଧେ। ପ୍ରାୟ ସେ ସୂତାଶାଢ଼ି ହିଁ ପିନ୍ଧେ। ବାହାରକୁ ଗଲାବେଳେ ବି ସେଇ ସମ୍ବଲପୁରୀ ସୂତାଶାଢ଼ି ହିଁ ପିନ୍ଧେ। ଏମିତି ନୁହେଁ ଯେ ତା'ର ସିଫନ୍ କି ସିଲ୍କ ଶାଢ଼ି ନାହିଁ। କିନ୍ତୁ ମୁଁ କି ବାପା ଯେତେ କହିଲେ ବି ସେ ଶୁଣେନି। ବାହାହେଇ ଆସିଲା ବେଳେ ସିଲ୍କ ଶାଢ଼ି ପିନ୍ଧି ଆସିଥିଲା। ଆମେ କିଏ କିଛି କହିଲେ କହିବ କ'ଣ ନା, ''ସେ ଶାଢ଼ି ପିନ୍ଧି ତୋ ବାପା ମୋତେ ବୋହୂ କରି ଆଣିଥିଲେ। ପୁଣି ସେ ଶାଢ଼ି ପିନ୍ଧି ମୁଁ ତାଙ୍କ କାନ୍ଧରେ ମଶାଣିକୁ ଯିବି। ବୁଝିଲୁ ହୁଣ୍ଡୀ।'' କିନ୍ତୁ ମୋ' ବୋଉର ସମ୍ବଲପୁରୀ ଶାଢ଼ିରେ ଭାରି ଲୋଭ। ମୁଁ ଆଉ ବାପା ଠିକ୍ ଜାଣିଚୁ। ଆଜିଯାଏ ସେ କେବେ ଶାଢ଼ିରେ ପିନ୍ ମାରିବା ମୁଁ ଦେଖିନି। କେଡ଼େ ସୁନ୍ଦର ଭାବରେ କୁଞ୍ଚ କରି ସେ ଶାଢ଼ି ପିନ୍ଧେ। କାନ୍ଧରେ ଶାଢ଼ିକୁ ସେମିତି ପକେଇ ମୁଣ୍ଡରେ ଓଢ଼ଣା ଦିଏ। ଆଜି ଯାଏ ତା' ମୁଣ୍ଡରୁ ଓଢ଼ଣା ବି କେବେ ଖସିନି। କି ଚମତ୍କାର ଦିଶେ ମୋ' ବୋଉ!

ସମୟକ୍ରମେ ମୋର ବାହାଘର ହେଲା। ମୁଁ ଘରୁ ଦଶଖଣ୍ଡ ପାଟ ଆଣିଥିଲି। ଖଣ୍ଡୁଆ ପାଟ, ପିଓର ସିଲ୍କ, ଫ୍ୟାନ୍ସି ପାଟ ଏମିତି କେତେ ପ୍ରକାର ଲୁଗା ଦେଇଥିଲା ବୋଉ। ମୁଁ ବୋଉ ପରି କୁଞ୍ଚ କରି ଶାଢ଼ି ପିନ୍ଧେ। କିନ୍ତୁ କାନ୍ଧରେ ପ୍ଲିଟ୍ କରି ପିନ୍ ମାରେ। ପୁଣି କୁଞ୍ଚରେ ବି ପିନ୍ ମାରେ। ନ ହେଲେ ମୋତେ ଲାଗେ କାଳେ ମୋ ଶାଢ଼ି ଖସିଯିବ। କେତେ ଲାଜ ଲାଗିବ। ସମୟକ୍ରମେ ମୁଁ ଭଳିକି ଭଳି ବହୁ ଶାଢ଼ି କିଣିଲି। ଆଉ ଶାଢ଼ି ପିନ୍ଧିବା ମୋର ଅଭ୍ୟାସ ଆଉ ସଉକ ହେଇଗଲା।

ମୋ' ଝିଅ ଏବେ ବାହାହେଲା। ସେ ଲେହେଙ୍ଗା ପିନ୍ଧି ବାହାହେଲା। ଆଉ ସାଙ୍ଗରେ ଶାଢ଼ି ନେବା ପରିବର୍ତ୍ତେ ସାଲ୍‌ୱାର ସୁଟ୍, କୁର୍ତ୍ତି, ଜିନ୍। ଏ ସବୁ ନେଇ ଫରେନ୍ ଗଲା। କେବେ କେମିତି ଜୋଇଁଙ୍କର କିଛି ପାର୍ଟି କି ଫଙ୍କସନ ଥିଲେ ସେ ଶାଢ଼ି ପିନ୍ଧେ। ତା' ବି ପୁଣି ପାର୍ଲର ଯାଇ। ତା' ଝିଅ କ'ଣ ପିନ୍ଧିବ, କେମିତି ପିନ୍ଧିବ ତା' ଦେଖିବାକୁ କି ଲେଖିବାକୁ ମୁଁ ବୋଧେ ଆଉ ଏ ଦୁନିଆରେ ନ ଥିବି।

ଏତେ ସବୁ କଥା କହିବାର ଉଦ୍ଦେଶ୍ୟ ହେଉଛି ଶାଢ଼ି ଆମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସାଥୀ। ପଞ୍ଚତାରକା ହୋଟେଲରେ ଯେଉଁଭଳି ଭାବେ ମହିଳା ଜଣଙ୍କୁ ଅପମାନ କରାଗଲା, ମୁଁ ତାକୁ ଗଭୀର ନିନ୍ଦା କରୁଛି। ଶାଢ଼ି ପିନ୍ଧିବା ଭୁଲ୍ ନୁହେଁ। ତା' ବି ପୁଣି ଭାରତ ଭଳି ଗୋଟେ ପବିତ୍ର ଦେଶରେ। ନାରୀକୁ ପୂର୍ଣ୍ଣ କରି ତୋଳି ଧରେ ଶାଢ଼ି। ନାରୀ, ଶାଢ଼ି ଆଉ ଭାରତ ଏ ତିନି ସାଥୀଙ୍କୁ କେବେ ଅଲଗା କରି ହେବନି। ଜିନ୍ କିମ୍ବା ସାଲ୍‌ୱାର ଖରାପ ନୁହେଁ। କି ସେ ସବୁ ପିନ୍ଧିବା ବି ଖରାପ ନୁହେଁ। କିନ୍ତୁ ଶାଢ଼ିର ଅପମାନ କରିବା ଖରାପ। କଳା ଶାଢ଼ି ପିନ୍ଧି ନାରୀ କାଳୀ ହେଇଯାଏ। ଶୁଭ୍ର ଶାଢ଼ିରେ ସରସ୍ୱତୀ। ଆଉ ନାଲିରେ ଦୁର୍ଗା ତ ହଳଦୀ ରଙ୍ଗର ଶାଢ଼ିରେ ସେ ଲକ୍ଷ୍ମୀ ପରି ଦିଶେ। ମୋ' ଦେଶର ସଂସ୍କୃତି, ପରମ୍ପରା, ଆଭିଜାତ୍ୟ ସବୁର ପରିଚୟ ଶାଢ଼ି। ଆଉ ମୁଁ ମୋ ପରମ୍ପରାକୁ ନେଇ ଗର୍ବିତ।

ଯୋଧପୁର, ରାଜସ୍ଥାନ
ମୋ: ୭୬୮୪୯୬୬୬୫୪



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ଜୁଲାଇ ୯/୨୦୨୨ Rayagada, Saturday, July 9/ 2022







# ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୮।୭ (କ୍ରୀଡ଼ା ପ୍ରତିନିଧି)** ଅନ୍ତର୍ଜାତୀୟ ବ୍ରେଲି ଚେସ୍ ଆସୋସିଏଶନ (ଆଇବିସିଏ) ଆନୁକୂଲ୍ୟରେ ମାସିଡୋନିଆର ଓରିଡ୍‌ଠାରେ ଜୁନ୍ ୨୮ରୁ ଜୁଲାଇ ୭ ପର୍ଯ୍ୟନ୍ତ ଆୟୋଜିତ ଦୃଷ୍ଟିହୀନ ଦଳଗତ ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୯ ରାଉଣ୍ଡରେ ଅପରାଜିତ ଦ୍ୱିତୀୟ ବୋର୍ଡରେ ଏହି ସଫଳତା ପାଇଛନ୍ତି। ଏହାଛଡ଼ା ତୃତୀୟ ବୋର୍ଡରେ କିଶନ ଗାଙ୍ଗୁଲି ଏବଂ ୪ର୍ଥ ବୋର୍ଡରେ ସ୍ୱପ୍ନିଲ ଶାହା ରୌପ୍ୟ ପଦକ ଲାଭ କରିଥିବାରୁ ଭାରତୀୟ ଦଳ ୬ଷ୍ଠ ସ୍ଥାନ ଅଧିକାର କରିଛି। ବିଶ୍ୱସ୍ତରରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ନିକଟରେ ଜାତୀୟ ଚାମ୍ପିୟନ ହୋଇଥିବା ସୌନ୍ଦର୍ଯ୍ୟ ଦ୍ୱିତୀୟ ବୋର୍ଡରେ ୫ ବିଜୟ ଓ ୪ ଡ୍ର ସହ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବହୁ ଉଚ୍ଚ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ବିପକ୍ଷରେ ମ୍ୟାଚ ଜିତିବା ଏବଂ ଆଉ କେତେକଙ୍କ ସହ ମ୍ୟାଚ ଡ୍ର ରଖିବା ଯୋଗୁ ସୌନ୍ଦର୍ଯ୍ୟ (୧୭୮୨ ରେଟିଂ)ଙ୍କ ପରଫର୍ମାନ୍ସ ରେଟିଂ ଚାମ୍ପିୟନଶିପ୍ ଶେଷ ବେଳକୁ ୨୨୫୩ରେ ପହଞ୍ଚିଥିଲା। ସୌନ୍ଦର୍ଯ୍ୟଙ୍କ ବଡ଼ଭାଇ ପ୍ରାତୁର୍ଯ୍ୟ ପ୍ରଧାନ ମଧ୍ୟ ଜଣେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଚେସ୍ ଖେଳାଳି।

**ଦୃଷ୍ଟିହୀନ ଦଳଗତ ଚେସ୍**



ସୌନ୍ଦର୍ଯ୍ୟ କୁମାର ପ୍ରଧାନ

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ସତୀଭଟା ଗ୍ରାମରେ ଜନ୍ମିତ ସୌନ୍ଦର୍ଯ୍ୟ ସମ୍ପ୍ରତି ନୂଆପଡ଼ା ଜିଲା ବୋଡେନଠାରେ ବାପା ରବିରଞ୍ଜନ ପ୍ରଧାନଙ୍କ ସହ ରହୁଛନ୍ତି।

# ଜିମ୍ବାୱେ ଟୁର୍‌ରେ ଯିବ ଭାରତ

**ନୂଆଦିଲ୍ଲୀ, ୮।୭ (ପି.ଟି.):** ଆସନ୍ତା ମାସରେ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଟୁର୍‌ରେ ଯିବ। ଏଥିଲାଗି ବିଧିବଦ୍ଧ ଦିନ ଧାର୍ଯ୍ୟ ହୋଇନାହିଁ। ଖବର ଅନୁସାରେ ଆଇସିସି ଦିନିକିଆ ସୁପର ଲିଗ୍‌ର ଏକ ଅଂଶସ୍ୱରୂପ ଭାରତ ତିନୋଟି ମ୍ୟାଚ ଖେଳିବ। ସମ୍ଭବତଃ ଅଗଷ୍ଟ ୧୮, ୨୦ ଓ ୨୨ରେ ଖେଳାଯାଇପାରେ। ଏହି ସିରିଜ ଜିମ୍ବାୱେ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆସନ୍ତାବର୍ଷ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ ଲାଗି ପଏଣ୍ଟ ସଂଗ୍ରହ କରିହେବ। ୬ ବର୍ଷ ମଧ୍ୟରେ ଏହି ଆଫ୍ରିକୀୟ ଦେଶକୁ ଭାରତର ଏହା ପ୍ରଥମ ଟୁର। ପୂର୍ବରୁ ୨୦୧୬ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୩ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ଖେଳିଥିଲା।

# ୟୁରୋପ ଗସ୍ତରେ କ୍ରୀଡ଼ାମନ୍ତ୍ରୀ



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନେତୃତ୍ୱରେ ୟୁରୋପ ଗସ୍ତରେ ଯାଇଥିବା ପ୍ରତିନିଧି ମଣ୍ଡଳୀ।

**ଭୁବନେଶ୍ୱର, ୮।୭ (କ୍ରୀଡ଼ା ପ୍ରତିନିଧି):** ୨୦୨୩ ପୁରୁଷ ହକି ବିଶ୍ୱକପ ଭୁବନେଶ୍ୱର ଏବଂ ରାଉରକେଲାରେ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟ ପାଇଁ ରାଜ୍ୟ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ୨୦୧୮ ପରେ ୨୦୨୩ରେ ଓଡ଼ିଶାରେ ଦ୍ୱିତୀୟଥର ବିଶ୍ୱକପ ହେବା ସମଗ୍ର ଓଡ଼ିଆବାସୀଙ୍କ ଲାଗି ଗର୍ବର ବିଷୟ। ତେଣୁ ଆଗାମୀ ହକି ବିଶ୍ୱକପର ସଫଳ ଆୟୋଜନକୁ ବିଭାଗ ପ୍ରାଥମିକତା ଦେଉଛି। ଏହାର ପୂର୍ବ ପ୍ରସ୍ତୁତି ସ୍ୱରୂପ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ସହ ଶୁକ୍ରବାର ୟୁରୋପ ଗସ୍ତରେ ଯାଉଛନ୍ତି। ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ, କ୍ରୀଡ଼ା ବିଭାଗର ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ, ଶୈଳେନ୍ଦ୍ର କୁମାର ଜେନା, ରଞ୍ଜିତ ପରିଡ଼ା, ଯୁଗ୍ମ ଶାସନ ସଚିବ ତଥା ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କୈଳାସ ଚନ୍ଦ୍ର ଦାସ, ବିଭାଗର ବରିଷ୍ଠ ଅଧିକାରୀଗଣ ଏବଂ ବିଭିନ୍ନ ଡିସିପ୍ଲିନ୍‌ରେ କାର୍ଯ୍ୟରତ ବିଶେଷଜ୍ଞମାନେ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଅଛନ୍ତି। ବର୍ତ୍ତମାନ ନେଦରଲାଣ୍ଡ ଏବଂ ସ୍ପେନ୍‌ରେ ମହିଳା ବିଶ୍ୱକପ୍ ଆୟୋଜନ ହେଉଛି। ଆୟୋଜକ ଏଫ୍‌ଆଇଏଚ୍‌ର ନିମନ୍ତ୍ରଣକ୍ରମେ କ୍ରୀଡ଼ା ଓ ଯୁବସେବା ବିଭାଗର ୧୧ ଜଣିଆ ପ୍ରତିନିଧିମଣ୍ଡଳୀ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ନେତୃତ୍ୱରେ ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ବାଟଦେଇ ଆମଷ୍ଟରଡାମ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ୧୦ ଦିନ ରହଣି କାଳରେ ପ୍ରତିନିଧିମଣ୍ଡଳୀ ଭାରତ ସମେତ ବିଭିନ୍ନ ମ୍ୟାଚ ପରିଦର୍ଶନ କରିବା ସହ ମେଗା ଇଭେଣ୍ଟର ଆୟୋଜନ, ଆତିଥ୍ୟ ଶୈଳୀ, ଗଣମାଧ୍ୟମ ଓ ସାମାଜିକ

**ହକି ବିଶ୍ୱକପ ପୂର୍ବପ୍ରସ୍ତୁତି**

ଗଣମାଧ୍ୟମ ସୁପରିଚାଳନା, ଖେଳର ପ୍ରଚାରପ୍ରସାର, ଖେଳାଳିମାନଙ୍କ ରହଣି, ଯିବାଆସିବା ଏବଂ ସୁରକ୍ଷା ବ୍ୟବସ୍ଥା ଆଦି ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବେ। ଏହି ପ୍ରତିନିଧିମଣ୍ଡଳୀ ସେଠାକାର ଖେଳ ପରିଚାଳନାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଏହାକୁ କିପରି ୨୦୨୩ରେ ହେବାକୁ ଥିବା ପୁରୁଷ ବିଶ୍ୱକପରେ ପ୍ରତିଫଳିତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବେ। ବିଧାନସଭା ପାଇଁ କ୍ରୀଡ଼ାମନ୍ତ୍ରୀ ୧୨ ତାରିଖରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ ସଦସ୍ୟମାନେ ପୂରା ୧୦ ଦିନ ସେଠାରେ ରହିବେ। "ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ସବୁବେଳେ କ୍ରୀଡ଼ା ଭ୍ରାତୃତ୍ୱଭାବକୁ ଗୁରୁତ୍ୱ ଦେଇ ଆସିଥିବାବେଳେ ଆଗକୁ ଏହି ଧାରା ବଜାୟ ରହିବ। ରାଉରକେଲା ଓ ଭୁବନେଶ୍ୱରରେ ହେବାକୁଥିବା ୨୦୨୩ ହକି ବିଶ୍ୱକପ୍ କିପରି ଅଧିକ ସରସସୁନ୍ଦର ହୋଇପାରିବ ଏବଂ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଓଡ଼ିଶା ଦଳ ବିଦେଶ ଗସ୍ତରେ ଯାଉଛନ୍ତି ତାହା କିପରି ସଫଳ ହେବ ସେଥିନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା" ବୋଲି ଗସ୍ତ ଅବସରରେ ତୁଷାରକାନ୍ତି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ସରକାର କ୍ରୀଡ଼ା ଭିତ୍ତିଭୂମିର ଉନ୍ନତୀକରଣ ସହ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରି ସମଗ୍ର ବିଶ୍ୱରେ ପ୍ରଶଂସା ସାଉଣ୍ଟିଛନ୍ତି। ଗତ କିଛି ବର୍ଷ ଧରି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କ୍ରୀଡ଼ା କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ହାତକୁ ନେବା ଯୋଗୁ ବର୍ତ୍ତମାନ ଓଡ଼ିଶା ସାରା ଦେଶ ତଥା ବିଶ୍ୱରେ ଏକ କ୍ରୀଡ଼ା ହବ୍‌ର ମାନ୍ୟତା ହାସଲ କରିପାରିଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ